

ଯା ଦେବୀ ସର୍ବଭୂତେଷୁ............

ନିରପେକ୍ଷ ଦୈନିକ ସମ୍ବାଦପତ୍ର

# ଧ୍ୱନି ପ୍ରତିଧ୍ୱନି

**The Dhwani Pratidhwani**

website : www.dhwanipratidhwani.net
email: pratidhwani.dhwani@gmail.com

ବାଲେଶ୍ୱର ■ ଶନିବାର ୩୧ ଅକ୍ଟୋବର ୨୦୨୦ ■ ମୂଲ୍ୟ ଟ. ୨.୦୦ ପଇସା ■ ପୃଷ୍ଠା ସଂଖ୍ୟା-ଆଠ ■ Baleshwar ♦ SATURDAY 31 OCTOBER 2020
Vol.No. 30 ■ No. 274 ■ Price :Rs.2.00 ( 8 pages) ■ R.N.I. Registered No. 52528/91 ■ Postal Registered No. Balasore(Odisha)/005/2019



**SAI SADHANA SCIENCE HIGHER SECONDARY SCHOOL, UDALA**



A Fully +2 Science Residential College
Dibyasingpur, Udala,
Dist: Mayurbhanj



**2nd Admission is going on**

SUMMER COURSE:- 2nd Batch Admission
Starts from: Dt.19.03.2020 and Class Starts From:- 2nd April (Thursday)
ଏହି SUMMER COURSE FEE କେବଳ ମାତ୍ର ୪୦୦୦ଟଙ୍କା ରେ ଖାଇବା,ରହିବା ଓ ପଢିବା ର ସୁବ୍ୟବସ୍ଥା ରହିଛି ।
*For better development of students are taught by highly and well experienced faculties.*
Contact No: 9437294587, 9438232419, 9437443950,


# ତୁର୍କୀରେ ପ୍ରକୃତିର ତାଣ୍ଡବ

➤ ଭୟଙ୍କର ଭୂକମ୍ପରେ ଦୋହଲିଗଲା ତୁର୍କୀ ଓ ଗ୍ରୀସ୍
➤ ଭୁଶୁଡ଼ି ପଡ଼ିଲା ବଡ଼ ବଡ଼ ଅଟ୍ଟାଳିକା



ଏଥେନ୍ସ/ଅଙ୍କାରା ,୩୦।୧୦ (ନି.ପ୍ର): ଶୁକ୍ରବାର ତୁର୍କୀ ଏବଂ ଗ୍ରୀସ୍ ସୀମାରେ ଜୋରଦାର ଭୂକମ୍ପ ଅନୁଭୂତ ହୋଇଛି । ରିକ୍ଟର ସ୍କେଲରେ ଏହାର ତୀବ୍ରତା ୭.୦ ମାପ କରାଯାଯାଇଛି । ଭୂକମ୍ପ ଯୋଗୁଁ ତୁର୍କୀରେ ବହୁ କ୍ଷତି ହୋଇଛି । ଇଜମିରର ଅନେକ ସ୍ଥାନରେ ବଡ ବଡ କୋଠା ଭୁଶୁଡି ପଡିଛି । ଅନ୍ୟପକ୍ଷରେ ଭୂକମ୍ପ ପରେ ଗ୍ରୀସରେ ସୁନାମି ଆସିଛି । ଖବର ଅନୁଯାୟୀ ତୁର୍କୀରେ ଚାରି ଜଣଙ୍କର ମୃତ୍ୟୁ ହୋଇଥିବାବେଳେ ୧୦୦ ରୁ ଅଧିକ ଲୋକ ଆହତ ହୋଇଛନ୍ତି । ତୁର୍କୀ ସ୍ୱାସ୍ଥ୍ୟମନ୍ତ୍ରୀ ଫହାର୍ଟିନ୍ କୋକା କହିଛନ୍ତି ଯେ ଦୁର୍ଭାଗ୍ୟବଶତଃ ଏହି ଭୂକମ୍ପରେ ଆମର ଚାରିଜଣ ନାଗରିକ ପ୍ରାଣ ହରାଇଛନ୍ତି । ତୁର୍କୀର ଉପକୂଳବର୍ତୀ ସହର ଇଜମିରରେ ବିଲଡିଂ ଭୁଶୁଡି ପଡିଛି । ତୁର୍କୀ ଗଣମାଧ୍ୟମ ଅନୁଯାୟୀ, ଇଜମିରର ରାଜ୍ୟପାଳ କହିଛନ୍ତି ଯେ ବର୍ତମାନ ପର୍ଯ୍ୟନ୍ତ ୭୦ ଜଣ ଲୋକଙ୍କୁ ଉଦ୍ଧାର କରାଯାଇଛି । ତୁର୍କୀର ମନ୍ତ୍ରୀ ସୁଲେମାନ ସୋଏଲୁ ଟ୍ୱିଟରରେ କହିଛନ୍ତି ଯେ ବର୍ତମାନ ସୁଦ୍ଧା ୬ ଟି ଭାଙ୍ଗିଯାଇଥିବା କୋଠା ବିଷୟରେ ସୂଚନା ପାଇଛୁ ।ଭୂକମ୍ପ ଯୋଗୁଁ ବର୍ନୋଭା ଏବଂ ବେରାକାଲିରେ ଥିବା ଅଟ୍ଟାଳିକା ନଷ୍ଟ ହୋଇଯାଇଛି । ବିଭିନ୍ନ ସହରରେ ରିଲିଫ ଏବଂ ଉଦ୍ଧାର କାର୍ଯ୍ୟ ଜାରି ରହିଛି । ଗ୍ରୀକ୍ ଗଣମାଧ୍ୟମ ଅନୁଯାୟୀ ଏହି ଭୂକମ୍ପରେ ସାମୋସ ର ପୂର୍ବ ଇଜିୟନ୍ ସାଗର ଦ୍ୱୀପରେ ଏକ ସୁନାମି ଆସିଛି । ଏଥିଯୋଗୁଁ କୋଠାଗୁଡ଼ିକ ନଷ୍ଟ ହୋଇଯାଇଛି । ଆମେରିକୀୟ ଭୂତତ୍ୱ ସର୍ବେକ୍ଷଣ ଅନୁଯାୟୀ, ଭୂକମ୍ପର କେନ୍ଦ୍ରସ୍ଥଳ ଗ୍ରୀସର ଅଣ-କାର୍ଲୋଭାସିୟାନ୍ ସହରର ଉତର-ପୂର୍ବରେ ୧୪ କିଲୋମିଟର ଦୂରରେ ଥିଲା ।

## ଆଜି ବଙ୍ଗୋପସାଗରରେ ଲଘୁଚାପ ସମ୍ଭାବନା

ଭୁବନେଶ୍ୱର,୩୦।୧୦ (ନି.ପ୍ର): ପୂର୍ବ କେନ୍ଦ୍ରୀୟ ବଙ୍ଗୋପସାଗର ଓ ତତସଂଲଗ୍ନ ଉତର ଆଣ୍ଡାମାନ୍ ସାଗରର ୧.୫ କିମି ଓ ୪.୫ କିମି ମଧ୍ୟରେ ଏକ ଘୂର୍ଣ୍ଣିବଳୟ ସୃଷ୍ଟି ହୋଇଛି । ଏହାର ପ୍ରଭାବରେ ଆସନ୍ତାକାଲି ସୁଦ୍ଧା ବଙ୍ଗୋପସାଗରରେ ଲଘୁଚାପ ହେବାର ସମ୍ଭାବନା ରହିଛି । ପରବର୍ତୀ ୪୮ ଘଂଟା ମଧ୍ୟରେ ଏହା ବାଲାଂଦେଶ ଉପକୂଳ ମୁହାଁ ହେବ ବୋଲି ଭୁବନେଶ୍ୱର ସ୍ଥିତ ଆଂଚଳିକ ପାଣିପାଗ କେନ୍ଦ୍ର ପକ୍ଷରୁ ସୂଚନା ଦିଆଯାଇଛି ।

## ଦୀପ୍ତିପଦ୍ମା ବେସିକ୍ ସାଇନ୍ସ ଟପ୍ପର

ଭୁବନେଶ୍ୱର,୩୦।୧୦ (ନି.ପ୍ର): ଓଡିଶା କୃଷି ଓ ବୈଷୟିକ ବିଶ୍ୱବିଦ୍ୟାଳୟ(ଓୟୁଏଟି) ପରିଚାଳିତ ବେସିକ୍ ସାଇନ୍ସ(+୩) ଶେଷ ବର୍ଷ ପରୀକ୍ଷାରେ ଯାଜପୁର ଜିଲ୍ଲା ବିଞ୍ଝାରପୁରର ଦୀପ୍ତିପଦ୍ମା ମଲ୍ଲିକ ୯୦.୧୬ ପ୍ରତିଶତ ନମ୍ବର ରଖି ବେଷ୍ଟ ଗ୍ରାଜୁଏଟ୍ (ଶ୍ରେଷ୍ଠ ସ୍ନାତକ) ହୋଇଛନ୍ତି । ଏହି ଶେଷ ବର୍ଷ ପରୀକ୍ଷାରେ ମୋଟ ୨୧୬ ଜଣ ଛାତ୍ରଛାତ୍ରୀ ପରୀକ୍ଷା ଦେଇଥିଲେ । ତନ୍ମଧ୍ୟରୁ ୨୦୬ ଜଣ ଉତୀର୍ଣ୍ଣ ହୋଇଛନ୍ତି । ପ୍ରଥମ ଶ୍ରେଣୀରେ ୧୮୫ ଜଣ ଓ ଦ୍ୱିତୀୟ ଶ୍ରେଣୀରେ ୨୧ ଜଣ ଛାତ୍ରଛାତ୍ରୀ ଉତୀର୍ଣ୍ଣ ହୋଇଥିବା ବେଳେ ଦୀପ୍ତିପଦ୍ମା ପ୍ରଥମ ସ୍ଥାନରେ ପ୍ରଥମ ହୋଇ ବେଷ୍ଟ ଗ୍ରାଜୁଏଟ୍ ହେବାର ଗୌରବ ଲାଭ କରିଛନ୍ତି । ସୂଚନାଯୋଗ୍ୟ ଯେ,ଦୀପ୍ତିପଦ୍ମା ରାଜ୍ୟ ପଣ୍ୟାଗାର ନିଗମର ଅବସରପ୍ରାପ୍ତ ଅଧିକ୍ଷକ ଓ ସମାଜସେବୀ ଦାମୋଦର ମଲ୍ଲିକ ଏବଂ ପୂର୍ବତନ ମନ୍ତ୍ରୀ ତଥା ଶାସକଦଳ ମୁଖ୍ୟ ସଚେତକ ପ୍ରମିଳା ମଲ୍ଲିକଙ୍କର ଏକମାତ୍ର କନ୍ୟା ଅଟନ୍ତି । ଦୀପ୍ତିପଦ୍ମାଙ୍କର ଏହି କୃତିତ୍ୱରେ ବିଭିନ୍ନ ମହଲରୁ ଅଭିନନ୍ଦନ ଓ ଶୁଭେଚ୍ଛାର ସ୍ରୋତ ଛୁଟୁଥିବା ଜଣାଯାଇଛି ।

## ଦେଶରେ ଗତ ୨୪ଘଂଟା ମଧ୍ୟରେ କୋଭିଡ ପାଇଁ ୧୧,୬୪,୬୪୮ ନମୂନାର ପରୀକ୍ଷଣ

ନୂଆଦିଲ୍ଲୀ,୩୦।୧୦ (ନି.ପ୍ର): ଦେଶରେ ଗତ ୨୪ଘଂଟା ମଧ୍ୟରେ କୋଭିଡ ପାଇଁ ୧୧,୬୪,୬୪୮ ନମୂନାର ପରୀକ୍ଷଣ କରା ଯାଇଛି । ଏହା ସହିତ ଦେଶରେ ବର୍ତମାନ ସୁଦ୍ଧା, ୧୦,୭୭,୨୮,୦୮୮ ନମୂନାର ପରୀକ୍ଷଣ କରା ଯାଇଥିବା ଆଇଏମସିଆର ପକ୍ଷରୁ ସୂଚନା ଦିଆ ଯାଇଛି ।

## ଓଡ଼ିଶାରେ ହେଉଛି କରୋନା ରି-ଇନ୍‌ଫେକସନ୍

ଭୁବନେଶ୍ୱର,୩୦।୧୦ (ନି.ପ୍ର): ଓଡ଼ିଶାରେ କରୋନା ରି-ଇନ୍‌ଫେକ୍ସନ୍ ହେଉଛି । ମାତ୍ର ଏହା ବହୁତ କମ୍ । ଏହା ପଛରେ କଣ କାରଣ ରହିଛି ତାର ଅନୁଧ୍ୟାନ କରାଯାଉଛି ବୋଲି ଭୁବନେଶ୍ୱର ସ୍ଥିତ ଆଇଏଲ୍ଏସ୍ (ଇନ୍‌ଷ୍ଟିଚ୍ୟୁଟ୍ ଅଫ୍ ଲାଇଫ୍ ସାଇନ୍ସ)ର ନିର୍ଦ୍ଦେଶକ ଅଜୟ ପରିଡ଼ା ସୂଚନା ଦେଇଛନ୍ତି ।ସେହିପରି ଶୀତ ଦିନରେ ସଂକ୍ରମଣ ବଢିବା ଆଶଙ୍କା ଥିବାରୁ ସତର୍କ ରହିବାକୁ କହିଛନ୍ତି ଶ୍ରୀ ପରିଡା । ସେ କହିଛନ୍ତି ଆଇଏଲ୍ଏସ୍‌ରେ କିଛି ଟେଷ୍ଟ ହୋଇଥିବା କିଛି ନମୂନା ମଧ୍ୟରୁ ୩/୪ ଜଣଙ୍କ ରି-ଇନ୍‌ଫେକ୍ସନ୍ ହୋଇଛି । ଥରେ ପଜିଟିଭ ହେବା ପରେ ପୁଣି କାହିଁକି ରି-ଇନ୍‌ଫେକ୍ସନ୍ ହେଉଛି, ତା'ର ତର୍ଜମା ଚାଲିଛି । ରାଜ୍ୟରେ କରୋନାର ସେକେଣ୍ଡ ୱେଭ୍ ସମ୍ଭାବନା ରହିଛି । ତେଣୁ ଲୋକେ ସଚେତନ ହେବା ଦରକାର । ସେ ଆହୁରି କହିଛନ୍ତି, ସେପ୍ଟେମ୍ବର ମାସରେ କରୋନା ସଂକ୍ରମଣ ବହୁତ ଅଧିକ ଥିଲା । ଦୈନିକ ପ୍ରାୟ ୪ ହଜାର ଆକ୍ରାନ୍ତ ଚିହ୍ନଟ ହେଉଥିଲେ । ସେପ୍ଟେମ୍ବର ୨୫ ପରଠାରୁ ସଂକ୍ରମିତଙ୍କ ସଂଖ୍ୟା କମିଛି । ବର୍ତମାନ ଦୈନିକ ସଂକ୍ରମଣ ୧୫ଶହ ପାଖାପାଖି ରହିଛି ।ଏହା ଖୁସିର ଖବର । ପୂଜାରେ ସଂକ୍ରମଣ ବଢ଼ିବାର ଆଶଙ୍କା ଥିଲା । କିନ୍ତୁ ଲୋକଙ୍କ ସହଯୋଗ ଯୋଗୁଁ କମିଛି ।କିନ୍ତୁ ଶୀତରେ କରୋନା ସଂକ୍ରମଣ ବଢ଼ିବା ସମ୍ଭାବନା ରହିଛି । କେବଳ କରୋନା ନୁହେଁ ଶୀତ ଦିନେ ଏନ୍‌ଫ୍ଲୁଏଂଜା ଭଳି ଅନ୍ୟ ରେସ୍ପିରେଟୋରି ରୋଗ ମଧ୍ୟ ହେବାର ଆଶଙ୍କା ରହିଛି । ତେଣୁ ସଚେତନ ହୋଇ ରହିବାକୁ ପଡିବ ।

## କରୋନା ପାଇଁ ଚଳିତ ବର୍ଷ ଐତିହାସିକ ବାଲିଯାତ୍ରା ବନ୍ଦ



ଭୁବନେଶ୍ୱର,୩୦।୧୦ (ନି.ପ୍ର): କରୋନା ମହାମାରୀ ଯୋଗୁଁ ଚଳିତ ବର୍ଷ କଟକରେ ପ୍ରସିଦ୍ଧ ବାଲିଯାତ୍ରା ହେବ ନାହିଁ । ଯାତ୍ରା ହେଲେ ପ୍ରବଳ ଲୋକଙ୍କ ସମାଗମ ହେବ । କୋଭିଡ୍ ସମୟରେ ଏଭଳି ବିରାଟ ଆୟୋଜନ ଅସମ୍ଭବ ବୋଲି କହିଛନ୍ତି କଟକ ଜିଲ୍ଲାପାଳ ଭବାନୀ ଶଙ୍କର ଚଇନି । ଏଥିସହ ସାମୁହିକ ଭାବେ ବୋଇତ ବନ୍ଦାଣ ଉପରେ ମଧ୍ୟ ରୋକ୍ ଲଗାଯାଇଛି । ଏବର୍ଷ ବଡ଼ଓଷା ଓ ପଂଚୁକରେ ଧବଳେଶ୍ୱର ପୀଠକୁ ଭକ୍ତଙ୍କ ଯିବା ଉପରେ ମଧ କଟକଣା ଲଗାଇଛି ଜିଲ୍ଲା ପ୍ରଶାସନ । ସୂଚନାଯୋଗ୍ୟ, କରୋନା ଯୋଗୁ ଚଳିତ ବର୍ଷ ଏକାଧିକ ପର୍ବ ଓ ଉତ୍ସବ ପାଳନ ଉପରେ ରୋକ୍ ଲଗାଯାଇଛି । ଚଳିତ ବର୍ଷ ଗଣେଶ ପୂଜା ବନ୍ଦ ରହିଥିବା ବେଳେ ଦଶହରା ନିରାଡମ୍ବର ଭାବେ ପାଳନ କରାଯାଇଥିଲା । ଲକ୍ଷ୍ମୀପୂଜା ମଧ୍ୟ ନିରାଡମ୍ବରରେ ପାଳନ କରାଯାଉଛି । ପ୍ରତ୍ୟେକ ବର୍ଷ ମହାନଦୀ ପଠାରେ କାର୍ତିକ ପୂର୍ଣ୍ଣିମାଠାରୁ ପ୍ରସିଦ୍ଧ ବାଲିଯାତ୍ରା ମହୋତ୍ସବ ଆୟୋଜନ ହୋଇଥାଏ । ଏଠାରେ ଲକ୍ଷ ଲକ୍ଷ ଲୋକଙ୍କ ଭିଡ଼ ଜମିଥାଏ । କରୋନା ସଂକ୍ରମଣକୁ ଦୃଷ୍ଟିରେ ରଖି ଏଥର ବାଲିଯାତ୍ରା ବନ୍ଦ କରିବାକୁ ନିଷ୍ପତି ନେଇଛି ପ୍ରଶାସନ ।

## କରୋନା ସର୍ତକତା ନେଇ ବାଗଚୀଙ୍କ ମନ୍ତ୍ର

ଭୁବନେଶ୍ୱର,୩୦।୧୦ (ନି.ପ୍ର): କରୋନା ମୁକାବିଲା ନେଇ ବିଶ୍ୱ ସ୍ୱାସ୍ଥ୍ୟ ସଂଗଠନ ଓଡ଼ିଶାକୁ ପ୍ରଶଂସା କରିଛି । କିନ୍ତୁ ଶୀତ ଋତୁ ଆରମ୍ଭ ହୋଇଥିବାରୁ ଏହି ସମୟରେ ଲୋକଙ୍କୁ ସତର୍କତା ପ୍ରତି ବିଶେଷ ଭାବେ ଧ୍ୟାନ ଦେବାକୁ ପଡିବ ବୋଲି ରାଜ୍ୟ ସରକାରଙ୍କ କୋଭିଡ ମୁଖପାତ୍ର ସୁବ୍ରତ ବାଗ୍‌ଚୀ କହିଛନ୍ତି । ଲୋକଙ୍କୁ ପରାମର୍ଶ ଦେଇ ସୁବ୍ରତ ବାଗ୍‌ଚୀ କହିଛନ୍ତି ଯେ ସବୁ ବେଳେ ମାସ୍କ ପିନ୍ଧିବା, କୌଣସି ଜିନିଷ ଉପରେ ହାତ ସ୍ୱର୍ଶ ହେଉଥିଲେ ହାତକୁ ଭଲ ଭାବରେ ଧୋଇବା , ଘର ହେଉ କି ବଜାର ଭିତରେ ହେଉ, ସଂକ୍ରମଣରୁ ବର୍ତିବା ଲାଗି ସାମାଜିକ ଦୂରତ୍ୱ ବଜାୟ ରଖିବା । ଏହା ବ୍ୟତୀତ ଶରୀରରେ କୌଣସି ପ୍ରକାର ଲକ୍ଷଣ ଦେଖିଲେ, ଡାକ୍ତରଖାନାକୁ ଯାଇ ନମୁନା ପରୀକ୍ଷା କରାଇବା । ଶରୀରକୁ ଅସୁସ୍ଥ ଲାଗୁଥିଲେ ▶▶ପୃଷ୍ଠା ୭




## କଂଗ୍ରେସ ଷ୍ଟାର ପ୍ରଚାରକ ତାଲିକାରୁ ବାଦ୍ ପଡିଲେ କମଳ ନାଥ

ନୂଆଦିଲ୍ଲୀ,୩୦।୧୦ (ନି.ପ୍ର): ମଧ୍ୟପ୍ରଦେଶର ପୂର୍ବତନ ମୁଖ୍ୟମନ୍ତ୍ରୀ ତଥା କଂଗ୍ରେସର ବରିଷ୍ଠ ନେତା କମଳ ନାଥଙ୍କୁ ଷ୍ଟାର ପ୍ରଚାରକ ତାଲିକାରୁ ବାଦ୍ ଦିଆଯାଇଛି । ବାରମ୍ବାର ଆଦର୍ଶ ଆଚରଣ ବିଧି ଉଲ୍ଲଂଘନ କରୁଥିବାରୁ କମଳ ନାଥଙ୍କ ବିରୋଧରେ ନିର୍ବାଚନ ଆୟୋଗ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିଛନ୍ତି । ତେବେ ସେ ମଧ୍ୟପ୍ରଦେଶ ଉପ-ନିର୍ବାଚନରେ ପ୍ରଚାର କରିପାରିବେ କିନ୍ତୁ ଦଳ ଖର୍ଚ୍ଚ ଦେବ ନାହିଁ । ନିର୍ବାଚନ ଆୟୋଗ ତାଙ୍କ ନିର୍ଦ୍ଦେଶରେ କହିଛନ୍ତି ଯେ କମଳ ନାଥଙ୍କ ବିରୋଧରେ

▶▶ପୃଷ୍ଠା ୭

## ଉପନିର୍ବାଚନ ପାଇଁ ସବୈତନିକ ଛୁଟି ଘୋଷଣା

ଭୁବନେଶ୍ୱର,୩୦।୧୦ (ନି.ପ୍ର): ବାଲେଶ୍ୱର ଓ ତିର୍ତୋଲ ଉପନିର୍ବାଚନ ଲାଗି ଆସନ୍ତା ନଭେମ୍ବର ୩ ତାରିଖରେ ଭୋଟ୍ ଗ୍ରହଣ ହେବ । ସମ୍ପୃକ୍ତ ନିର୍ବାଚନ ମଣ୍ଡଳୀ ଅଧୀନରେ ଥିବା ସମସ୍ତ ସରକାରୀ ଓ ବେସରକାରୀ ଅନୁଷ୍ଠାନ , କାର୍ଯ୍ୟାଳୟର କର୍ମଚାରୀଙ୍କ ପାଇଁ ନଭେମ୍ବର ୩ ତାରିଖକୁ ନିର୍ବାଚନ ଆୟୋଗ ସବୈତନିକ ଛୁଟି ରୂପେ ଘୋଷଣା କରିଛନ୍ତି । ଏହା ବ୍ୟତୀତ ଉଭୟ ବାଲେଶ୍ୱର ଏବଂ ତିର୍ତୋଲ ନିର୍ବାଚନ ମଣ୍ଡଳୀରେ ଉପନିର୍ବାଚନ କାର୍ଯ୍ୟରେ ଯେଉଁ କର୍ମଚାରୀମାନେ ୩ ଦିନରୁ ଅଧିକ ଦିନ ନିର୍ବାଚନ କାର୍ଯ୍ୟରେ ନିୟୋଜିତ ହୋଇଥିବେ ସେମାନଙ୍କ ପାଇଁ ଗୋଟିଏ ଦିନ ସ୍ୱତନ୍ତ୍ର ଆକସ୍ମିକ ଛୁଟି ସେହିବର୍ଷ ନେବା ପାଇଁ ଅନୁମତି ଦିଆଯିବ । ସମ୍ପୃକ୍ତ କର୍ମଚାରୀମାନେ ସେମାନଙ୍କ ଉପରିସ୍ଥ ଅଧିକାରୀଙ୍କୁ ଉପନିର୍ବାଚନ କାର୍ଯ୍ୟରେ ନିୟୋଜିତ ଥିବା ପ୍ରମାଣିତ ହେଲେ ସ୍ୱତନ୍ତ୍ର ଆକସ୍ମିକ ଛୁଟି ନେଇ ପାରିବେ । ଉଭୟ ନିର୍ବାଚନ ମଣ୍ଡଳୀର ଯେଉଁ ଭୋଟରମାନେ ନିର୍ବାଚନ ମଣ୍ଡଳୀ ବାହାରେ ଚାକିରି କରୁଛନ୍ତି ସେମାନେ ମଧ୍ୟ ଭୋଟ୍ ଦେବା ପାଇଁ ଭୋଟ୍ ଗ୍ରହଣ ଦିନ ପ୍ରମାଣ ଦେଖାଇ ଛୁଟି ନେଇ ପାରିବେ ।

## ତିର୍ତୋଲ ଉପନିର୍ବାଚନ ପାଇଁ ମାରାଥନ ପ୍ରଚାର କଲେ କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର



ଜଗତସିଂହପୁର/ଭୁବନେଶ୍ୱର, ୩୦।୧୦ (ନି.ପ୍ର): କରୋନା ସମୟରେ ମୋଦି ସରକାର ଓଡିଶା ପାଇଁ ୨୨ ହଜାର ୨୬୭ କୋଟି ଟଙ୍କାର ସହାୟତା ଦେଇଥିବା ବେଳେ ତନ୍ମଧ୍ୟରୁ କେବଳ ଜଗତସିଂହପୁର ଜିଲ୍ଲା ପାଇଁ ୭୦୮.୩୨ କୋଟିର ସହାୟତା ପ୍ୟାକେଜ୍ ଦେଇଛନ୍ତି । ସେହିପରି ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ନେତୃତ୍ୱରେ ଭାରତ ସରକାର ଜଗତସିଂହପୁର ଜିଲ୍ଲାରେ ବିଭିନ୍ନ ପ୍ରକଳ୍ପ ପାଇଁ ୫୭,୭୬୭.୪୩ କୋଟି ଟଙ୍କା ଖର୍ଚ୍ଚ କରିଛନ୍ତି ବୋଲି ଶୁକ୍ରବାର ତିର୍ତୋଲ ନିର୍ବାଚନ ମଣ୍ଡଳିର ବିଭିନ୍ନ ସ୍ଥାନରେ ନିର୍ବାଚନୀ ପ୍ରଚାର କରିବା ଅବସରରେ କହିଛନ୍ତି କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ । ପ୍ରଧାନମନ୍ତ୍ରୀଙ୍କ ନେତୃତ୍ୱରେ ତିର୍ତୋଲର ସର୍ବାଙ୍ଗୀନ ବିକାଶ ହେବ ବୋଲି କେନ୍ଦ୍ରମନ୍ତ୍ରୀ ଶ୍ରୀ ପ୍ରଧାନ ଦୃଢ ପ୍ରତିଶ୍ରୁତି ଦେଇଛନ୍ତି । ତିର୍ତୋଲ ନିର୍ବାଚନ ମଣ୍ଡଳିର ଶଙ୍ଖେଶ୍ୱର ହାଟ ପଡ଼ିଆ, ତିର୍ତୋଲ ବଜାର, ରଘୁନାଥପୁର ବଜାର, ବିରିଡ଼ି ବଜାର, ବସନ୍ଦରା ଗାନ୍ଧୀ ଛକ ଏବଂ ମଙ୍ଗୁଳିର ବିଭିନ୍ନ ସ୍ଥାନରେ ଦଳୀୟ ପ୍ରାର୍ଥୀ ରାଜକିଶୋର ବେହେରାଙ୍କ ସମର୍ଥନରେ ପ୍ରଚାର କରିବା ଓ ଭୋଟ ଦେବା ପାଇଁ ସ୍ଥାନୀୟବାସୀଙ୍କୁ ନିବେଦନ କରିଥିଲେ ଶ୍ରୀ ପ୍ରଧାନ । ଏହି ଅବସରରେ ସେ କହିଛନ୍ତି କରୋନା ସମୟରେ ମୋଦି ସରକାର ଓଡ଼ିଶା ଏବଂ ଜଗତସିଂହପୁର ଜିଲ୍ଲା ପାଇଁ ଯେପରି ସାହାଯ୍ୟ ସହଯୋଗ କରିଛନ୍ତି ତାହାକୁ ଲୋକମାନେ ସ୍ୱୀକାର କରିଛନ୍ତି । ପ୍ରଧାନମନ୍ତ୍ରୀଙ୍କ ସମ୍ବେଦନଶୀଳ ସରକାର ପ୍ରତି ତିର୍ତୋଲବାସୀ ଆକୃଷ୍ଟ ହୋଇଛନ୍ତି । ଏହି କାରଣରୁ ରାଜ୍ୟର ତିର୍ତୋଲ ସମେତ ଗ୍ରାମାଞ୍ଚଳରେ ନରେନ୍ଦ୍ର ମୋଦିଙ୍କ ପ୍ରତି ଲୋକପ୍ରିୟତା ବଢ଼ିଛି । ଏ ଉପନିର୍ବାଚନରେ ତାହାର ପ୍ରତିଫଳନ ଦେଖାଯାଇଛି । ବିଜେପିକୁ ▶▶ପୃଷ୍ଠା ୭

## ରାଜ୍ୟରେ ଆଉ ୧୧ ଜଣଙ୍କର କରୋନାରେ ମୃତ୍ୟୁ : ମୃତ୍ୟୁ ସଂଖ୍ୟା ୧୩୦୮ ହେଲା



ଭୁବନେଶ୍ୱର,୩୦।୧୦ (ନି.ପ୍ର): ଗତ ୨୪ ଘଂଟା ମଧ୍ୟରେ ରାଜ୍ୟରେ ପୁଣି ୧୧ ଜଣ କରୋନା ସଂକ୍ରମିତଙ୍କର ମୃତ୍ୟୁ ଘଟିଛି । ଏହା ଫଳରେ ରାଜ୍ୟରେ କରୋନା ମୃତ୍ୟୁ ସଂଖ୍ୟା ୧୩୦୮ କୁ ବୃଦ୍ଧି ପାଇଛି ବୋଲି ରାଜ୍ୟ ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗ ପକ୍ଷରୁ ସୂଚନା ଦିଆଯାଇଛି । ବିଭାଗ ଦ୍ୱାରା ଦିଆ ଯାଇଥିବା ସୂଚନା ଅନୁସାରେ ମୃତକ ମାନଙ୍କ ମଧ୍ୟରେ ଖୋର୍ଧା ଜିଲ୍ଲାର ୩ ଜଣ ଥିବା ବେଳେ କଟକ ଜିଲ୍ଲାର ୨ ଜଣ ଅଛନ୍ତି । ଅନୁଗୁଳ, ଝାରସୁଗୁଡା, ରାୟଗଡା, ଗଂଜାମ, କନ୍ଧମାଳ ଓ ନୂଆପଡା ଜିଲ୍ଲାର ଜଣେ ଜଣେ ମୃତ୍ୟୁବରଣ କରିଛନ୍ତି । ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ଦିଆ ଯାଇଥିବା ସୂଚନା ଅନୁସାରେ ଅନୁଗୁଳ ଜିଲ୍ଲାରେ ୫୫ ବର୍ଷୀୟ କରୋନା ଆକ୍ରାନ୍ତ ପୁରୁଷଙ୍କ ମୃତ୍ୟୁ ଘଟିଛି । ଭୁବନେଶ୍ୱରର ଜଣେ ୪୦ ବର୍ଷୀୟ ପୁରୁଷ କରୋନା ସଂକ୍ରମିତ ମୃତ୍ୟୁବରଣ କରିଛନ୍ତି । ଭୁବନେଶ୍ୱର ଜଣେ ୬୬ ବର୍ଷୀୟ କରୋନା ଆକ୍ରାନ୍ତ ପୁରୁଷ ମୃତ୍ୟୁବରଣ କରିଛନ୍ତି । କଟକ ଜିଲ୍ଲାର ଜଣେ ୫୪ ବର୍ଷୀୟ କରୋନା ସଂକ୍ରମିତ ମହିଳା ମୃତ୍ୟୁବରଣ କରିଛନ୍ତି । ଗଂଜାମ ଜିଲ୍ଲାର ଜଣେ ୬୨ ବର୍ଷୀୟ ପୁରୁଷ କରୋନା ଆକ୍ରାନ୍ତଙ୍କ ମୃତ୍ୟୁ ଘଟିଛି । ସେ ଉଚ୍ଚ ରକ୍ତଚାପରେ ପୀଡିତ ଥିଲେ । ଝାରସୁଗୁଡା ଜିଲ୍ଲାର ଜଣେ ୬୮ ବର୍ଷୀୟ କରୋନା ସଂକ୍ରମିତଙ୍କ ମୃତ୍ୟୁ ଘଟିଛି । ସେ ଉଚ୍ଚ ରକ୍ତଚାପ ଓ ଅନ୍ୟ ରୋଗରେ ପୀଡିତ ଥିଲେ । ଖୋର୍ଧା ଜିଲ୍ଲାର ଜଣେ ୫୯ ବର୍ଷୀୟ ପୁରୁଷ କରୋନା ସଂକ୍ରମିତ ପୁରୁଷଙ୍କ ମୃତ୍ୟୁ ଘଟିଛି । କନ୍ଧମାଳ ଜିଲ୍ଲାରେ ଜଣେ ୪୨ ବର୍ଷୀୟ କରୋନା ସଂକ୍ରମିତ ପୁରୁଷଙ୍କ ମୃତ୍ୟୁ ଘଟିଛି । ନୂଆପଡା ଜିଲ୍ଲାର ଜଣେ ୪୫ ବର୍ଷୀୟ ପୁରୁଷ କରୋନା ଆକ୍ରାନ୍ତଙ୍କ ମୃତ୍ୟୁ ଘଟିଛି । ରାୟଗଡା ଜିଲ୍ଲାର ଜଣେ ୬୧ ବର୍ଷୀୟ ମହିଳା କରୋନା ସଂକ୍ରମିତଙ୍କ ମୃତ୍ୟୁ ଘଟିଛି । କଟକ ଜିଲ୍ଲାର ଜଣେ ୬୭ ବର୍ଷୀୟ ମହିଳା କରୋନା ଆକ୍ରାନ୍ତଙ୍କ ମୃତ୍ୟୁ ଘଟିଛି ।

## ରସଲପୁରରେ ବିଜେପିର ମିଶ୍ରଣ ପର୍ବ

### ଉପ-ନିର୍ବାଚନରେ ବିଜେଡିର ଅହଙ୍କାର ପ୍ରତିଫଳିତ : ପ୍ରତାପ



ବାଲେଶ୍ୱର,୩୦।୧୦ (ନି.ପ୍ର): ଆସନ୍ନ ନିର୍ବାଚନ ବେଳେ ଅନ୍ୟଦଳରୁ କର୍ମୀ ଓ ଛାମୁଆଙ୍କର ବିଜେପିରେ ଯୋଗଦାନ ପ୍ରାର୍ଥୀ ମାନସ ଦତ୍ତଙ୍କ ସ୍ଥିତିକୁ ବେଶ୍ ମଜବୁତ୍ କରିପାରିଛି ବୋଲି କେନ୍ଦ୍ରମନ୍ତ୍ରୀ ପ୍ରତାପ ଚନ୍ଦ୍ର ଷଡ଼ଙ୍ଗୀ ରସଲପୁର ପଞ୍ଚାୟତରେ ଆୟୋଜିତ ମିଶ୍ରଣ ପର୍ବରେ ମତ ପ୍ରକାଶ କରିଛନ୍ତି । ଆୟୋଜିତ ଏକ ମିଶ୍ରଣ କାର୍ଯ୍ୟକ୍ରମରେ ଶାସକ ଦଳ ନେତାଙ୍କ ଅବହେଳାର ଶିକାର ▶▶ପୃଷ୍ଠା ୭

# ୱାନଷ୍ଟପ୍ ସେଣ୍ଟରରେ ଦୁର୍ନୀତି ନିବାରଣ ସପ୍ତାହ ପାଳିତ



ଭଦ୍ରକ,୩୦।୧୦(ହି.ସ): ଅକ୍ଟୋବର ୨୭ ତାରିଖରୁ ନଭେମ୍ବର ୨ ତାରିଖ ପାଳନ କରାଯାଉଥିବା ଦୁର୍ନୀତି ନିବାରଣ ସପ୍ତାହ ଅବସରରେ ଭଦ୍ରକ ସହର ସ୍ଥିତ ୱାନ୍ ଷ୍ଟପ୍ ସେଣ୍ଟରରେ ଫେଲୋସିପ୍ ପକ୍ଷରୁ ପାଳନ କରାଯାଇଛି। ଏଥିରେ ଫେଲୋସିପ୍‌ର ନିର୍ଦ୍ଦେଶକ ଲଲାଟେନ୍ଦୁ ମହାନ୍ତି ଅଧକ୍ଷତା କରିଥିଲେ। ଏହି ଅବସରରେ ଫେଲୋସିପ ଓ ଏହା ଦ୍ୱାରା ପରିଚାଳିତ ୱାନ ଷ୍ଟପ ସେଣ୍ଟର ଏବଂ ଫ୍ୟାମିଲି କାଉନସେଲିଂ ସେଣ୍ଟରର ସମସ୍ତ କର୍ମଚାରୀ ଉପସ୍ଥିତ ରହି ସମାଜରୁ ଦୁର୍ନୀତି ହଟାଇବା ପାଇଁ ସମସ୍ତେ ଏକମନ ଏକ ପ୍ରାଣ ହୋଇ କାର୍ଯ୍ୟ କରିବା ସହ ନିଜେ ଦୁର୍ନୀତି ଠାରୁ ଦୂରରେ ରହିବେ ବୋଲି ସପଥ ନେଇଥିଲେ। ନିଜେ ଦୁର୍ନୀତି କରିବା ନାହିଁ କି ଦୁର୍ନୀତିକୁ ପ୍ରଶ୍ରୟ ଦେବା ନାହିଁ ବୋଲି ନିର୍ଦ୍ଦେଶକ ଶ୍ରୀ ମହାନ୍ତି ଶପଥ ପାଠ ମାଧମରେ କହିଥିଲେ। ଏହି ଉତ୍ସବକୁ ୱାନ୍ ଷ୍ଟପ୍ ସେଣ୍ଟରର ଆଡମିନିଷ୍ଟ୍ରେଟିଭ ଅଫିସର ସ୍ୱପ୍ନା ରାଣି ବଳ ପରିଚାଳନା କରିଥିବା ବେଳେ ସେଣ୍ଟରର ସମସ୍ତ କର୍ମଚାରୀ ସହଯୋଗ କରିଥିଲେ।

# ଶ୍ରୀକ୍ଷତ୍ରରେ ଫିଙ୍କା ପଡିବ କାର୍ତ୍ତିକ ମାସ

ପୁରୀ,୩୦।୧୦ (ନି.ପ୍ର): ପ୍ରତିବର୍ଷ କାର୍ତିକ ମାସ ଆସିଲେ ଶ୍ରୀକ୍ଷେତ୍ରରେ ଧାର୍ମିକ ପରମ୍ପରାରେ ପରିପୂର୍ଣ୍ଣ ହୁଏ । ଚଳିତବର୍ଷ କରୋନା କଟକଣା ଯୋଗୁଁ କାର୍ତିକ ମାସ ଫିକା ପଡିଯିବ ବୋଲି ଶ୍ରୀମନ୍ଦିର ଚାରିପଟେ ବ୍ୟବସାୟ କରୁଥିବା ବ୍ୟବସାୟୀମାନେ କହିଛନ୍ତି । ରାଜ୍ୟ ସରକାରଙ୍କ ପକ୍ଷରୁ ଗତ ୪ ବର୍ଷ ଧରି ହବିଷ୍ୟାଳି ଯୋଜନାରେ ୩ ହଜାରରୁ ଉର୍ଦ୍ଧ୍ୱ ହବିଷ୍ୟାଳି ଶ୍ରୀକ୍ଷେତ୍ରରେ ରହି ବ୍ରତ ପାଳନ କରୁଥିଲେ । ଏ ବର୍ଷ କରୋନା କଟକଣା ଯୋଗୁଁ ଏହି ବ୍ୟବସ୍ଥା ବନ୍ଦ ରହିଛି । ଏହାସହ ମନ୍ଦିର ଚାରିପଟେ ଥିବା ମଠ ଓ ଭଡାଘରେ ଅନେକ ହବିଷ୍ୟାଳି ରହି ବ୍ରତ ପାଳନ କରିଥାନ୍ତି । ମନ୍ଦିର ଚାରିପଟ ଉଚ୍ଛେଦ କାର୍ଯ୍ୟ ପରେ ଓ କରୋନା କଟକଣା ଯୋଗୁଁ ରାଜ୍ୟରୁ ଆସୁଥିବା ହବିଷ୍ୟାଳିମାନେ ଏ ବର୍ଷ ଆସିବେ ନାହିଁ ବୋଲି ଜଣାପଡିଛି । ଏହାସହ କାର୍ତିକ ମାସରେ ଧାର୍ମିକ ପରମ୍ପରା ଯୋଗୁଁ ବିଭିନ୍ନ ପୂଜା ସାମଗ୍ରୀ ମନ୍ଦିର ଚାରିପଟେ ବିକ୍ରି ହୋଇଥାଏ । ଶ୍ୱେତଗଙ୍ଗା, ମାର୍କଣ୍ଡେୟ, ଇନ୍ଦ୍ରଦ୍ୟୁମ୍ନ ଓ ମହୋଦଧିରେ ଶହ ଶହ ହବିଷ୍ୟାଳି ପ୍ରାତଃ ସମୟରେ ବୁଡ ପକାଇବା ସହ ସୂର୍ଯ୍ୟ ଦର୍ଶନ, ରାଧାଦାମୋଦର ପୂଜା କରିଥାନ୍ତି । ଏ ବର୍ଷ ସେଭଳି ଦୃଶ୍ୟ ଦେଖିବାକୁ ମିଳିବ ନାହିଁ । ମନ୍ଦିର ଚାରିପଟ ହବିଷ୍ୟାଳିଙ୍କ ଧୋବ ଫରଫର ବେଶ ଏ ବର୍ଷ ମଧ ଦୃଶ୍ୟମାନ ହେବନାହିଁ । ପରିବା ବ୍ୟବସାୟୀମାନେ ଓଉ, ସାରୁ, ମୁଗ, ଅଗସ୍ତି ଶାଗ, ଅଦା, କଂଚାଲଙ୍କା, କମଳା ଆଦି ସେତେଟା କାରବାର କରିପାରିବେ ନାହିଁ । କରୋନା କଟକଣାର ଦୁଃଖ ସହ କାର୍ତିକ ମାସରେ ବେପାର ନହେବା ଦୁଃଖରେ ମୁଣ୍ଡରେ ହାତ ଦେଇ ବସିଛନ୍ତି ବ୍ୟବସାୟୀ ।

### କରୋନରେ ନେସ୍କୋ ବିଭାଗର ଡେପୁଟି ମ୍ୟାନେଜର ମୃତ

# ବିଦ୍ୟୁତ କର୍ମଚାରୀଙ୍କୁ କରୋନା ଯୋଦ୍ଧା ଘୋଷଣା କରିବା ପାଇଁ ପାୱାର ଏମ୍ପ୍ଲୋଇଜ ସଙ୍ଘର ଦାବି

ବାରିପଦା,୩୦।୧୦ (ନି.ପ୍ର): କରୋନାରେ ଆକ୍ରାନ୍ତ ହୋଇ ବାରିପଦା ବାଙ୍କିଶୋଳସ୍ଥିତ କୋଭିଡ଼ ହସପିଟାଲରେ ଚିକିତ୍ସାଧୀନ ଅବସ୍ଥାରେ ଥିବା ନେସ୍କୋ ବିଭାଗରେ କାର୍ଯ୍ୟରତ ଡେପୁଟି ମ୍ୟାନେଜର ଶରତ ଚନ୍ଦ୍ର ଧଳ(୫୮)ଙ୍କ ଆଜି ସକାଳ ସମୟରେ ମୃତ୍ୟୁ ହୋଇଛି । ତେବେ ତାଙ୍କର ଏହି ଅକାଳ ବିୟୋଗରେ ନେସ୍କୋ ପାୱାର ଏମ୍ପ୍ଲୋଇଜ ୟୁନିୟନ ପକ୍ଷରୁ ଗଭୀର ଶୋକ ବ୍ୟକ୍ତ କରାଯାଇଛି । ପୂର୍ବରୁ ନେସ୍କୋ ବିଦ୍ୟୁତ ବିଭାଗରେ କାର୍ଯ୍ୟରତ ଥିବା ବାରିପଦାର କନିଷ୍ଠ ଯନ୍ତ୍ରୀ ସୁଜିତ କୁମାର ସାହୁଙ୍କ କରୋନା ଜନିତ ମୃତ୍ୟ ଘଟିଥିଲା। ବର୍ତମାନ ସୁଦ୍ଧା ଜିଲ୍ଲାର ୭୦ରୁ ଉର୍ଦ୍ଧ୍ୱ କାର୍ଯ୍ୟରତ ବିଦ୍ୟୁତ କର୍ମଚାରୀ କରୋନାରେ ଆକ୍ରାନ୍ତ ହୋଇସାରିଛନ୍ତି । ଏହି ସମୟରେ ବିଦ୍ୟୁତ୍ ବିଭାଗ ପକ୍ଷରୁ କୋଭିଡ଼-୧୯ ଭୂତାଣୁଠାରୁ ନିଜକୁ ସୁରକ୍ଷିତ ରଖିବା ନିମନ୍ତେ ଆବଶ୍ୟକୀୟ ଉପକରଣ ମାନ ପ୍ରଦାନ କରାଯାଇନାହିଁ। ଯାହା ଫଳରେ ବହୁ କର୍ମଚାରୀ କରୋନା ଆକ୍ରାନ୍ତ ହେଉଛନ୍ତି। ସଂଘ ପକ୍ଷରୁ ଏଥି ନିମନ୍ତେ ବାରମ୍ବାର ଦାବୀ କରିବା ସତ୍ତ୍ୱେ କୋଣସି ସୁଫଳ ନ ମିଳିବାରୁ କର୍ମଚାରୀଙ୍କ ମଧରେ ତୀବ୍ର ଅସନ୍ତୋଷ ଦେଖାଦେଉଛି। ବିଦ୍ୟୁତ କର୍ମଚାରୀଙ୍କୁ କରୋନା ଯୋଦ୍ଧା ଭାବେ ଘୋଷଣା କରିବା ସହ ମୃତ୍ୟୁ କାଳୀନ ସହାୟତା ରାଶି ପ୍ରଦାନ କରିବା ପାଇଁ ନେସ୍କୋ ପାୱାର ଏମ୍ପ୍ଲୋଇଜ ୟୁନିୟନର ସହ ସାଧାରଣ ସମ୍ପାଦକ ଜ୍ୟୋତିକୃଷ୍ଣ ବେହେରା ଦାବୀ କରିଛନ୍ତି। ତେବେ ଦିବଂଗତଙ୍କ ଉଦ୍ଦେଶ୍ୟରେ ନେସ୍କୋ ପାୱାର ଏମ୍ପ୍ଲଇଜ ୟୁନିୟନ ପକ୍ଷରୁ ୨ମିନିଟ ନିରବ ପାର୍ଥନା କରିବା ସହ ତାଙ୍କ ଅମର ଆତ୍ମାର ସଦଗତି କାମନା କରାଯାଇଥିଲା । ଏଥିରେ ସଂଘର ରାଜ୍ୟ ସାଧାରଣ ସମ୍ପାଦକ ତାରାକାନ୍ତ ପଟ୍ଟନାୟକ, ଜିଲ୍ଲା ସଭାପତି ସୁବ୍ରମଣ୍ୟମ ମହାନ୍ତି, ଜ୍ୟୋତିକୃଷ୍ଣ ବେହେରା, ମାନସ ରଞ୍ଜନ ଶୁକ୍ଳା, କରୁଣାକର ପତି, ଚନ୍ଦନ ମହାନ୍ତି ପ୍ରମୁଖ ଶ୍ରୀ ଧଳଙ୍କ ବିୟୋଗରେ ଗଭୀର ଶୋକବ୍ୟକ୍ତ କରିଛନ୍ତି।

# ପୁନରବାସ ପକ୍ଷରୁ ଭିନ୍ନକ୍ଷମ ମାନଙ୍କ ପାଇଁ କରୋନା ୱେବିନାର

କେନ୍ଦ୍ରାପଡ଼ା,୩୦।୧୦ (ନି.ପ୍ର): ଭିନ୍ନକ୍ଷମ ମାନଙ୍କ ଅଧିକାର , ସଚେତନତା, ସାମାଜିକ ପୁନଃପ୍ରତିଷ୍ଠା ପାଇଁ ଜିଲ୍ଲାରେ କାର୍ଯ୍ୟ କରୁଥିବା ସ୍ୱେଚ୍ଛାସେବୀ ଅନୁଷ୍ଠାନ ପୁନରବାସ ପକ୍ଷରୁ ଭିନ୍ନକ୍ଷମ ମାନଙ୍କ ପାଇଁ ଏକ ୱେବିନାର ଅନୁଷ୍ଠିତ ହୋଇଯାଇଛି । କରୋନା ସଂକ୍ରମଣ ସମୟରେ ଭିନ୍ନକ୍ଷମ ମାନେ ସମ୍ମୁଖୀନ ହେଉଥିବା ବହୁବିଧ ଅସୁବିଧା ସଂପର୍କିତ ଏହି ଭରର୍ଚୁଆଲ ଆଲୋଚନା ଚକ୍ରରେ ବିଶେଷଜ୍ଞ ଓ ଅଧିକାରୀ ମାନେ ଅଂଶ ଗ୍ରହଣ କରିଥିଲେ । ଜିଲ୍ଲା ସାମାଜିକ ସୁରକ୍ଷା ଅଧିକାରୀ ପ୍ରଭାସ ଚନ୍ଦ୍ର ଦାସ ମୁଖ୍ୟ ଅତିଥି ଭାବେ ଯୋଗ ଦେଇଥିବା ବେଳେ ନେଚର୍ସ କ୍ଲବର ସଭାପତି ସମାଜସେବୀ ବିରଜା ପତୀ, ସ୍ୱତନ୍ତ୍ର ବିଦ୍ୟାଳୟର ପ୍ରଧାନ ଶିକ୍ଷକ ସ୍ୱପ୍ନାଂଶୁ କୁମାର ଦାସ, ଆକୁପେସନ୍ୟାଲ ଥେରାପିଷ୍ଟ ଶ୍ରୀୟା ଦାସ, ପୁନରବାସ ସଭାପତି ଶ୍ୟାମାଶ୍ରୀ ମହାନ୍ତି, ଜ୍ୟୋତି ରଞ୍ଜନ ନାୟକ, ଧନଞ୍ଜୟ ସାହୁ, ଗୌତମ ସାହୁ, ପୁନରବାସ ର ମୁଖ୍ୟ ଉପଦେଷ୍ଟା ଡ଼ଃ ବିରଜା ରାଉତ ରାୟ ପ୍ରମୁଖ ଯୋଗଦେଇ ଆଲୋଚନା ରେ ଅଂଶ ଗ୍ରହଣ କରିଥିଲେ ।

# ୱେବ ଚ୍ୟାନେଲ ନ୍ୟୁଜ ୮ ର ଲୋଗ ଉନ୍ମୋଚନ ଓ ଲୋକାର୍ପଣ

କେନ୍ଦ୍ରାପଡ଼ା,୩୦।୧୦ (ନି.ପ୍ର): ଗୁଗୁଲର ଏକ ବାକ୍ସ ଆନ୍ଧ୍ର ପ୍ରଦେଶର କୈାଣସି ଏକ ଗ୍ରାମାଂଚଳରେ ରହିଛି। ଯାହାକି ସେଠାରୁ ସମସ୍ତଙ୍କ ନିକଟରେ ତଥ୍ୟ ପହଁଚାଇ ପାରୁଛି। ତେବେ ସବୁବେଳେ ରାଜଧାନୀ ବା ପ୍ରମୁଖ ସହରୁ ଯେ ଖବର ପ୍ରସାରଣ ହେବ, ଏମିତି କିଛି ନାହିଁ। କେନ୍ଦ୍ରାପଡା କିମ୍ବା ରାଜ୍ୟର କୈାଣସି ଗ୍ରାମାଂଚଳରୁ ମଧ୍ୟ ସମ୍ବାଦ ପରିବେଷଣ କରାଯାଇ ପାରିବ ବୋଲି ସୋମବାର କେନ୍ଦ୍ରାପଡାରେ ଅନୁଷ୍ଠିତ ନ୍ୟୁଜ ୮ ଓଡିଆ ଚ୍ୟାନେଲର ଲୋଗୋ ଲୋକାର୍ପଣ ଉତ୍ସବରେ ଦି ହିନ୍ଦୁର ଓଡିଶା ମୁଖ୍ୟ ତଥା ବରିଷ୍ଠ ପତ୍ରକାର ପ୍ରଫୁଲ୍ଲ ଦାସ ସମ୍ମାନୀତ ଅତିଥି ଭାବାରେ ଯୋଗଦେଇ ମତ ପ୍ରକାଶ କରିଛନ୍ତି। ପତ୍ରକାର ଶ୍ରୀ ଦାସ ଆହୁରି କହିଲେ ଯେ, ଲୋକେ ଯାହା ଚାହୁଁଛନ୍ତି ଆମେ ତାହା ଦେଖାଉଛୁ ବୋଲି ଏବେ ଅଧିକାଂଶ ଚ୍ୟାନେଲ ଦାବି କରୁଛନ୍ତି। ମାତ୍ର ବାସ୍ତବରେ ସେମାନେ ନିଜେ ଯାହା ଚାହାଁନ୍ତି ତାହାହିଁ ଦେଖାଇଥାନ୍ତି ବା ସେମିତି କରନ୍ତି ବୋଲି ସେ କହିଥିଲେ। ତେବେ ମିଡିଆ ହାଉସମାନେ ବିଜ୍ଞାପନ , ଅର୍ଥ ଓ ଅନ୍ୟାନ୍ୟ ଉଦେଶ୍ୟ ଚରିତାର୍ଥ ପାଇଁ ଏମିତି କରିଥାନ୍ତି ବୋଲି ସେ କହିଥିଲେ। ଦେଶ ଓ ରାଜ୍ୟର ଅଧିକାଂଶ ମିଡିଆ ଏବେ ନିରପେକ୍ଷତା ବଦଳରେ ରାଜନୈତିକ ବଚସ୍କର ପାଲଟିଥିବା କଥାକୁ ସେ ଉଲ୍ଲେଖ କରିଥିଲେ। ମାତ୍ର ସାଧାରଣ ବ୍ୟକ୍ତିଙ୍କ ପ୍ରତି ସମ୍ବେଦନଶିଳ ହେବା ଗଣମାଧ୍ୟମର ଦାୟିତ୍ୱ ବୋଲି କହିବା ସହିତ , ସାମ୍ବାଦିକ ଲୋକମାନଙ୍କର ଦୃଃଖ ଓ ସମସ୍ୟାକୁ ହୃଦୟଙ୍ଗମ କରିବା ଉଚିତ୍ ବୋଲି କହିଥିଲେ। ସେହିପରି ଏହି କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବରେ ବରିଷ୍ଠ ସାମ୍ବାଦିକ ରବି ଦାସ ଯୋଗଦେଇ ନିଜ ବକ୍ତବ୍ୟରେ , ବର୍ମାନ ସୋସିଆଲ ମିଡିଆରେ ଅଧିକାଂଶ ବ୍ୟକ୍ତି ସମ୍ବାଦ ପରିବେଷଣ କରୁଥିଲେ ମଧ୍ୟ ଗଣମାଧ୍ୟମର ସ୍ୱତନ୍ତ୍ର ଦାୟିତ୍ୱକୁ କେହି ଅସ୍ୱିକାର କରିପାରିବେନି ବୋଲି କହିଥିଲେ। ଦେଶରେ ଗଣତନ୍ତ୍ର , ଆଇନର ଶାସନ ଓ ସାମାଜିକ ତଥା ନ୍ୟାୟ ବ୍ୟବସ୍ଥାକୁ ଠିକ୍ ରଖିବାକୁ ଗଣମାଧ୍ୟମ ବା ସାମ୍ବାଦିକତାର ଗୁରୁତ୍ୱପୂର୍ଣ୍ଣ ଦାୟିତ୍ୱ ରହିଥିବା ସେ କହିଥିଲେ। ତେବେ ଯଦି ସାମ୍ବାଦିକତା ଦୁର୍ବଳ ହୁଏ ତେବେ ଦେଶର ଗଣତନ୍ତ୍ର ମଧ୍ୟ ଦୁର୍ବଳ ହୋଇପଡିବ ବୋଲି ସେ ପ୍ରକାଶ କରିଥିଲେ। ଲୋକଙ୍କ ସହିତ ଯୋଡିହୋଇ ରହିବାକୁ ସେ ସାମ୍ବାଦିକମାନଙ୍କୁ ପରାମର୍ଶ ଦେଇଥିଲେ। ସେହିପରି ଏଥିରେ ଅନ୍ୟତମ ସମ୍ମାନୀତ ଅତିଥି ଭାବରେ ବରିଷ୍ଠ ପତ୍ରକାର ସଂଜୟ ସୁବୁଦ୍ଧି ଯୋଗଦେଇ ସଂପ୍ରତିକ ଗଣ ମାଧ୍ୟମରେ ବୃଦ୍ଧି ପାଉଥିବା ଉଗ୍ରତାକୁ ନେଇ ଚିନ୍ତା ପ୍ରକଟ କରିଥିଲେ। ତେବେ ବର୍ତମନ ବିଭିନ୍ନ ମିଡିଆ ହାଉସ ଦ୍ୱାରା ବାରମ୍ବାର ନିରପେକ୍ଷତା , ନିର୍ଭିକତା ଓ ସତ୍ୟ ଖବର ବୋଲି କରାଯାଉଥିବା ଦାବିରେ ସତ ନଥିବା କଥା ସେ ପ୍ରକାଶ କରିଥିଲେ। ତେବେ ସତ୍ୟପରି ଲାଗୁଥିବା, ବିଶ୍ୱାସଯୋଗ୍ୟ , ରୋଚକ ତଥା ଲୋକମାନଙ୍କର ମଙ୍ଗଳ ସାଧନ କରୁଥିବା ଖବର ସର୍ବଦା ପରିବେଷଣ ହେବା ଆବଶ୍ୟକ ବୋଲି ସେ କହିଥିଲେ। ଖବରରେ ସତ୍ୟତା ଥାଇ ପାରେ , ମାତ୍ର ସମାଜର ମଙ୍ଗଳ କରୁନଥିବା ଖବର ପ୍ରସାରଣ ଠାରୁ ଗଣ ମାଧ୍ୟମ ଦୂରେଇଯିବା ଉଚିତ୍ ବୋଲି ସେ କହିଥିଲେ। ଏହି କାର୍ଯ୍ୟକ୍ରମକୁ ନ୍ୟୁଜ ୮ର ମୁଖ୍ୟ ସଂପାଦକ ମିଳନ କୁମାର ଓଝା , ଚେୟାରମ୍ୟାନ ରାକେଶ କୁମାର ସାହୁ , ଟେକନିକାଲ ହେଡ୍ ଉମେଶ ମହାରଣା ପରିଚାଳନା କରିଥିଲେ। ତଥା ନ୍ୟୁଜ ୮ଟେଲିଭିଜନ ନେଟୱାର୍କ ପ୍ରାଇଭେଟ ଲିମିଟେଡର ଅନ୍ୟାନ୍ୟ କର୍ମକର୍ତା ଏଥିରେ ସହଯୋଗ କରିଥିଲେ। ସହରର ଅନେକ ବୁଦ୍ଧିଜୀବୀ ତଥା ବିଭିନ୍ନ ଗଣ ମାଧ୍ୟମର କର୍ମକର୍ତା ଏହି କାର୍ଯ୍ୟକ୍ରମରେ ଉପସ୍ଥିତ ଥିଲେ।

# ଚଳିତ ପ୍ରଜନନ ଋତୁରେ ଓଲିଭ ରିଡ୍‌ଲେ କଇଁଛର ସଂରକ୍ଷଣ ନିମନ୍ତେ ବ୍ୟାପକ ପ୍ରଶାସନିକ ପ୍ରସ୍ତୁତି

## ଓଲିଭ୍ ରିଡ୍‌ଲେ ସୁରକ୍ଷାରେ ଓଡ଼ିଶା ସ୍ୱତନ୍ତ୍ର ପରିଚୟ ସୃଷ୍ଟି କରିଛି - ଡଃ ମୋନା ଶର୍ମା

ଭୁବନେଶ୍ୱର,୩୦।୧୦ (ନି.ପ୍ର): ଓଡ଼ିଶା ଉପକୂଳରେ ଓଲିଭ୍ ରିଡ୍‌ଲେ କଇଁଛଙ୍କ ପ୍ରଜନନ ସମୟରେ ସଂରକ୍ଷଣ ଓ ସୁରକ୍ଷା ନିମନ୍ତେ ବ୍ୟାପକ ପ୍ରଶାସନିକ ପ୍ରସ୍ତୁତି କରାଯାଇଛି । ଏଥି ନିମନ୍ତେ ଆଜି ଅତିରିକ୍ତ ମୁଖ୍ୟ ଶାସନ ସଚିବ ଡଃ ମୋନା ଶର୍ମାଭ୍‌କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଉଚ୍ଚସ୍ତରୀୟ କ୍ଷମତା ସମ୍ପନ୍ନ କମିଟିର ବୈଠକରେ ସବିଶେଷ ଆଲୋଚନା ହୋଇଥିଲା । ଓଲିଭ୍ ରିଡ୍‌ଲେର ବଂଶ ବୃଦ୍ଧି, ସୁରକ୍ଷା ଏବଂ ସଂରକ୍ଷଣରେ ଓଡ଼ିଶା ବିଶ୍ୱରେ ଏକ ସ୍ୱତନ୍ତ୍ର ପରିଚୟ ସୃଷ୍ଟି କରିଛି ଏବଂ ଚଳିତ ବର୍ଷ ଏହା ବଜାୟ ରଖିବା ପାଇଁ ଅତିରିକ୍ତ ମୁଖ୍ୟ ଶାସନ ସଚିବ ଡଃ ଶର୍ମା ସମ୍ପୃକ୍ତ ବିଭାଗ ମାନଙ୍କୁ ନିର୍ଦ୍ଦେଶ ଦେଇଥିଲେ । ସ୍ଥାନୀୟ ବାସିନ୍ଦା ଏବଂ ସ୍ୱେଚ୍ଛାସେବୀ ସଂଗଠନ ମାନଙ୍କୁ ସକ୍ରିୟଭାବେ ସାମିଲ କରି ଏହି କାର୍ଯ୍ୟକ୍ରମକୁ ଏକ ଜନ ଅଭିଯାନର ରୂପ ଦେବାକୁ ସେ ପରାମର୍ଶ ଦେଇଥିଲେ । ଓଡ଼ିଶା ଉପକୂଳରେ ଓଲିଭ୍ ରିଡ୍‌ଲେ ସହ ଅନ୍ୟାନ୍ୟ ଗୁରୁତ୍ୱପୂର୍ଣ୍ଣ ସମୁଦ୍ର କଇଁଛ ମାନଙ୍କର ସଂରକ୍ଷଣ ଓ ସୁରକ୍ଷା ନିମନ୍ତେ ସାଟେଲାଇଟ୍ ମାଧ୍ୟମରେ ସେମାନଙ୍କର ଗତିବିଧିର ସମ୍ବନ୍ଧିତ ତଥ୍ୟ ସଂଗ୍ରହ କରିବାକୁ ଡଃ ଶର୍ମା ବୈଠକରେ ଉପସ୍ଥିତ ଭାରତୀୟ ବନ୍ୟ ଜନ୍ତୁ ପ୍ରତିଷ୍ଠାନର ବିଶେଷଜ୍ଞ ଡ. କେ ଶିବକୁମାରଙ୍କୁ ପରାମର୍ଶ ଦେଇଥିଲେ । ପ୍ରଧାନ ବନ ସଂରକ୍ଷକ ଡଃ ହରି ଶଙ୍କର ଉପାଧ୍ୟାୟ କହିଥିଲେ ଯେ, ଓଡ଼ିଶାର ଗହୀରମଥା ଉପକୂଳ ପୃଥିବୀର ଏକ ସର୍ବବୃହତ କଇଁଛ ପ୍ରଜନନ ଉପକୂଳ । ଏହାର ସୁରକ୍ଷା ଦିଗରେ ଓଡ଼ିଶା ସରକାରଙ୍କ ଦ୍ୱାରା ନିଆଯାଇଥିବା ପଦକ୍ଷେପର ଜାତୀୟ ଏବଂ ଆନ୍ତର୍ଜାତୀୟ ଗୁରୁତ୍ୱ ରହିଛି । ଓଲିଭ୍ ରିଡ୍‌ଲେ ବିଶେଷଜ୍ଞ ଡଃ ପ୍ରିୟମ୍ବଦା ମହାନ୍ତି କହିଥିଲେ ଯେ, ଓଡ଼ିଶା ହେଉଛି ଏକ ଅଗ୍ରଗଣ୍ୟ ରାଜ୍ୟ ଯେଉଁଠି ଓଲିଭ୍ ରିଡ୍‌ଲେ ସୁରକ୍ଷା ପାଇଁ ସରକାରଙ୍କ ବିଭିନ୍ନ ବିଭାଗ ସମନ୍ୱିତ ଭାବେ ଲଗାତାର କାମ କରିଚାଲିଛନ୍ତି । ବର୍ତମାନ ପର୍ଯ୍ୟନ୍ତ କରାଯାଇଥିବା ପ୍ରସ୍ତୁତିର ସମୀକ୍ଷା କରି ଅତିରିକ୍ତ ମୁଖ୍ୟ ଶାସନ ସଚିବ ଡଃ ଶର୍ମା ଜଙ୍ଗଲ, ମତ୍ସ୍ୟ ଓ ପଶୁ ସମ୍ପଦ ବିକାଶ, ଗୃହ ଏବଂ ତଟ ସୁରକ୍ଷା ବାହିନୀ ଆଦି ବିଭାଗଙ୍କୁ ପରସ୍ପର ସହ କ୍ଷେତ୍ରସ୍ତରୀୟ ସମନ୍ୱୟ ରଖି କାର୍ଯ୍ୟ କରିବାକୁ ନିର୍ଦ୍ଦେଶ ଦେଇଥିଲେ । କ୍ଷେପଣାସ୍ତ୍ର ପରୀକ୍ଷଣ କେନ୍ଦ୍ର, ଡି.ଆର.ଡି.ଓ ଏବଂ ଉପକୂଳବର୍ତୀ ୩ଟି ବନ୍ଦର କର୍ତୃପକ୍ଷ ମାନେ ସଂରକ୍ଷଣ ନିୟମକୁ କଡ଼ାକଡ଼ି ଅନୁପାଳନ କରିବା ସହ ରାତ୍ରୀ ସମୟରେ ତୀବ୍ର ଆଲୋକ ରଶ୍ମିକୁ ଅବନତ କରିବା ନିମନ୍ତେ ଅତିରିକ୍ତ ମୁଖ୍ୟ ଶାସନ ସଚିବ ନିର୍ଦ୍ଦେଶ ଦେଇଥିଲେ । ତୀବ୍ର ଆଲୋକ ରଶ୍ମି ଓଲିଭ୍ ରିଡ୍‌ଲେଙ୍କ ଉପରେ କୁପ୍ରଭାବ ପକାଇବାର ସମ୍ଭାବନା ଥିବାରୁ ଆଲୋକ ରଶ୍ମି ନିୟନ୍ତ୍ରିତ କରିବାକୁ କୁହାଯାଇଥିଲା । ରାଜ୍ୟ ଲୋକସେବା ଭବନରୁ ଡିଜିଟାଲ୍ ମୋଡ଼ରେ ଅନୁଷ୍ଠିତ ଏହି ବୈଠକରେ ପି.ସି.ସି.ଏଫ୍ ଡଃ ଉପାଧ୍ୟାୟ କଇଁଛ ସଂରକ୍ଷଣ ସମ୍ବନ୍ଧିତ ପ୍ରଶାସନିକ, ଆର୍ଥିକ ଓ ଆଇନଗତ ଦିଗ ଆଲୋଚନା ନିମନ୍ତେ ଉପସ୍ଥାପନ କରିଥିଲେ। ଡ. ଉପାଧ୍ୟାୟ ଜଣାଇଥିଲେ ଯେ, ୨୦୧୯-୨୦ ବର୍ଷରେ ବିଭିନ୍ନ ବିଭାଗ ମାନଙ୍କର ସମ୍ବନ୍ଧିତ ପ୍ରଚେଷ୍ଟା ମାଧମରେ ସୁରକ୍ଷା ବଳୟକୁ କଡ଼ାକଡ଼ି କରାଯାଇଥିଲା, ଫଳରେ ୨୦୧୯-୨୦ ବର୍ଷରେ ପ୍ରାୟ ୭.୩୦ ଲକ୍ଷ କଇଁଛ ଅଣ୍ଡା ଦେଇଥିଲେ । ୨୦୧୮-୧୯ରେ ଏହା ୪.୫୧ ଲକ୍ଷ ଥିଲା । ଗୃହ ବିଭାଗ ପ୍ରମୁଖ ଶାସନ ସଚିବ ସଂଜୀବ ଚୋପ୍ରା, ପ୍ରମୁଖ ପ୍ରଧାନ ବନ ସଂରକ୍ଷକ ସନ୍ଦୀପ୍ ତ୍ରିପାଠୀ, ମତ୍ସ୍ୟ ଓ ପଶୁ ସମ୍ପଦ ବିଭାଗ ଶାସନ ସଚିବ ଆର୍. ରଘୁ ପ୍ରସାଦ, ବନ୍ୟଜନ୍ତୁ ପ୍ରଧାନ ମୁଖ୍ୟ ସଂରକ୍ଷକ ଡଃ ହରିଶଙ୍କର ଉପାଧ୍ୟାୟ, ବିଶେଷଜ୍ଞ ଡ. ପ୍ରିୟମ୍ବଦା ମହାନ୍ତି, ବନ୍ୟା ଜନ୍ତୁ ସଂରକ୍ଷକ ଅତିରିକ୍ତ ଶାସନ ସଚିବ ଶଶି ପଲ୍, ତଟ ସୁରକ୍ଷା କମାଣ୍ଡାଂଟ, ବନ୍ୟ ଜନ୍ତୁ ସଂରକ୍ଷଣ ଅନୁଷ୍ଠାନର ନିର୍ଦ୍ଦେଶକଙ୍କ ସମେତ ଡି.ଆର.ଡି.ଓ, ଆଇ.ଟି.ଆର୍, ଧାମରା, ଗୋପାଳପୁର ଏବଂ ପାରାଦ୍ୱୀପ ବନ୍ଦର କର୍ତୃପକ୍ଷଙ୍କର ବରିଷ୍ଠ ଅଧିକାରୀମାନେ ବୈଠକର ଆଲୋଚନାରେ ଅଂଶଗ୍ରହଣ କରିଥିଲେ ।

## ଯାଜପୁର ଜିଲ୍ଲାରେ ୨୪ ଘଂଟାରେ ୨୩୨ ଜଣଙ୍କ ଠାରୁ ଜୋରିମାନା ଆଦାୟ

ଭୁବନେଶ୍ୱର,୩୦।୧୦ (ନି.ପ୍ର): ଯାଜପୁର ଜିଲ୍ଲାରେ ଗତ ୨୪ ଘଂଟା ମଧ୍ୟରେ ମାସ୍କ ନ ପିନ୍ଧିବା, ବାହାରେ ଛେପ ପକାଇବା ସାମାଜିକ ଦୂରତ୍ୱ ନ ମାନିବା ଓ ଯାନବାହନ ଆଇନ ଉଲ୍ଲଂଘନକୁ ନେଇ ମୋଟ ୨୩୨ ଜଣଙ୍କ ଠାରୁ ଜୋରିମାନା ଆଦାୟ କରା ଯାଇଛି । ଏମାନଙ୍କ ଠାରୁ ୧ ଲକ୍ଷ ୧୬ ହଜାର ଟଙ୍କାର ଜୋରିମାନା ଆଦାୟ କରା ଯାଇଥିବା ନେଇ ଯାଜପୁର ପୋଲିସ ପକ୍ଷରୁ ସୂଚନା ଦିଆ ଯାଇଛି ।

# ମାନସିକ ବିକାରଗ୍ରସ୍ତ ଦିବ୍ୟାଙ୍ଗ ଯୁବତୀଙ୍କୁ ଦୁଷ୍କର୍ମ ଅଭିଯୋଗ : ଅଭିଯୁକ୍ତ ଗିରଫ

ବାରିପଦା,୩୦।୧୦ (ନି.ପ୍ର): ଅକ୍ଟୋବର ୧୬ ଗୁପଚୁପ ଖାଇବାକୁ ଡ଼ାକି ନେଇ ଜନୈକ ମାନସିକ ବିକାର ଗ୍ରସ୍ତ ଦିବ୍ୟାଙ୍ଗ ଯୁବତୀଙ୍କୁ ଦୁଷ୍କର୍ମ କରାଯାଇଥିବା ଅଭିଯୋଗ ହୋଇଛି । ଘଟଣା ବିଷୟରେ ଗତକାଲି ଯୁବତୀ ଜଣକ ପରିବାର ସଦସ୍ୟଙ୍କୁ ଜଣାଇବା ପରେ ଥାନାରେ ଲିଖିତ ଅଭିଯୋଗ ହୋଇଛି । ଅଭିଯୋଗ ମାତ୍ରକେ ବାରିପଦା ଟାଉନ ଥାନା ଆଇଆଇସି ବୀରେନ୍ଦ୍ର ସେନାପତି ଅଭିଯୁକ୍ତ ଯୁବକକୁ ଗିରଫ କରିବାରେ ସଫଳ ହୋଇଛନ୍ତି । ଆସନ୍ତା କାଲି ଉଭୟଙ୍କର ଡ଼ାକ୍ତରୀ ପରୀକ୍ଷା କରାଯିବା ପରେ ଅଭିଯୁକ୍ତ ଯୁବକକୁ କୋର୍ଟ ଚାଲାଣ କରାଯିବ ବୋଲି ଥାନା ଅଧିକାରୀ ଶ୍ରୀ ସେନାପତି ପ୍ରକାଶ କରିଛନ୍ତି । ପ୍ରାପ୍ତ ସୂଚନାରୁ ଜଣାପଡ଼ିଛି, ବାରିପଦା ପୌରପରିଷଦର ୱାର୍ଡ଼ ନମ୍ବର ୨୪ କାଳିକାପୁର ଅଂଚଳର ଲକ୍ଷ୍ମଣ ରାମଙ୍କ ପୁଅ ହିମାଂଶୁ ରାମ ଓରଫ ଜନ୍ଦା ଗତ ଅକ୍ଟୋବର ୧୬ ସନ୍ଧ୍ୟା ସମୟରେ ଜଣେ ମାନସିକ ବିକାର ଗ୍ରସ୍ତ ଦିବ୍ୟାଙ୍ଗ ଯୁବତୀଙ୍କୁ ଗୁପଚୁପ ଖାଇବାକୁ ଦେବ ବୋଲି କହି ଭୁଲାଇ ନିକଟସ୍ଥ ନଦୀକୂଳକୁ ଡ଼ାକି ନେଇ ତା' ସହିତ ଦୁଷ୍କର୍ମ କରିଥିଲା ଏବଂ ରାତି ପ୍ରାୟ ସାଢ଼େ ୯ଟା ସମୟରେ ଯୁବତୀକୁ ଆଣି ତାର ଘରେ ଛାଡ଼ି ଦେଇ ଯାଇଥିଲା । ଘଟଣା ବିଷୟରେ ମାନସିକ ବିକାର ଗ୍ରସ୍ତ ଦିବ୍ୟାଙ୍ଗ ଯୁବତୀ ତାର ଭଉଣୀ ନିକଟରେ ପ୍ରକାଶ କରିବା ପରେ ସେମାନେ ହିମାଂଶୁ ରାମଙ୍କ ମାଙ୍କୁ ଜଣାଇଥିଲେ । ମାତ୍ର ହିମାଂଶୁର ମା ଏ ବିଷୟରେ କିଛି ଜାଣି ନ ଥିବାର ପ୍ରକାଶ କରିବା ପରେ ଘଟଣା ବିଷୟରେ ପୂର୍ବତନ କାଉନସିଲର ତିଲୋଚନ ପଣ୍ଡାଙ୍କୁ ଜଣାଇଥିଲେ । ସାହିରେ ବୈଠକ ବସିବା ପରେ ସମାଧାନର ରାସ୍ତା ନ ଫିଟିବାରୁ ଗତକାଲି ପିଡ଼ିତାର ଭଉଣୀ ବାରିପଦା ଟାଉନ ଥାନାରେ ଲିଖିତ ଅଭିଯୋଗ କରିଥିଲେ । ଏହି ଘଟଣାକୁ ନେଇ ହିମାଂଶୁ ରାମଙ୍କ ବିରୋଧରେ ଭାରତୀୟ ଦଣ୍ଡବିଧି ଆଇନ ୩୭୬(୨)(ଇ) ଅନୁସାରେ ଥାନାରେ ୭୩୯/୨୦୨୦ରେ ଏକ ମାମଲା ରୁଜୁ କରାଯିବା ପରେ ଅଭିଯୁକ୍ତକୁ ଗିରଫ କରାଯାଇଛି ।

## କଂକ୍ରିଟ ରାସ୍ତା ବିପର୍ଯ୍ୟସ୍ତ-ନିର୍ମାଣ ଦାବୀ

ନୂଆପଡା,୩୦।୧୦ (ନି.ପ୍ର): ନୂଆପଡା ଜିଲ୍ଲା ଖଡିଆଳ ବ୍ଲକ ବିରିଘାଟ ପଂଚାୟତର କୁଶମାଲ ଗ୍ରାମର ଗହିରପଡାକୁ ସଂଯୋଗ କରୁଥିବା କଂକ୍ରିଟ ରାସ୍ତା ମରାମତି ଅଭାବରୁ ବିପର୍ଯ୍ୟସ୍ତ ହୋଇପଡିଛି । ଫଳରେ ଯାତାୟତରେ ଅନେକ ସମସ୍ୟା ଭୋଗ କରୁଥିବା ବେଳେ ନିର୍ମାଣର ଆବଶ୍ୟକତା ରହିଥିବା ପଡାବାସୀ ଅଭିଯୋଗ କରିଛନ୍ତି । ଏହି ରାସ୍ତା ଗତ ୧୫ ବର୍ଷ ତଳେ ନିର୍ମାଣ କରାଯାଇଥିଲା । ସେହି ଦିନ ଠାରୁ ଏହି ରାସ୍ତାକୁ ମରାମତି କରାଯାଇନଥିବାରୁ ରାସ୍ତାର କଂକ୍ରିଟ ସବୁ ଭାଙ୍ଗି ଯାଇଥିବା ବେଳେ ଗାତ ସବୁ ଦେଖାଦେଲାଣି । ଫଳରେ ବାଇକ କିମ୍ବା ସାଇକେଲରେ ଯାତାୟତ କଲେ ଅସୁବିଧା ହେଉଥିବା ଅଭିଯୋଗ କରିଛନ୍ତି । ଏନେଇ ପଂଚାୟତ, ବ୍ଲକକୁ ଅଭିଯୋଗ କଲେ ମଧ୍ୟ କୌଣସି ସୁଫଳ ମିଳୁନଥିବା ପଡାର ରୁପାଧର ଗହିର, ପରମେଶ୍ୱର ଗହିର, ଢୁଢୁରାମ ଶଗରିଆ, ରେଣୁଧର ଗହିର, କ୍ଷୀରସିନ୍ଧୁ ସଗରିଆ ଅଭିଯୋଗ କରିଛନ୍ତି । ଜିଲା ପ୍ରଶାସନ ତୁରନ୍ତ ଦୃଷ୍ଟି ଦେଇ ମରାମତି କରିବାର ବ୍ୟବସ୍ଥା କରିବାକୁ ସାଧାରଣରେ ଦାବୀ ହେଉଛି । ନଚେତ ଗ୍ରାମବାସୀ ଆନ୍ଦୋଳନାତ୍ମକ ପନ୍ଥା ଗ୍ରହଣ କରିବେ ବୋଲି ଚେତାବନୀ ଦେଇଛନ୍ତି ।

# ଚିତ୍ରକୋଣ୍ଡା ଆରଂଗୀ ଘାଟରେ ବ୍ରିଜ ନିର୍ମାଣ ପାଇଁ ଭୂମି ପୂଜା

ମାଲକାନଗିରି,୩୦।୧୦ (ନି.ପ୍ର): ଦୀର୍ଘ ଦିନ ହେଲା ଚିତ୍ରକୋଣ୍ଡା ପଂଚାୟତ ସମିତି ଅନ୍ତର୍ଗତ ଗୁଣ୍ଡାଓ୍ୱାର୍ଡା ଗ୍ରାମ ପଂଚାୟତ ତଥା ପଡୋଶୀ ପଂଚାୟତ ର ପଚାଶ ରୁ ଉର୍ଦ୍ଧ ଗ୍ରାମକୁ ଯାତାୟାତ ପାଇଁ ବାଧକ ସାଜି ଥିବା ଆରଙ୍ଗି ନଦୀ ଘାଟ ରେ, ଡ଼ଙ୍ଗାରେ ଯାତାୟାତ କରୁଥିବାରେ ବହୁ ସମସ୍ୟା ଦେଖା ଦେଉଥିବାରୁ ବହୁବାର ଆପତି ଅଭିଯୋଗ ପରେ ପରେ ଆଜି ତାହା ର ଅନ୍ତ ଘଟିବାକୁ ଯାଉଛି ।ଗୁଣ୍ଡାଓ୍ୱାର୍ଡା ପଂଚାୟତ ବାସି ଦାବି କୁ ପୂରଣ କରିବାକୁ ଯାଇ ମାଲକାନଗିରି ଜିଲାପାଳ ମନୀଷ ଅଗ୍ରୱାଲ ତଥା ଚିତ୍ରକୋଣ୍ଡା ବିଧାୟକ ପୂର୍ଣ୍ଣଚନ୍ଦ୍ର ବାକା ଙ୍କ ମିଳିତ ଉଦ୍ୟମ ରେ ଆଜି ଆରଙ୍ଗି ଡ଼ଙ୍ଗା ଘାଟନଦୀରେ ବ୍ରିଜ ନିର୍ମାଣ ହେବା ପାଇଁ ଶୁଭ ପୂଜା କରାଯାଇଛି,ଯେଉଁ ବ୍ରିଜ ଟେଣ୍ଡର ସରି ଯାଇଛି ଯାହା ର ନିର୍ମାଣ କାମ କୋରାପୁଟ ଜିଲ୍ଲା ଶିମିଳିଗୁଡ଼ା ର ଗୁପ୍ତେଶ୍ୱର କନଷ୍ଟ୍ରକସନ କରିବା ତେଣୁ ଆଜି ଗୁଣ୍ଡାଓ୍ୱାର୍ଡା ପଂଚାୟତ ବାସିଙ୍କ ଉପସ୍ଥିତିରେ ଗୁପ୍ତେଶ୍ୱର କନଷ୍ଟ୍ରକସନର ପରିଚାଳକ ସୁବାସ ସ୍ୱାଇଁ ନବ ନିର୍ମାଣ ଆରଙ୍ଗି ବ୍ରିଜର ଶୁଭ ପୂଜାରେ କର୍ତା ହୋଇ ବସିଥିବା ବେଳେ ସ୍ଥାନୀୟ ଚିତ୍ରକୋଣ୍ଡା ନୀଳକଣ୍ଠମନ୍ଦିରର ପୂଜକ କୋକ ପାଢ଼ୀ ଙ୍କ ପୌରୋହିତ୍ୟରେ ପୂଜା କାର୍ଯ୍ୟ ସମାପନ ହୋଇଥିଲା ।ବ୍ରିଜଟିରେ ନଅ ଗୋଟି ପିଲର ଉପରେ ୨୨୯, ୟ୪ ମିଟର ଲମ୍ବାର ବ୍ରିଜ ନିର୍ମାଣ ହେବ, ଏବଂ ଯାହାର ଓସାର ୮, ୫ ମିଟରରେ କରାଯିବ ବୋଲି ସୂଚନା ମିଳିଛି । ଏହି ବ୍ରିଜ ଟି ନିର୍ମାଣ ହେବା ଦ୍ୱାରା ୫୦ ରୁ ଉର୍ଦ୍ଧ ଗ୍ରାମକୁ ସଂଯୋଗ ହେବା ସହ ଆନ୍ଧ୍ର ସିଲେରୁ କୁ କମ ସମୟରେ ଯାଇ ପହଂଚି ହେବ, ବ୍ରିଜ ଦ୍ୱାରା ବହୁ ଜନସାଧାରଣ ଉପକୃତ ହୋଇ ପାରିବେ, ଉକ୍ତ ଶୁଭ କାର୍ଯ୍ୟକ୍ରମ କୁ ପରିଚାଳନା କରିଥିଲେ ଗଙ୍ଗାଧର ବଡ଼ନାୟକ ଓ ପିତାମ୍ବର ଖେମୁଡୁ ।

# ମନ୍ଦିର ଓ ଧର୍ମାନୁଷ୍ଠାନ ଖୋଲିବା ଦାବିରେ ସେବାୟତଙ୍କ ପ୍ରତିବାଦ



ବାରିପଦା,୩୦।୧୦ (ନି.ପ୍ର): ମନ୍ଦିର ସେବାୟତ ସଂଘ ପକ୍ଷରୁ ମନ୍ଦିର ଓ ଅନ୍ୟାନ୍ୟ ଧର୍ମାନୁଷ୍ଠାନ ଗୁଡ଼ିକ ଖୋଲିବା ଦାବିରେ ସଂକୀର୍ତ୍ତନ ଓ ଘଣ୍ଟନାଦ କରି ଅଭିନବ ଉପାୟରେ ପ୍ରତିବାଦ ଜଣାଇଛନ୍ତି ସେବାୟତ ମାନେ। ବୁଧୁବାର ଦିନ ବାରିପଦା ବଡ଼ ଜଗନ୍ନାଥ ମନ୍ଦିର ଓ ସେବାୟତ ମାନଙ୍କ ବାସଗୃହ ସମ୍ମୁଖରେ ରାଜ୍ୟ ସରକାର କୋଭିଡ କଟକଣା ମତେ ସର୍ବସାଦାରଣଙ୍କ ପାଇଁ ବନ୍ଦ ରଖିଥିବା ମନ୍ଦିର ତଥା ବିଭିନ୍ନ ଧର୍ମାନୁଷ୍ଠାନ ଗୁଡିକ ଖୋଲିବା ଦାବୀରେ ଶାନ୍ତିପୂର୍ଣ୍ଣ ଭାବେ ଅଭିନବ ପ୍ରତିବାଦ ପ୍ରଦର୍ଶନ କରିଥିଲେ। ହିନ୍ଦୁ ସଂସ୍କୃତିର ଆସ୍ଥା ଓ ବିଶ୍ୱାସର କେନ୍ଦ୍ର ମନ୍ଦିର ଗୁଡ଼ିକ ମହାମାରୀ କରୋନା ପାଇଁ ଦୀର୍ଘ ଦିନ ଧରି ବନ୍ଦ ହୋଇରହିଛି। ତେବେ ମନ୍ଦିର ଗୁଡ଼ିକ କୋଭିଡ କଟକଣା ମଧରେ ଖୋଲାହେବା ସହ ଭକ୍ତମାନଙ୍କ ଶୃଙ୍ଖଳିତ ଦର୍ଶନ ନେଇ ସରକାର ନିକଟରେ ଦାବି ରଖି ମନ୍ଦିର ସେବାୟତ ସଂଘ ପକ୍ଷରୁ ଏହି ପ୍ରତିବାଦ କରାଯାଇଛି। ଏଥି ସହିତ ବିଭିନ୍ନ ପ୍ରକାର ସେବାରେ ନିୟୋଜିତ ସେବାୟତ ମାନଙ୍କୁ ଆର୍ଥିକ ସହଯୋଗ ଯୋଗାଇ ଦେବାକୁ ଅନୁରୋଧ କରିଛନ୍ତି। ଅନ୍ୟ ରାଜ୍ୟରେ କୋଭିଡ କଟକଣା ମଧରେ ମନ୍ଦିର ଧର୍ମାନୁଷ୍ଠାନ ଖୋଲି ସାରିଥିଲେ ମଧ ଆମ ରାଜ୍ୟରେ ବର୍ତ୍ତମାନ ସୁଦ୍ଧା ଭକ୍ତ ମାନେ ଠାକୁରଙ୍କ ଦର୍ଶନ ପାଇବାରୁ ବଂଚିତ ରହିଛନ୍ତି ବୋଲି ଓଡ଼ିଶା ମନ୍ଦିର ସେବକ ସଂଘର ସଭାପତି କାମେଶ୍ୱର ତ୍ରିପାଠୀ କହିଛନ୍ତି। ତେଣୁକରି ଆଜି ସକାଳ ୯ ଘଟିକା ସମୟରେ କରନା ନିୟମ କାନୁନ ମଧରେ ମନ୍ଦିର ଖୋଲିବା ଓ ସେବାୟତଙ୍କୁ କରୋନା ଜନିତ ସାହାଯ୍ୟ ଯୋଗାଇବା ପାଇଁ ଦାବିକରି ୯ମିନିଟ ପର୍ଯ୍ୟନ୍ତ ସଂକୀର୍ତ୍ତନ କରି ଶାନ୍ତିପୂର୍ଣ୍ଣ ପୂର୍ବକ ଆନ୍ଦୋଳନ କରିଥିଲେ। ଏଥି ସହିତ ସମସ୍ତ ଜନସାଧାରଣଙ୍କୁ ଏହି ଆନ୍ଦୋଳନରେ ସାମିଲ୍ ହେବାକୁ ଅନୁରୋଧ କରିବା ସହିତ ସେମାନଙ୍କର ସହଯୋଗର କାମନା କରିଛନ୍ତି।

# ଶୀତ ସତର୍କତା

ଅନ୍ୟ ଋତୁ ତୁଳନାରେ ତ୍ୱଚାର ସର୍ବାଧିକ କ୍ଷତି ହୋଇଥାଏ ଶୀତ ଋତୁରେ । ଦେହ ଓ ଓଠ ଫାଟିବା, ତ୍ୱଚା ଶୁଷ୍କତା, ରୁପି ପ୍ରଭୃତି ସମସ୍ୟା ଦେଖାଦିଏ । କେଶ କ୍ଷତିଗ୍ରସ୍ତ ହେବା ସହ ମୁହଁର ଉଜ୍ଜ୍ୱଳତା ହ୍ରାସ ପାଏ । ତେବେ ସାମାନ୍ୟ ସତର୍କତା ଅବଲମ୍ୱନ କଲେ ସେଥିରୁ ମୁକ୍ତି ମିଳି ପାରିବ ।



**ମୁହଁ:**

ଦୁଇ ଚାମୁଚ ମିଲ୍କ ପାଉଡର, ଗୋଟିଏ ଚାମୁଚ ମହୁ ସହିତ ଦୁଇଟି ଅଣ୍ଡାର କେଶର ମିଶାଇ ମୁହଁରେ ଲଗାନ୍ତୁ । ଶୁଖିଯିବା ପରେ ସାମାନ୍ୟ ଉଷୁମ ପାଣିରେ ଧୋଇ ଦିଅନ୍ତୁ । ଦିନକୁ ଅନ୍ତତଃ ଦୁଇଥର ଏପରି କରନ୍ତୁ । ଏହି ଉପାୟ ନିୟମିତ କଲେ ମୁହଁ ପୁଣିଥରେ ଉଜ୍ଜ୍ୱଳ ଦେଖାଯିବ । ଏଥି ସହିତ ସନସ୍କ୍ରିନ ବ୍ୟବହାର କରିବାକୁ ଭୁଲନ୍ତି ନାହିଁ । ବହୁ ଲୋକଙ୍କ ଧାରଣା ଯେ ସନ୍‌ସ୍କ୍ରିନ କେବଳ ଗ୍ରୀଷ୍ମଋତୁରେ ବ୍ୟବହାର କରାଯାଏ, ମାତ୍ର ଏହା ଭୁଲ । ଶୀତଋତୁରେ ମଧ୍ୟ ସନ୍‌ସ୍କ୍ରିନ ବ୍ୟବହାର କରିବା ଉଚିତ । ଗ୍ରୀଷ୍ମ ହେଉ କି ଶୀତ ଘରୁ ଗୋଡ କାଢ଼ିବା ପୂର୍ବରୁ ଏହା ବ୍ୟବହାର କରନ୍ତୁ ।

**ପାଦ:**

ଶୀତ ଦିନରେ ପାଦ ଓ ଗୋଇଠି ଫାଟିବା ଏକ ସାଧାରଣ ସମସ୍ୟା । ଏଥିରୁ ମୁକ୍ତି ପାଇବା ପାଇଁ ରାତିରେ ଶୋଇବା ପୂର୍ବରୁ ପେଟ୍ରୋଲିୟମ ଜେଲିରେ ପାଦ ମାଲିସ୍ କରନ୍ତୁ ଏବଂ ମୋଜା ବ୍ୟବହାର କରନ୍ତୁ ।

**କେଶ:**

ଶୀତଋତୁରେ କେଶ ନିୟମିତ କଣ୍ଡିସନିଂ ଆବଶ୍ୟକ କରେ । ଏଥି ପାଇଁ ସିଲିକାନ ରିଚ୍ କଣ୍ଡିସନିଂ ବ୍ୟବହାର କରନ୍ତୁ ।

**ଶରୀର:** ପ୍ରତିଦିନ ଗରମ ପାଣିରେ ସ୍ନାନ କଲେ ତ୍ୱଚାର ପ୍ରାକୃତିକ ତୈଳ ଶୁଖିଯାଏ ଏବଂ ତା'ର ସ୍ୱାଭାବିକ ସ୍ନିଗ୍ଧତା ହରାଏ । ତେଣୁ ଥଣ୍ଡାରୁ ରକ୍ଷା ପାଇବା ପାଇଁ ଗରମ ପାଣିରେ ସ୍ନାନ କରନ୍ତୁ ନାହିଁ । ନଖଉଷୁମ ପାଣିରେ ସ୍ନାନ କରନ୍ତୁ ।







## ଅନେକ ରୋଗର ମହୌଷଧୀ ଏହି ଗଛର ପତ୍ର



କଇଁଆ ବା ତେନ୍ତୁଳି ଗଛର ପତ୍ର ଦ୍ୱାରା ତ୍ୱଚା ସଂକ୍ରମଣଜନିତ ରୋଗକୁ ରୋକା ଯାଇପାରିବ ଏବଂ ଏହାର ଲକ୍ଷଣରୁ ମଧ୍ୟ ମୁକ୍ତି ମିଳି ପାରିବ । ତେନ୍ତୁଳି ଗଛର ପତ୍ରରେ ଭିଟାମିନ୍ ସି ଭରପୁର ମାତ୍ରାରେ ରହିଥାଏ । ଯାହା ଦ୍ୱାରା କୌଣସି ସୂକ୍ଷ୍ମଜୀବ ସଂକ୍ରମଣରୁ ଶରୀରକୁ ରକ୍ଷା କରାଯାଇପାରିବ । ତେନ୍ତୁଳି ପତ୍ରରୁ ରସ ବାହାର କରି ଘା ରେ ଲଗାଇବା ଦ୍ୱାରା ତାହା ଶୀଘ୍ର ଶୁଖି ଯାଇ ନୂଆ କୋଷିକା ମଧ୍ୟ ପ୍ରସ୍ତୁତ କରିଥାଏ । ତେନ୍ତୁଳି ପତ୍ର ସେବନ କରିବା ଦ୍ୱାରା ଶରୀରରେ ରକ୍ତ ଶର୍କରା ସ୍ତର ନିୟନ୍ତ୍ରତ ରହିବା ଦ୍ୱାରା ମଧୁମେହ ଭଳି ରୋଗ ନିୟନ୍ତ୍ରିତ ରହେ । ସାଧାରଣତଃ ଦାନ୍ତମାଢି ଓ ନଖ ଦୁର୍ବଳ ହେବା ସହ ଥକ୍କାପଣ ଭଳି ଲକ୍ଷଣ ଦେଖିବାକୁ ମିଳେ । ତେନ୍ତୁଳି ପତ୍ରକୁ ଚୋବାଇବା ଦ୍ୱାରା ଏହି ସମସ୍ୟା ଦୂର ହୋଇଥାଏ । କାରଣ ତେନ୍ତୁଳି ପତ୍ରରେ ଏକ ପ୍ରକାର ଏସିଡ୍ ଥାଏ, ଯାହା ଆଣ୍ଟି-ସ୍କର୍ବି ଭିଟାମିନ୍ ଭଳି କାର୍ଯ୍ୟ କରେ ।

# ସୁନାର ପର୍ବତ

ଉତ୍ତର ପ୍ରଦେଶର ସୋନଭଦ୍ର ଏକ ନକ୍ସଲପ୍ରବଣ ଜିଲ୍ଲା ଭାବେ ଜଣାଶୁଣା । ଏବେ ଆଉ ଏକ କାରଣ ପାଇଁ ଜିଲ୍ଲାଟି ସାରା ଦେଶରେ ଚର୍ଚ୍ଚା ପରିସରକୁ ଆସିଛି ଚର୍ଚ୍ଚା ପଛରେ ରହିଛି ଏହି ଜିଲ୍ଲାର ଦୁଇଟି ଅଞ୍ଚଳରୁ ଠାବ ହୋଇଥିବା ପର୍ଯ୍ୟାପ୍ତ ପରିମାଣର ସୁନା । ଭାରତୀୟ ଭୂତାତ୍ତ୍ୱିକ ସର୍ବେକ୍ଷଣ ସଂସ୍ଥାର ଆକଳନ ଅନୁସାରେ ଏହି ଅଞ୍ଚଳରେ ପ୍ରାୟ ତିନି ହଜାର ଟନ୍ ଓଜନର ସୁନା ଗଚ୍ଛିତ ଅଛି । ସୋନପାହାଡି ନାମକ ଏକ ଛୋଟିଆ ପର୍ବତରେ ୨,୯୪୪ ଟନ୍ ଏବଂ ହାର୍ଡି ବ୍ଲକ୍‌ର ଗୋଟିଏ ସ୍ଥାନରେ ପ୍ରାୟ ୬୪୬ କିଲୋଗ୍ରାମ୍ ଓଜନର ସୁନା ପୋତି ହୋଇ ରହିଛି, ଯାହାର ଅନୁମାନିକ ମୂଲ୍ୟ ବାର ଲକ୍ଷ କୋଟି ଟଙ୍କା ହେବ । ଏବେ ଭାରତ ପାଖରେ ମୋଟ ୬୨୬ ଟନ୍ ଓଜନ ଏହା ଠାରୁ ପ୍ରାୟ ପାଞ୍ଚ ଗୁଣ ଅଧିକ । କେବଳ ସୁନା ନୁହେଁ, ୟୁରାନିୟମ୍, ଲୌହ, ପଟାସ୍, ସିଲିମାନାଇଟ୍ ଭଳି ମୂଲ୍ୟବାନ୍ ଖଣିଜ ପଦାର୍ଥ ମଧ୍ୟ ଏହି ପର୍ବତରେ ଥିବାର ସନ୍ଧାନ କରାଯାଇଛି । ଖୁବ୍ ଶୀଘ୍ର ସୁନା ପର୍ବତର ନିଲାମ ହେବ । ଉଲ୍ଲେଖନୀୟ, ସବୁଠାରୁ ଅଧିକ ସୁନା ଗଚ୍ଛିତ ଥିବା ରାଷ୍ଟ୍ର ତାଲିକାର ଶୀର୍ଷରେ ଏବେ ଯୁକ୍ତରାଷ୍ଟ୍ର ଆମେରିକା ଥିବାବେଳେ ଭାରତ ଦ୍ୱିତୀୟ ସ୍ଥାନକୁ ଉଠିବାର ଆଶା ସଂଚାର ହୋଇଛି ।



# ଅଧିକ ବ୍ୟାୟାମ ବିପଦ

ବ୍ୟାୟାମ ଯୋଗୁ ଆମର ଅନେକ ଉପକାର ହୋଇଥାଏ । ହୃଦୟ ସ୍ଥିତିରେ ଉନ୍ନତି, ସୁନିଦ୍ରା, ଶାରୀରିକ ଶକ୍ତି ବୃଦ୍ଧି ଆତ୍ମବିଶ୍ୱାସରେ ବୃଦ୍ଧି ହେବା ଇତ୍ୟାଦିର ଲାଭ ଆମକୁ ବ୍ୟାୟାମରୁ ହିଁ ମିଳିଥାଏ । ଆଇବିଏଫ୍ ଏକ୍ସପର୍ଟ ଡ଼ ପାର୍ଥ ଜୋଶୀଙ୍କ ଅନୁସାରେ ବ୍ୟାୟାମ ଦ୍ୱାରା ମଧ୍ୟ କିଛି ନକରାତ୍ମକ ପରିସ୍ଥିତି ସୃଷ୍ଟି ହୁଏ, ଯାହା ପ୍ରତି କମ୍ ଲୋକଙ୍କ ଦୃଷ୍ଟି ଯାଇଥାଏ । ଯେପରି ଅଧିକ ବ୍ୟାୟାମ ବନ୍ଧ୍ୟାପଣର କାରଣ ମଧ୍ୟ ହୋଇପାରେ । ତେଣୁ ଏହି ଉର୍ବରାତ ବା ଫର୍ଟିଲିଟିର ହ୍ରାସ ପୁରୁଷ ବା ସ୍ତ୍ରୀମାନଙ୍କ ମଧ୍ୟରେ ଦେଖାଯାଇଥାଏ । ଏହାକୁ ଏମେନୋରିୟା ବା ରଜୋରୋଧ କୁହାଯାଏ । ଏହି ସ୍ଥିତିକୁ ସାମ୍ନା କରିବାକୁ ପଡ଼େ ଯେତେବେଳେ ମହିଳାମାନଙ୍କୁ ୩ ମାସ ପର୍ଯ୍ୟନ୍ତ ପିରିୟଡ୍‌ସ ଆସେନାହିଁ । ମହିଳାମାନଙ୍କର ଏପରି ସ୍ଥିତି ହେବାର କାରଣ ସେମାନେ ଶରୀରର ଆବଶ୍ୟକତା ଅନୁଯାୟୀ ଜରୁରୀ କ୍ୟାଲୋରୀ ଥିବା ଖାଦ୍ୟ ଖାଆନ୍ତି ନାହିଁ ଓ ନିୟମିତ ବ୍ୟାୟାମ କରନ୍ତି । ଶରୀରରେ କ୍ୟାଲୋରୀର ଅଭାବ ସିଧା ଉର୍ବରତା ଉପରେ ପଡ଼ିଥାଏ ତା ନୁହେଁ । ଯୌନ ଇଚ୍ଛା ଉପରେ ମଧ୍ୟ ଏହାର ପ୍ରଭାବ ପଡ଼େ । ଏହାବ୍ୟତି ଅତ୍ୟଧିକ ସ୍ୱାସ୍ଥ୍ୟ ଯୋଗୁଁ ଶରୀରରେ ଏଷ୍ଟ୍ରୋଜେନ୍ ହର୍ମୋନର ଉତ୍ପନ୍ନ ବୃଦ୍ଧି ପାଇଥାଏ, ଯାହାଦ୍ୱାରା ସ୍ତ୍ରୀର ପ୍ରଜନନ ପ୍ରଣାଳୀ ସହିତ ସଂଯୋଗ ଅଣ୍ଡା ଉତ୍ସର୍ଜନ ଓ ପିରିୟଡ୍‌ସ ଉପରେ ପ୍ରଭାବ ପଡ଼ିବା ଦ୍ୱାରା ବନ୍ଧ୍ୟାପଣର ବିପଦ ବଢ଼ିଯାଏ । ଏଷ୍ଟ୍ରୋଜନ୍ ସ୍ତରରେ ଅଧିକ ପରିବର୍ତ୍ତନ ହେବା କାରଣରୁ ମଧ୍ୟ ଗର୍ଭଧାରଣ କରିବାରେ ସମସ୍ୟା ଦେଖାଦେଇଥାଏ । ପୁରୁଷମାନଙ୍କ ମଧ୍ୟରେ ହେଭି ଟ୍ରେନିଂ ନେବା ସମୟରେ ଶରୀରରେ ଶୁକ୍ରାଣୁ ବା ସ୍ପର୍ମ ସଂଖ୍ୟାରେ ହ୍ରାସ ପାଇଥାଏ । ଅଧିକ ସମୟ ବ୍ୟାୟାମ କରିବା ଯୋଗୁ ନା କେବଳ ସ୍ପର୍ମର ସଂଖ୍ୟାରେ ହ୍ରାସ ପାଏ ତାହା ନୁହେଁ ରିପ୍ରଡକ୍ସନର କ୍ଷମତା ମଧ୍ୟ ହ୍ରାସ ପାଇଥାଏ ।



# ରହସ୍ୟରେ ଭରା 'ଲେକ୍ ଅଫ୍ ନୋ ରିଟର୍ଣ୍ଣ'



ଭାରତ ଓ ମ୍ୟାଁମାର ସୀମାରେ ଥିବା ଝରଣା 'ଲେ? ଅଫ ନୋ ରିଟର୍ଣ୍ଣ ଭିତରେ ରହିଛି ଅନେକ ରହସ୍ୟମୟ ଘଟଣାବଳୀ । ଏହି ଝରଣାଟି ମଧ ଏହି ରହସ୍ୟପୂର୍ଣ ଘଟଣା ଯୋଗୁ ଦୁନିଆରେ ବେଶ ଜଣାଶୁଣା । କୁହାଯାଏ ଯେ ଥରେ ଯିଏ ଏହି ଝରଣାର ପାଖ ମାଡ଼ିଛି ସେ ଆଉ ଫେରିପାରିନି । ଏହି ଝରଣାଟି ଅରୁଣାଚଳ ପ୍ରଦେଶରେ ଅବସ୍ଥିତ । ଦ୍ୱିତୀୟ ବିଶ୍ୱଯୁଦ୍ଧ ସମୟରେ ଆମେରିକା ବିମାନ ପାଇଲଟ ଝରଣାକୁ ଏକ ସମତଳ ଜାଗା ଭାବି ଏମରଜେନ୍ସି ଲାଣ୍ଡିଂ କରେଇଥିଲେ କିନ୍ତୁ ପରେ ଭଡ଼ା ଜାହଜ ସହିତ ପାଇଲଟ ମଧ ରହସ୍ୟଜନକ ଭାବେ ଉଭାନ ହୋଇଯାଇଥିଲେ । ଏହାପରେ ଆମେରିକା ସୈନ୍ୟ ନିଖୋଜ ଜାହାଜ ଓ ପାଇଲଟଙ୍କ ଅନୁସନ୍ଧାନ ପାଇଁ ଝରଣା ପାଖରେ ପହଞ୍ଚିଥିଲେ । ଆମେରିକ ସୈନ୍ୟମାନଙ୍କୁ ଜାହାଜ ନେଇ କୌଣସି ସୂଚନା ମିଳି ନଥିବାବେଳେ ସୈନ୍ୟମାନେ ମଧ ଅଚାନକ ଉଭାନ ହୋଇଯାଇଥିଲେ । ସେହିପରି ଦ୍ୱିତୀୟ ବିଶ୍ୱଯୁଦ୍ଧ ସମୟରେ ଜାପାନୀ ଜାହାଜ ରାସ୍ତା ଭୁଲିଯାଇ ଜାହାଜକୁ ଝରଣା ତଟରେ ଲାଣ୍ଡ କରିଦେଲେ କିନ୍ତୁ ସେହି ଜାହାଜ ଓ ଜାହାଜ ସମେତ ସେଥିରେ ଥିବା ପାଇଲଟ ସମେସ୍ତ ସେହି ବାଲିରେ ଧସି ହୋଇ ଯାଇଥିବାର ଲୋକ କଥା ଏବେ ବି ସେଠାରେ ଜୀବନ୍ତ । ପ୍ରତିବର୍ଷ ଏଠାକୁ ବହୁସଂଖ୍ୟକ ଲୋକ ବୁଲିବା ପାଇଁ ଆସନ୍ତି କିନ୍ତୁ କେହି ଏ ଝରଣା ଭିତରକୁ ଯିବା ପାଇଁ ସାହସ କରନ୍ତି ନାହିଁ ।

# ମେଡିଟେସନ ପାଇଁ 'ମେଡି ଟ୍ରେନ୍'

ମେଡିଟେସନ ପାଇଁ ଆମ ଶରୀର ଏବଂ ମନକୁ ନିୟନ୍ତ୍ରଣ କରିଥାଏ । ବ୍ୟସ୍ତବହୁଳ ଜୀବନରେ ମେଡିଟେସନ ନିହାତି ଜରୁରୀ । ଏହାକୁ ଦୃଷ୍ଟିରେ ରଖି ବୈଜ୍ଞାନିକମାନେ ଆରମ୍ଭ କରିଛନ୍ତି ଫମେଡି ଟ୍ରେନ୍' । କଣ ଏହି ମେଡିଟ୍ରେନ୍? ଫମେଡି ଟ୍ରେନ' ହେଉଛି ମେଡିଟେସନ ବା ଧ୍ୟାନର ଡିଜିଟାଲ ପ୍ରୋଗ୍ରାମ୍ । ବୈଜ୍ଞାନିକମାନେ ବ୍ୟକ୍ତିଗତ ଉପଯୋଗ ପାଇଁ ମେଡିଟେସନ ବା ଧ୍ୟାନ ପ୍ରଶିକ୍ଷଣ ଦେଉଥିବା ଲୋକଙ୍କ ପାଇଁ ଡିଜିଟାଲ ପ୍ରୋଗାମ ଆରମ୍ଭ କରିଛନ୍ତି । ଯାହାର ନାମ ହେଉଛି ମେଡିଟ୍ରେନ । ଏହା ଛଅ ସପ୍ତାହରେ ଯୁବିପିଢ଼ିଙ୍କ ଭିତରେ ଏକାଗ୍ରତା ଏବଂ ସ୍ମରଣ ଶକ୍ତି ବୃଦ୍ଧି କରିବାରେ ସକ୍ଷମ ହୋଇପାରିବ । ମେଡି ଟ୍ରେନ୍ ନାମକ ଏକି ପ୍ରୋଗ୍ରାମୟ ଏମିତି କିଛି ଆଲଗୋରିଦମ୍ ବ୍ୟବହାର କରିଥାଏ, ଯାହା ପ୍ରତିଯୋଗୀଙ୍କ କ୍ଷମତା ଅନୁସାରେ କହିବ ଯେ କେତେ ସମୟ ଦେବା ମେଡିଟେସନ ସେସନ୍ ପାଇଁ ଆବଶ୍ୟକ । ଏହାଦ୍ୱାରା ସେମାନେ ଶ୍ୱାସ ପ୍ରକ୍ରିୟାକୁ ନିୟନ୍ତ୍ରଣ କରିବାରେ ଅଭ୍ୟାସ କରିପାରିବେ ।



ଫ୍ରାନସ୍କିକୋ ସ୍ଥିତ କାଲିଫର୍ଣ୍ଣିଆ ଏହା ପାଇଁ ୧୮ରୁ ୩୫ ପ୍ରତିଯୋଗୀଙ୍କୁ ସାମିଲ ଯେଉଁଥିରେ ସେମାନେ ନଜର ରଖାଯାଇଥିଲା । ଏକାଗ୍ରତା ଏବଂ ସ୍ମରଣଶକ୍ତି ପ୍ରଭାବ ସେତିକି ଥିଲା ଯେତିକି ଆୟୁ ବର୍ଗର ଲୋକଙ୍କୁ ମାସ ମାସ ଦର୍ଶାଯାଇଥିଲା । କିନ୍ତୁ ଫମେଡି କମ୍ ସମୟ ଭିତରେ ନିଜର ବୃଦ୍ଧି କରିପାରିଥିଲେ ବୋଲି ହୋଇଥିଲା । ମେଡି ଟ୍ରେନ୍ କିପରି ମେଡିଟେସନର ତାହାକୁ ବିଭିନ୍ନ ଲୋକଙ୍କ ମେଡିଟେସନରୁ ଫମେଡି ଟ୍ରେନ୍'କୁ ପ୍ରୋଗାମ୍ ରୂପରେ ବିକଶିତ ଏବଂ ପରୀକ୍ଷଣ ଏହାକୁ ମୋବାଇଲ କିମ୍ବା ମଧ୍ୟ ଲୋକ ଶିଖିପାରିବେ । ଯୁଗରେ ଏହା ଗୁରୁତ୍ୱପୂର୍ଣ୍ଣ ଭୂମିକା ବୈଜ୍ଞାନିକମାନେ ଆଶା କରିଛନ୍ତି ।

ଆମେରିକାର ସାନ୍ ୟୁନିଭର୍ସିଟି ଅଫ୍ ଉପରେ ଗବେଷଣା ବୟସର ୫୯ କରିଥିଲା । । ମସ୍ତିଷ୍କ ଉପରେ ରିସର୍ଚ୍ଚ ଅନୁସାର ଉପରେ ପଡୁଥିବା ପୂର୍ବ ଅଧ୍ୟୟନରେ ମଧ୍ୟମ ଧରି ଧ୍ୟାନ ପ୍ରଶିକ୍ଷଣରେ ଟ୍ରେନ୍' କରିଆରେ ସେମାନେ ଧ୍ୟାନ ଏବଂ ସ୍ମରଣ ଶକ୍ତିକୁ ଅଧ୍ୟୟନରେ ସ୍ପଷ୍ଟ ଦ୍ୱାରା ସୁସ୍ଥ ରହିବାପାଇଁ ପ୍ରଭାବ ରହିଥାଏ ଉପାୟରେ ଶିଖାଯାଏ । ପ୍ରେରିତ ସଫ୍ଟୱେର ଡିଜାଇନ୍ , କରାଯାଇଥିଲା । ଟ୍ୟାବ୍ ଜରିଆରେ ବର୍ତ୍ତମାନର ଡିଜିଟାଲ ନିଭାଇବ ବୋଲି କୌଣସି ବ୍ୟକ୍ତିର ଧ୍ୟାନ



ଅବଧିକୁ ବଢ଼ାଇବା ଏବଂ ସ୍ମରଣଶକ୍ତି ବୃଦ୍ଧି କରିବାରେ ଏହା ସକ୍ଷମ ହୋଇପାରିବ ।

# ଗର୍ଭାବସ୍ଥା ସମୟ ପାଇଁ ଡାଏଟ୍ ଟିପ୍‌ସ

**ଗର୍ଭାବସ୍ଥା ସମୟରେ ମହିଳାମାନଙ୍କୁ ନିଜ ସହିତ ଗର୍ଭସ୍ଥ ଶିଶୁର ସ୍ୱାସ୍ଥ୍ୟର ଯତ୍ନ ନେବା ଜରୁରୀ । ଏପରି ସ୍ଥିତିରେ ମହିଳାମାନଙ୍କୁ ଖାଦ୍ୟପେୟର ବିଶେଷ ଧ୍ୟାନ ରଖିବା ଆବଶ୍ୟକ । ଏ ସମୟରେ ଖାଦ୍ୟପେୟର ବିଶେଷ ଯୋଗଦାନ ଥାଏ । କେତେକ ଲାଭକାରୀ ଟିପ୍‌ସ କୁ ମହିଳାମାନେ ଫଲୋ କରିବା ଉଚିତ ।**

♦ ଗର୍ଭାବସ୍ଥା ସମୟରେ ପ୍ରୋଟିନ୍‌ଯୁକ୍ତ ଖାଦ୍ୟ ଯଥା:- ଡାଲି, ଅଙ୍କୁରିତ ଶସ୍ୟ, କ୍ଷୀର ଏବଂ କ୍ଷୀର ଜାତୀୟ ପଦାର୍ଥ, ଅଣ୍ଡା ମାଂସ ଆଦିକୁ ପ୍ରତ୍ୟେକ ଦିନ ଡାଏଟ୍‌ରେ ସାମିଲ କରନ୍ତୁ । ଏହାଦ୍ୱାରା ଶରୀରରେ ପ୍ରୋଟିନର ଅଭାବ ରହିବ ନାହିଁ ।

♦ ସୁସ୍ଥ ପ୍ରେଗନେନ୍ସି ପାଇଁ ଆଇରନ ଜାତୀୟ ଭୋଜନର ଆବଶ୍ୟକତା ରହିଛି । ସେଥିପାଇଁ ସବୁଜ ପନିପରିବା, ଶାଗ, ଡାଳିମ୍ବ, ଲିଚୁ, କିସମିସ୍ ଇତ୍ୟାଦି ପ୍ରତିଦିନ ଖାଇବା ଉଚିତ୍ । ଏହା ବ୍ୟତୀତ ଭିଟାମିନ୍-ସିର ପ୍ରୟୋଗ କରିବା ଜରୁରୀ । ଏଥିରୁ ଶରୀରକୁ ଆଇରନ ମିଳିଥାଏ ।

♦ ଶରୀରରେ ଆବଶ୍ୟକ ଶକ୍ତି ଓ ଫାଇବର୍ସର ଅଭାବକୁ ପୂରଣ କରିବା ପାଇଁ କାର୍ବୋହାଇଡ୍ରେଟ୍‌ଯୁକ୍ତ ଭୋଜନ କରିବା ଆବଶ୍ୟକ । ଶସ୍ୟ, ଫଳ, ସାଲାଡ ପରି ଖାଦ୍ୟ କୁ ଡାଏଟରେ ସାମିଲ କରନ୍ତୁ । ଏହା ବ୍ୟତୀତ ଚୋପା ଲାଗିଥିବା ମୁଗ ଡାଲି ଏ ସମୟରେ ଲାଭକାରୀ ହୋଇଥାଏ ।

♦ ତେଲ ଛଣା ଖାଦ୍ୟର ମାତ୍ରା କମ୍ ରହିବା ଉଚିତ୍ । ଫ୍ୟାଟି ଏସିଡ ଭ୍ରୁଣର ମାନସିକ ବିକାଶ ପାଇଁ ମାନସିକ ବିକାଶ ପାଇଁ ଅତ୍ୟନ୍ତ ଆବଶ୍ୟକ ।

♦ ଗର୍ଭରେ ଥିବା ଶିଶୁର ହାଡ ଦାନ୍ତର ବିକାଶ ପାଇଁ କ୍ୟାଲସିୟମର ମାତ୍ରା ଅଧିକ ହେବା ଆବଶ୍ୟକ । ଏହା ଆପଣଙ୍କୁ ପିଠି ଓ ଅଣ୍ଟା ଯନ୍ତ୍ରଣାରୁ ମଧ ମୁକ୍ତ ଦେବ । ସେଥିପାଇଁ କ୍ଷୀର ଓ କ୍ଷୀର ଜାତୀୟ ଦ୍ରବ୍ୟ ସବୁଜ ପନିପରିବା, ପାଳଙ୍ଗ, ଚିନାବାଦାମ ଆଦିକୁ ଡାଏଟ୍‌ରେ ସାମିଲ କରନ୍ତୁ ।




♦ ଖାଦ୍ୟ ଖାଇବା ବ୍ୟତୀତ ପାଣି ଭରପୂର ମାତ୍ରାରେ ପିଇବା ଉଚିତ । ଅଧିକ ମାତ୍ରାରେ ପାଣି ପିଇବା ମଧ କ୍ଷତିକାରକ । ଦିନରେ ୬ରୁ୮ ଗ୍ଲାସ ପାଣି ନିର୍ଣ୍ଣିତ ଭାବରେ ପିଇବା ଉଚିତ । ଏହାଦ୍ୱାରା ଶରୀରର ତାପମାତ୍ରା ମଧ ଠିକ୍ ରହିବ ।

♦ ସେ ସମୟରେ ଶରୀରକୁ ସୁସ୍ଥ ରଖିବା ପାଇଁ ଚାଲିବା, ଯୋଗ କରିବା କିମ୍ବା ସହଜ ବ୍ୟାୟାମ କରିବା ଉଚିତ । ମନରେ ଶାନ୍ତି ଓ ଏକାଗ୍ରତା ରଖିବା ପାଇଁ ଧ୍ୟାନ କରିବା ମଧ ଜରୁରୀ । ଏହା ଅନାବଶ୍ୟକ ଚିନ୍ତାରୁ ଦୂରରେ ରଖିବାରେ ସାହାଯ୍ୟ କରିବ ।

# ସୋରିଷ ଶାଗର ଉପକାରିତା

ବଜାରରେ ବିଭିନ୍ନ ରକମର ପରିବାମାନ ମିଳିଥାଏ । ପୋଷକତତ୍ତ୍ୱ ଭରପୂର ଏସବୁ ପରିବାକୁ ନିଜ ଖାଦ୍ୟପାନୀୟରେ ପ୍ରତ୍ୟେହ ସାମିଲ କଲେ ଶରୀରର ରୋଗପ୍ରତିରୋଧକ ଶକ୍ତି ବଢେ । ଖାଦ୍ୟ ବିଶେଷଜ୍ଞଙ୍କ ମତରେ ଶୀତଋତୁରେ ସୋରିଷ ଶାଗକୁ ମଧ ଭୋଜନରେ ସାମିଲ କରନ୍ତୁ । କ୍ୟାଲୋରୀ ଭରପୂର ଶାଗରେ କାର୍ବୋହାଇଡ୍ରେଟ୍, ଫାଇବର୍, ପୋଟାସିୟମ୍, ଭିଟାମିନ୍ ଏ, ସି, ଡି, ବି-୧୨, ମ୍ୟାଗ୍ନେସିୟମ୍, ଲୌହ, କ୍ୟାଲସିୟମ୍ ଥିବା ଏଇ ଶାଗ ସ୍ୱାସ୍ଥ୍ୟ ପାଇଁ ଖୁବ୍ ହିତକାରୀ । ଆଣ୍ଟି-ଅକ୍ସିଡାଣ୍ଟ ଭରପୂର ସୋରିଷ ଶାଗ ଖାଇଲେ ଶରୀରକୁ ଶକ୍ତି ମିଳେ ।

- ସପ୍ତାହକୁ ଅନ୍ତତଃ ୨-୩ ଥର ସୋରିଷ ଶାଗ ଖାଇଲେ ଶରୀରରେ କୋଲେଷ୍ଟ୍ରୋଲ୍ ସ୍ତର ନିୟନ୍ତ୍ରଣ ରହେ ।



- ହୃଦ୍‌ରୋଗୀରୁ ବର୍ତ୍ତିବାକୁ ଚାହୁଁଥିବା ଲୋକ ନିଜ ଡାଏଟ୍ ତାଲିକାରେ ସୋରିଷ ଶାଗ ସାମିଲ କରିବା ଭଲ ବୋଲି ଖାଦ୍ୟ ବିଶେଷଜ୍ଞଙ୍କ ମତ ।

- କ୍ୟାଲସିୟମ୍ ଓ ପୋଟାସିୟମ୍ ଭରପୂର ଏଇ ଶାଗ ଖାଇଲେ ହାଡ, ଗଣ୍ଠି, ମଧ ଶକ୍ତ ହୋଇଥାଏ ।

- ଏସିଆନ୍ ଚିକିତ୍ସାଳୟର ଖାଦ୍ୟ ବିଶେଷଜ୍ଞ ବିଭା ବାଜପେୟୀଙ୍କ ମତରେ ଶୀତରେ ଆଣ୍ଠୁଗଣ୍ଠି ସମସ୍ୟା ଥିବା ଲୋକ ନିୟମିତ ସୋରିଷ ଶାଗ ଖାଇଲେ ଉପଶମ ମିଳେ ।

## ଅମୃତ ବଚନ

ନିଜର ଦୁର୍ବଳତା ବିଷୟରେ ଭାବନା କରିବା ଦୁର୍ବଳତାର ପ୍ରତିଷେଧକ ନୁହେଁ। ଶକ୍ତିର ଭାବନା କରିବା ହେଉଛି ତାର ପ୍ରତିଷେଧକ। ନିଜ ମଧ୍ୟରେ ଶକ୍ତି ସର୍ବଦା ପ୍ରସ୍ତୁତ ହୋଇ ରହିଛି ବୋଲି ମାନବକୁ ଶିକ୍ଷା ଦିଅ।

## ସମ୍ପର୍କ ନିକଟତର...

ପ୍ରାୟ କେଇ ମାସର ଶିଥିଳତା ପରେ ଭାରତ-ନେପାଳ ସଂପର୍କ ପୁଣି ସ୍ୱାଭାବିକତା ଦିଗରେ ଅଗ୍ରସର ହେବାକୁ ଆରମ୍ଭ କରିଛି । ଭାରତର ରିସର୍ଚ୍ଚ ଆଣ୍ଡ ଆନାଲିସିସ୍ ୱିଙ୍ଗ୍ (ର) ମୁଖ୍ୟ ସାମନ୍ତ କୁମାର ଗୋଏଲଙ୍କ କାଠମାଣ୍ଡୁ ଗସ୍ତ ଏବଂ ପ୍ରଧାନମନ୍ତ୍ରୀ କେ.ପି. ଶର୍ମାଙ୍କ ଓଲିଙ୍କ ସମେତ ସେ ଦେଶର କେତେକ ବରିଷ୍ଠ ପଦାଧିକାରୀଙ୍କ ସହିତ ସାକ୍ଷାତ ଆଲୋଚନା ଏହି ସ୍ୱାଭାବିକତାକୁ ଅଧିକ ପୁଷ୍ଟ କରିଛି । ଏହାପରେ ନଭେମ୍ବର ପ୍ରଥମ ସପ୍ତାହରେ ଭାରତର ସ୍ଥଳ ସେନାଧକ୍ଷ ଜେନେରାଲ ମନୋଜ ମୁକୁନ୍ଦ ନରବଣେଙ୍କ ନେପାଳ ଗସ୍ତ ଦୁଇ ପ୍ରତିବେଶୀ ରାଷ୍ଟ୍ରଙ୍କ ସଂପର୍କରେ ଆହୁରି ସ୍ୱାଭାବିକତା ଆଣିବାରେ ସହାୟକ ହେବା ବିଶ୍ୱାସ କରାଯାଏ । ଭାରତ ଓ ନେପାଳ ଦୁଇ ଘନିଷ୍ଠ ପ୍ରତିବେଶୀ ରାଷ୍ଟ୍ର ପରସ୍ପରର ବିପଦ ବେଳର ବନ୍ଧୁ ଓ 'ରୋଟି-ବେଟୀ କାରିଷ୍ଟା'ର ସଂପର୍କ ରକ୍ଷା କରି ଆସିଛନ୍ତି । ଏପରିକି, ଗତ ସାତ ଦଶନ୍ଧି ମଧରେ ତାହା ଆହୁରି ନିବିଡ଼ ହୋଇପାରିଛି । ତେଣୁ ଦୁଇ ଦେଶ ମଧରେ ସୀମା ଖୋଲାମେଲା ଓ ଯିଏ ଯେତେବେଳେ ଚାହିଁଲା ଅନ୍ୟ ରାଷ୍ଟ୍ରକୁ ଯାତାୟତ କରିପାରିବେ । କିନ୍ତୁ ନେପାଳରୁ ରାଜତନ୍ତ୍ରର ବିଲୋପ ଓ ସେଠାରେ ଗଣତାନ୍ତ୍ରିକ ଶାସନ ବ୍ୟବସ୍ଥା ପ୍ରତିଷ୍ଠା ହେବାପରେ ଉଭୟ ରାଷ୍ଟ୍ର ମଧରେ ସଂପର୍କର କିଛିଟା ପରିବର୍ତ୍ତନ ଆସିଛି, ଯାହା ଉଭୟ ରାଷ୍ଟ୍ର ଉତ୍ତମ ରୂପେ ଉପଲବ୍ଧି କରନ୍ତି । ଗତ ମେ' ମାସରେ ପ୍ରତିରକ୍ଷା ମନ୍ତ୍ରୀ ରାଜନାଥ ସିଂହ ମାନସରୋବର ଯାତ୍ରା ପାଇଁ ଉଦ୍ଦିଷ୍ଟ ଲିପୁଲେଖ ଅଞ୍ଚଳର କେତେକ ସଡ଼କକୁ ଉଦ୍‌ଘାଟନ କରିବା ପରେ ନେପାଳ ସେହିସବୁ କ୍ଷେତ୍ରକୁ ନିଜର ବୋଲି ଦାବି କରି ବସିଥିଲା । କେବଳ ଦାବି ନୁହେଁ, ଏ ସଂକ୍ରାନ୍ତରେ ନୂତନ ମାନଚିତ୍ର ଛାପି ତାହାକୁ ସେ ଦେଶ ସଂସଦରେ ଗୃହୀତ କରାଯାଇଥିଲା । ପ୍ରଧାନମନ୍ତ୍ରୀ ଓଲି ଏହି କାର୍ଯ୍ୟରେ ଦେଖାଇଥିବା ସକ୍ରିୟତା ତାଙ୍କ ଭାରତବିରୋଧୀ ମନୋଭାବକୁ ସମସ୍ତଙ୍କ ନିକଟରେ ସ୍ପଷ୍ଟ କରିଥିଲା । ଏପରିକି ସେ ଖୋଲାଖୋଲି ଭାବେ କେତେକ ଭାରତବିରୋଧୀ ମନ୍ତବ୍ୟ ମଧ ପ୍ରଦାନ କରିଥିଲେ । ଏଭଳି କରିବା ପଛରେ ତାଙ୍କର ଭାରତବିରୋଧୀ ମନୋଭାବ ଯେତିକି ସୂଚିତ ହୋଇଥିଲା, ତାହାଠାରୁ ଅଧିକ ସ୍ପଷ୍ଟ ହୋଇଥିଲା ତାଙ୍କ ପାଇଁ ସୃଷ୍ଟ ରାଜନୈତିକ ବିରୋଧାଭାଷ । ନିଜ ପ୍ରତିଦ୍ୱନ୍ଦ୍ୱୀ ଓ ସମାଲୋଚକଙ୍କ ଆକ୍ରୋଶରୁ ବର୍ତ୍ତିବା ସକାଶେ ସେ ଏଭଳି ଭାରତବିରୋଧୀ ଆଭିମୁଖ୍ୟ ଆପଣାଇଥିବା ରାଜନୈତିକ ମହଲ ଓ ଗଣମାଧମରେ ବିସ୍ତୃତଭାବେ ପ୍ରକାଶ ପାଇଥିଲା । ଏବେ ତାଙ୍କର ଘୋର ବିରୋଧୀ ପୁଷ୍ପକୁମାର ଦହଲ 'ପ୍ରଚଣ୍ଡ' ଏବଂ ମାଧବ କୁମାର ନେପାଳଙ୍କ ସହ ବୁଝାମଣା ହୋଇସାରିଛି । ପୁନଶ୍ଚ, ଯେଉଁ ଚୀନର ପରୋକ୍ଷ ପ୍ରରୋଚନାରେ ଶ୍ରୀ ଓଲି ଭାରତବିରୋଧୀ ସ୍ୱର ଉତ୍ତୋଳନ କରୁଥିଲେ ଏବେ ସେହି ଚୀନ ନେପାଳର କିଛି ସୀମା କ୍ଷେତ୍ରକୁ ଅକ୍ତିଆର କରି ବସିଛି । ତେଣୁ ଭାରତ ସହ ସଂପର୍କ ସ୍ୱାଭାବିକ କରିବାକୁ ଶ୍ରୀ ଓଲି ବ୍ୟାକୁଳ ହେବା ସ୍ୱାଭାବିକ । ଅପରପକ୍ଷେ, କରୋନା ମହାମାରୀ ପରିସ୍ଥିତିରେ ଏବେ ନେପାଳ ଅର୍ଥନୀତି ସଂପୂର୍ଣ୍ଣ ବିପର୍ଯ୍ୟସ୍ତ । ପୁଣି ସେ ଦେଶରେ କରୋନା ସଂକ୍ରମଣ ବଢ଼ି ବଢ଼ି ଚାଲିଛି । ବାସ୍ତବତା ଦୃଷ୍ଟିରୁ ଭାରତ ହିଁ ନେପାଳକୁ ଚିକିତ୍ସା ସୁବିଧା ଓ ଆର୍ଥିକ ସହାୟତା ଯୋଗାଇ ପାରିବ । ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ସଦାବେଳେ ପ୍ରତିବେଶୀ ରାଷ୍ଟ୍ରଙ୍କ ପ୍ରତି ଅଗ୍ରାଧିକାର ପ୍ରଦାନ କରି ଆସିଛନ୍ତି । ତେଣୁ ନେପାଳ ପ୍ରତି ଭାରତ ସଦାବେଳେ ଅନୁକମ୍ପା ମନୋଭାବ ପୋଷଣ କରିଛି । ନେପାଳ ତା'ର ସାମଗ୍ରିକ ଆବଶ୍ୟକତାର ଅର୍ଦ୍ଧାଧିକ ସାମଗ୍ରୀ ଭାରତଠାରୁ ଅବା ଭାରତ ମାଧମରେ ହିଁ ସଂଗ୍ରହ କରିଥାଏ । ନେପାଳ ଯେଉଁ ସାମଗ୍ରୀ ବିଦେଶକୁ ରପ୍ତାନି କରେ ତାହା ମଧ ଭାରତ ଦେଇ କରିଥାଏ । ଭାରତରେ ନେପାଳର ପ୍ରାୟ ଦଶ ଲକ୍ଷରୁ ଅଧିକ ନାଗରିକ ବିଭିନ୍ନ କ୍ଷେତ୍ରରେ ନିଯୁକ୍ତ । କେବଳ ଭାରତୀୟ ସେନାରେ ପୂର୍ବରୁ କାର୍ଯ୍ୟରତ ପ୍ରାୟ ୧ଲକ୍ଷ ୩୬ ହଜାର ନେପାଳୀ ନାଗରିକ ଏବେ ପେନସନଭୋଗୀ । ଏବେ ସୀମା ବିବାଦକୁ ନେଇ ଉତ୍ପନ୍ନ ସ୍ଥିତି ଯଦି ସ୍ୱାଭାବିକ ନହୁଏ, ତେବେ ସେ ଦେଶ ସରକାରଙ୍କ ଉପରେ ଦେଶର ସାଧାରଣ ନାଗରିକଙ୍କ ପକ୍ଷରୁ ଚାପ ପଡ଼ିବା ସ୍ୱାଭାବିକ । ଭାରତକୁ ନଆସିଲେ ନେପାଳୀ ଯୁବକମାନଙ୍କୁ ନିଜ ଦେଶରେ ଚାକିରି ବା ରୋଜଗାର ମିଳିବା ଦୁରୂହ କଥା । ଏହିସବୁ ବାସ୍ତବତାକୁ ଦୃଷ୍ଟିରେ ରଖି ନେପାଳ ଏବେ ପୁଣି ଥରେ ଭାରତ ଆଡ଼କୁ ବନ୍ଧୁତାର ହାତ ବଢ଼ାଇଛି । ଆସନ୍ତା ସପ୍ତାହରେ ଭାରତୀୟ ସ୍ଥଳ ସେନାଧକ୍ଷ ଜେନେରାଲ ନରବଣେଙ୍କୁ ନେପାଳ ସରକାର ସେ ଦେଶର ସମ୍ମାନଜନକ ଜେନେରାଲ ପଦବିରେ ଭୂଷିତ କରିବେ । ଏପରିକି, ଜେନେରାଲ ନରବଣେଙ୍କ ଗସ୍ତ ପୂର୍ବରୁ ଭାରତବିରୋଧୀ ନେତା ଓ ସେନା ଅଧିକାରୀମାନଙ୍କୁ ବିଭିନ୍ନ ପଦପଦବିରୁ ହଟାଇ ଓ ଦାୟିତ୍ୱ ପରିବର୍ତ୍ତନ କରିବେ ବୋଲି ପ୍ରଧାନମନ୍ତ୍ରୀ ଶ୍ରୀ ଓଲି ଏ ଦିଗରେ ସବୁପ୍ରକାର ସୂଚନା ଦେଇଛନ୍ତି । ଏବେ ଅପେକ୍ଷା ଦୁଇ ଦେଶ ପରସ୍ପରକୁ କେଉଁଭାବେ ଗ୍ରହଣ କରୁଛନ୍ତି ।






### ଆଶା...

ଡଃ ମାଙ୍ଗଳିକା ମହାପାତ୍ର

କିଛି କଥା କହିବାକୁ
କିଛି କଥା ଶୁଣିବାକୁ
କିଛି ବ୍ୟଥା ବାଣ୍ଟିବାକୁ
କିଛି ଦୁଃଖ ଜାଣିବାକୁ
କିଛି ଆଶା ଭାଙ୍ଗିବାକୁ
କିଛି ବନ୍ଧ ବାନ୍ଧିବାକୁ
କିଛି ବନ୍ଧୁ ପାଇବାକୁ
କିଛି ବନ୍ଧନ ଛାଡ଼ିବାକୁ
କିଛି ସମ୍ପର୍କ ଛାଡ଼ିବାକୁ
କିଛି ତ୍ୟାଗ କରିବାକୁ
କିଛି ଲୁହ ପିଇବାକୁ
କିଛି ଖୁସି ଜୀଇଁବାକୁ
କିଛି ସ୍ୱପ୍ନ ଦେଖିବାକୁ
ଆଶ ଆକାଂକ୍ଷା ତ
ସମସ୍ତଙ୍କ ଥାଏ
ହେଲେ କ'ଣ କେବେ
ତାହା ପୂରଣ ହୁଏ..!!!

+ ପ୍ଲଟ୍ ନଂ ୩୫୩, ପ୍ରଶାନ୍ତି ବିହାର
କିଟ୍ ବିଶ୍ୱବିଦ୍ୟାଳ, ଭୁବନେଶ୍ୱର

# ଯୁଗେ ଯୁଗେ ଭଗବାନ

ଶ୍ରୀକୃଷ୍ଣ ସାମଲ

ସତ୍ୟ ଯୁଗରେ ଭଗବାନ ଦେବଦେବୀଙ୍କ ଗହଣରେ ସ୍ୱର୍ଗରେ ରହୁଥିଲେ । ସ୍ୱର୍ଗ, ମର୍ତ୍ତ୍ୟ ଓ ପାତାଳର କଥା ବୁଝୁଥିଲେ । ଦେବରାଜ ଇନ୍ଦ୍ର ହେଉଛନ୍ତି ସ୍ୱର୍ଗର ରାଜା । ତିନୋଟି ଯୁଗ ବିତି ଯାଇଥିଲେ ମଧ ସେ କେବେ ବି ମର୍ତ୍ତ୍ୟକୁ ଆସି ନାହାନ୍ତି । ସେ କେବେ ମର୍ତ୍ତ୍ୟକୁ ଆସିଲେ ତାଙ୍କ କରିସ୍ମା ଦେଖାଇ ଫେରି ଯାଇଛନ୍ତି । ହେଲେ ଜଳ ଦେବତା ଜଳ, ଅଗ୍ନି ଦେବତା ଅଗ୍ନି ଓ ପବନ ଦେବତା ବାୟୁ ରୂପରେ ଚାରି ଯୁଗ ହେଲା ମର୍ତ୍ତ୍ୟବାସୀଙ୍କୁ ସେବା କରି ଚାଲିଛନ୍ତି । ସୂର୍ଯ୍ୟ ଓ ଚନ୍ଦ୍ର ଦେବତା ସେମିତି ଚାରିଯୁଗ ହେଲା ଆକାଶରେ ଥାଇ ମର୍ତ୍ତ୍ୟବାସୀଙ୍କୁ କିରଣ ପ୍ରଦାନ କରି ଚାଲିଛନ୍ତି । ସତ୍ୟଯୁଗରେ ହିରଣ୍ୟକସ୍ୟପୁ ତାର ପୁତ୍ର ଭଗବାନଙ୍କ ଭକ୍ତ ପ୍ରହ୍ଲାଦଙ୍କୁ ଅକଥନୀୟ କଷ୍ଟ ଦେବାରୁ ପ୍ରହ୍ଲାଦଙ୍କ ଡାକ ଶୁଣି ଭଗବାନ ସ୍ୱର୍ଗରୁ ଓହ୍ଲାଇ ଆସି ହିରଣ୍ୟକସ୍ୟୁଙ୍କର ରାଜ ଉଆସର ଏକ ଖମ୍ବରୁ ବାହାରି ନରସିଂହ ରୂପରେ ତାକୁ ମାରି ଦେଇଥିଲେ ।

ତା'ପରେ ତ୍ରେତୟା ଯୁଗ ଆସିଲା । ଦୁଷ୍ଟ ରାକ୍ଷସମାନଙ୍କ ଅତ୍ୟାଚାର ଓ ପାପଭାର ବଢ଼ିବଢ଼ି ଚାଲିବାରୁ ଭଗବାନ ଆଉ ସ୍ୱର୍ଗରେ ନ ରହି ମର୍ତ୍ତ୍ୟକୁ ରାମ ଅବତାରରେ ଆସି ଆମ ଭାରତବର୍ଷର ଅଯୋଧାରେ ଜନ୍ମ ନେଲେ । ସେ ବି ଅନେକ ଦୁଷ୍ଟ ରାକ୍ଷସମାନଙ୍କୁ ମାରି ମୁନିଋଷିମାନଙ୍କୁ ସାହାଯ୍ୟ କଲେ । ତାଡକା ରାକ୍ଷସୀକୁ ମାରିଦେଲେ । ସୃପଣେଖା ରାକ୍ଷସୀର ନାକ କାନ କାଟିଦେଲେ । ଅହଲ୍ୟାକୁ ପାଷାଣ ଅବସ୍ଥାରୁ ମୁକ୍ତ କଲେ । ଶବରୀର ଭକ୍ତି ଓ ସରଳତା ଦେଖି ତାଠୁ ଅଇଁଠା ଫଳ ଖାଇଥିଲେ । ବାଳୀକୁ ମାରିଥିଲେ । ଶେଷରେ ରାବଣ ସ୍ୱର୍ଗକୁ ସିଡି ବାନ୍ଧି ଦେବତାମାନଙ୍କୁ ହଇରାଣ କରିବ ବୋଲି ତାକୁ ମାରି ଶାନ୍ତି ପ୍ରତିଷ୍ଠା କରିଥିଲେ ।

ତା'ପରେ ଦ୍ୱାପର ଯୁଗ ଆସିଲା । ଭଗବାନ କୃଷ୍ଣ ରୂପରେ ମର୍ତ୍ତ୍ୟରେ ସେହି ଆମ ଭାରତ ବର୍ଷର ମଥୁରାରେ ଜନ୍ମ ହୋଇ ଦୁଷ୍ଟମାନଙ୍କୁ ମାରି ଶାନ୍ତି ପ୍ରତିଷ୍ଠା କରିଥିଲେ । ଅନେକ ଦୁଷ୍ଟ ରାକ୍ଷସ ରାକ୍ଷସୀମାନଙ୍କୁ ମାରିବା ସହିତ ଦୁଷ୍ଟ କଂସକୁ ମାରିଥିଲେ । ସେତେବେଳେ ଦେବରାଜ ଇନ୍ଦ୍ର ଭାଗବାନ କୃଷ୍ଣଙ୍କୁ ଜାଣି ନ ପାରି ବାଦ ସୃଷ୍ଟି କଲେ । ହେଲେ ପରେ ଜାଣି ପାରି ଭଗବାନଙ୍କୁ କ୍ଷମା ମାଗିଲେ । ଏହିପିର ଭଗବାନ ଶ୍ରୀକୃଷ୍ଣ ମହାଭରତ ଯୁଦ୍ଧରେ ଅନେକ ଦୁଷ୍ଟଲୋକଙ୍କୁ ମାରିବାକୁ ସୁଯୋଗ ପାଇଥିଲେ । ଦ୍ରୌପଦୀଙ୍କୁ ବସ୍ତ୍ର ପ୍ରଦାନ କରି ଲଜ୍ଜା ନିବାରଣ କରିଥିଲେ । ସେତେବେଳେ ମଧ ସ୍ୱର୍ଗରୁ ଦେବତାମାନେ ଆସି କୁନ୍ତୀଙ୍କ ସହିତ ସମ୍ପର୍କ ସ୍ଥାପନ କରିଥିଲେ । ଇନ୍ଦ୍ରନନ୍ଦନ ଅର୍ଜୁନ ପିତାଙ୍କୁ ସାକ୍ଷତ କରିବା ପାଇଁ ସ୍ୱର୍ଗକୁ ଯାଇଥିଲେ ।

ତ'ପରେ କଳିଯୁଗ ଆସିଲା । ଭଗବାନ ଆଉ ଅବତାର ନ ନେଇ କାଠପାଷାଣ ଅବସ୍ଥାରେ ପୂଜା ପାଇଲେ । ସ୍ୱର୍ଗର ଦେବଦେବୀମାନେ ମଧ ଏବେ ମର୍ତ୍ତ୍ୟରେ କାଠ ପାଷାଣ ପ୍ରତିମା ହୋଇ ପୂଜା ପାଉଛନ୍ତି । କଳିଯୁଗରେ ଆମ ମର୍ତ୍ତ୍ୟ ବୈକୁଣ୍ଠ ପୁରୀରେ ଭଗବାନ କାଷ୍ଠ ପ୍ରତିମା ହୋଇ ଜଗନ୍ନାଥ ରୂପେ ପୂଜା ପାଉଛନ୍ତି । ସ୍ୱର୍ଗରୁ ଛଦ୍ମ ବେଶରେ ବିଶ୍ୱକର୍ମା ଆସି ଜଗନ୍ନାଥଙ୍କର କାଠ ପ୍ରତିମାକୁ ତିଆରି କରିଥିଲେ । ମା' ଲକ୍ଷ୍ମୀ ସେହି ପ୍ରତିମା ହୋଇ ଜଗନ୍ନାଥଙ୍କ ସହ ରହୁଛନ୍ତି । ସେମାନେ କହି କଥା ହୁଅନ୍ତିନି କି ଖାଆନ୍ତିନି । ହେଲେ ସେବାୟତମାନେ ତାଙ୍କୁ ସ୍ନାନତର୍ପଣ କରାଇ ଖାଇବାକୁ ପିଇବାକୁ ଦିଅନ୍ତି । କିନ୍ତୁ କଳିଯୁଗରେ ସେମାନେ ଆଡୁଆଳରେ ମଣିଷମାନଙ୍କୁ ମଣିଷ ଭଳି ଆସି ବିପଦ ଆପଦ ପଡିଲେ ସାହାଯ୍ୟ କରନ୍ତି । କାଞ୍ଚି ଅଭିଯାନ ବେଳେ ଆମ ରାଜା ପୁରୁଷତ୍ତୋମ ଦେବଙ୍କୁ ଭଗବାନ ସୈନିକ ବେଶରେ ଯାଇ ସାହାଯ୍ୟ କରିଥିଲେ । ଏ କଥା ଭଗବାନ ମାଣିକ ଗୌଡୁଣୀଙ୍କୁ ଦେଇଥିବା ସ୍ୱର୍ଣ୍ଣ ମୁଦିରୁ ହିଁ ଜଣାପଡିଥିଲା । ସେ ଦାସିଆ ନିଡିଆକୁ ନିଜ ପାଖକୁ ନେଇ, ସାଲବେଗକୁ କ୍ଷତମୁକ୍ତ କରି, ବନ୍ଧୁ ମହାନ୍ତିଙ୍କୁ ସୁନାଥାଳି ଦେଇ ଏବଂ ଆହୁରି ଅନେକ କିଛି ଲୋକମାନଙ୍କ ହିତ ସାଧନ କରି ତାଙ୍କ ଅସ୍ତିତ୍ୱ ଜଣେଇ ଦେଇଛନ୍ତି । ମା' ଲକ୍ଷ୍ମୀ ଶ୍ରୀୟା ଚଣ୍ଡାଲୁଣୀଙ୍କୁ ଯଥେଷ୍ଟ ଅନୁଗ୍ରହ ଦେଖାଇ ତାଙ୍କ ଅସ୍ତିତ୍ୱ ଜଣାଇ ସାରିଛନ୍ତି । ଏଣୁ କଳିଯୁଗରେ ଯେଉଁସବୁ ଲୋକହିତକର କାର୍ଯ୍ୟ ହେଉଛି, ଦୁଷ୍ଟମାନଙ୍କୁ ଦଣ୍ଡବିଧାନ କରାଯାଉଛି, ଲୋକମାନେ ଉତ୍କଟ ବ୍ୟାଧିରୁ ମୁକ୍ତ ହେଉଛନ୍ତି । ସେ ସବୁ ପ୍ରକାରନ୍ତରେ ତାଙ୍କରି ଇଙ୍ଗିତରେ ହିଁ ହେଉଛି । ତାଙ୍କ ନିକଟରେ ଆମେ ଜଣାଇଲେ ହିଁ ହେଲା । ଆଉ ଜନ୍ମ ମାନେ ମରଣ ଏକଥା ସତ୍ୟ ଏଣୁ ଆମେ ମଣିଷମାନେ ଅମର ହୋଇ ରହି ପାରିବା ନାହିଁ । ହେଲେ ଭଲ କାମ କଲେ ଗାନ୍ଧୀ ଗୋପବନ୍ଧୁଙ୍କ ଭଳି ଦେବତାଭାବେ ସବୁଦିନ ଅମର ହୋଇ ରହିବା ।

+ ଶ୍ରୀକୃଷ୍ଣ ନିବାସ
କରଞ୍ଜିଆ, ମୟୂରଭଞ୍ଜ
ମୋ-୯୪୩୭୩୨୦୬୭୯

# ଆମ ସଂସ୍କୃତିରେ କୁମାର ପୂର୍ଣ୍ଣିମା

ଡକ୍ଟର ଶ୍ରୀହରି ପଣ୍ଡା



ସଂସ୍କୃତି ସମାଜର ସାମଗ୍ରିକ ଭାବରୂପ, ଏହା ମଧ ଅନ୍ତର୍ଚେତନାର ପ୍ରତିବିମ୍ବ । ସଂସ୍କୃତିର କ୍ରମବିକାଶରେ ମାନବର ନିଜ ମଧରେ ବୌଦ୍ଧିକ ଚେତନା ସୃଷ୍ଟି ହୁଏ, ସଂସ୍କୃତିରୁ ମନୁଷ୍ୟ ଶୃଙ୍ଖଳିତ ଜୀବନଯାପନ କରିବାକୁ ପ୍ରେରଣା ପାଏ, ତା'ର ମାନସିକ ଶକ୍ତିର ବୌଦ୍ଧିକ ବିକାଶ ଘଟିଲେ ତା ମନରୁ ପାଶବିକ ପ୍ରବୃତ୍ତି ଲୋପପାଏ । ଏହା ଦ୍ୱାରା ତା ହୃଦୟରେ ଦୈବୀ ମନୋଭାବ ଜାଗ୍ରତ ହୁଏ, ତା ଚିନ୍ତାର ଭୂୟୋବିକାଶ ସାଧିତ ହୁଏ । ଉତ୍କଳୀୟ ସଂସ୍କୃତିରେ ଦେବଦେବୀ ହେଉଛନ୍ତି ଅବିଚ୍ଛନ୍ନ ଅଙ୍ଗ । କାହିଁ କେଉଁ ଆଦିମ କାଳରୁ ଉତ୍କଳୀୟ ମନୁଷ୍ୟ ସମାଜ ସଂସ୍କୃତି ପ୍ରତି ସଚେତନ ହୋଇ ଦେବଦେବୀଙ୍କୁ ପୂଜା କରି ଆସୁଛି । ବିପଦ ବେଳେ ତାଙ୍କରି ଆଶ୍ରା ଲୋଡୁଛି । ଦେବଦେବୀଙ୍କ ଠାରୁ ଆଶୀର୍ବାଦ ଲାଭକରି ସେ ବହୁ ଦୁଃସାଧ କାର୍ଯ୍ୟ କରୁଛି । ସେଥିପାଇଁ ସେ ବହୁ ଦେବଦେବୀ ଉପାସନା କରିଆସୁଛି । ତନ୍ମଧରୁ ଶରତଋତୁରେ କୁମାର ପୂର୍ଣ୍ଣିମା ଅନ୍ୟତମ । ସେ ଆସେ ହରଷ ମନରେ ଅଙ୍ଗରେ ଅନଙ୍ଗର ଉଚ୍ଚାଟନ, ବାସରେ କାଶଫୁଲର ଶୁକ୍ଳିମା, ଚରଣରେ ହଂସକାରଣ୍ଡବର ନୂପୁରନିକ୍କଣ ଓ ମନମତାଣିଆ କୁଆଁରୀ ଜହ୍ନକୁ ଶିରୋଭୂଷା କରି ମର୍ତ୍ତ୍ୟଧାମକୁ । ଶରତ ବଧୂବେଶ ସାଜି ପଦାର୍ପଣ କରୁଛି । ତା'ର ମଥାମଣି କୁଆଁର ପୁନେଇ ଜହ୍ନ ଆଜି ଧବଳିମାର ପ୍ରଚାରକରି କୁଆଁରୀ ମାନଙ୍କ ମନକୁ ଉତ୍ତଳା କରୁଛି । ତଳେ ଅବନୀ ବନିତା, ଉପରେ ଧଳାବାଦଲ କୋଳରୁ ରଜତ ଜ୍ୟୋସ୍ନା ଝରି ପଡେ । ଗାଁଦାଣ୍ଡରେ ମଧୁମହୋତ୍ସବର ବିପୁଳ ଆସର ଜମେ । ପଲ୍ଲୀବାଳାର ଅଳସପାଦ ଚଳଚଞ୍ଚଳ ହୋଇଉଠେ । ଯାହା ପାଟିରୁ ପଦିଏ କଥା ବାହାରେ ନାହିଁ ସେ ପାଦରେ ଅଳତାମାଖି, ନୂପୁରର ରୁଣୁଝୁଣୁ ନାଦରେ ଗାଁ ଦାଣ୍ଡକୁ ପ୍ରକମ୍ପିତ କରିପକାଏ । ଯୌବନର ଛୁଆଁରେ ତାର ପଦ ଛନ୍ଦଚପଳ । କଣ୍ଠରେ ମନଫୁଲାଣିଆ ପୁଚିଗୀତ ଐକତାନିକ ସ୍ୱରରେ କିଶୋରୀମାନଙ୍କ ତୁଣ୍ଡ ଉଚ୍ଛୁଳା ମଧୁଶ୍ରାବୀ ଝଙ୍କାରରେ ଗାଁ ଦାଣ୍ଡ ଉଚ୍ଛୁଳି ପଡେ । ତାଙ୍କରି ମଧୁବର୍ଷୀ କଣ୍ଠରୁ ଝରିପଡେ ---ପୁଁଚି ଲୋ....ଯା' ଯା' ତୁ ଘୁଞ୍ଚିଲ... । ପୁଚି ଖେଳ ଛଳରେ ସେ ତା'ର ସୁଠାମ ଅଙ୍ଗଦେଶକୁ ଭାବୀ ଅନଙ୍ଗ କ୍ରୀଡା ଉପଯୋଗୀ ସୁସ୍ଥ ସବଳ କରିବା ସଙ୍ଗେ ସଙ୍ଗେ ଭାବୀ ଜନ୍ମଦାତ୍ରୀର ଆସନ ଦଖଲ କରିବା ସୂଚନା ଦିଏ । ଆଜି ଏହି ପୁଚିଖେଳ ଗତାୟୁ ହୋଇପଡିଛି । ସାଧାରଣତଃ କୁମାରୀ ଅର୍ଥାତ୍ ଷୋହଳବର୍ଷ ପୂର୍ବରୁ କିଶୋରୀମାନଙ୍କୁ ଏହି ଖେଳ ସାଜେ । ଏହି ଖେଳ ଏବଂ ଏହାର ପ୍ରସ୍ତୁତି ଦ୍ୱାରା ସେମାନଙ୍କର ଉତ୍ତମ ବ୍ୟାୟାମ ହୋଇଯାଉଥିଲା ଯଦ୍ଦ୍ୱାରାକି ନାନା ପ୍ରକାର ସ୍ୱାସ୍ଥ୍ୟ ସମସ୍ୟାରୁ ସେମନେ ନିଜକୁ ମୁକୁଳାଇ ପାରୁଥିଲେ ।

ଚନ୍ଦ୍ର ଭାରତୀୟ ଧର୍ମଶାସ୍ତ୍ରରେ ଅନ୍ୟାନ୍ୟ ଗ୍ରହ ଅପେକ୍ଷା ଅଧିକ ମହତ୍ୱ ରଖେ । କୁମାର ପୂର୍ଣ୍ଣିମା ହେଉଛି ଆମ ରାଜ୍ୟର ଏକ ପ୍ରମୁଖ ପର୍ବ । ଏହାକୁ ମଧ୍ୟ ଶରତ ପୂର୍ଣ୍ଣିମା,ଆଶ୍ୱିନ ପୂର୍ଣ୍ଣିମା,କୁଆଁର ପୂର୍ଣ୍ଣିମା ଏବଂ କୌମୁଦୀ ପୂର୍ଣ୍ଣିମା କୁହାଯାଏ । ଏହି ଦିନ ଜଗତ ଜନନୀ ମା'ଗଜଲକ୍ଷ୍ମୀଙ୍କର ମଧ ପୂଜା ଅନୁଷ୍ଠିତ ହୁଏ । ଏହି ଦିନ ଦେବ ସେନାପତି ଶିବନନ୍ଦନ କୁମାର କାର୍ତ୍ତିକେୟଙ୍କର ଓ ମା'ଲକ୍ଷ୍ମୀଙ୍କର ଜନ୍ମ ତିଥି । ତେଣୁ ତାଙ୍କରି ନାମାନୁସାରେ ଏହି ଉତ୍ସବଟିର ନାମକରଣ ହୋଇଛି କୁମାର ପୂର୍ଣ୍ଣିମା । ଦେବ ସେନାପତି କାର୍ତ୍ତିକେୟ ସୌନ୍ଦର୍ଯ୍ୟର ଯେପରି ଅତୁଳନୀୟ ସେହିପରି ବୀରତ୍ୱରେ ମଧ ଥିଲେ ଅକଳନୀୟ । ତାଙ୍କରି ପରି ସ୍ୱାମୀ ପାଇବାକୁ ସାଧାରଣତଃ କୁମାରୀ କନ୍ୟାମାନେ ଏହି ଦିବସରେ ମା'ଗଜଲକ୍ଷ୍ମୀଙ୍କଠାରେ ବ୍ରତ ଓ ଉପାସନା କରିଥାନ୍ତି । ପୁରାଣ ବର୍ଣ୍ଣନାନୁସାରେ ଏହିଦିନ ସାଗର ମନ୍ଥନରୁ ମା'ଲକ୍ଷ୍ମୀ ଏବଂ ଚନ୍ଦ୍ରଙ୍କର ଆବିର୍ଭାବ ହୋଇଥିଲା । ପଦ୍ମପୁରାଣର ସୃଷ୍ଟିଖଣ୍ଡ ୧୨ଶ ଅଧାୟ,ମତ୍ସ୍ୟପୁରାଣରେ 'ପ୍ରସନ୍ନଭଃ ସମୁତ୍ପନ୍ନଃ ସୋମଶୀତଳାଂଶୁ ଉଜ୍ଜଳଃ'(୨୫୦/୨)ରେ ଚନ୍ଦ୍ରଙ୍କ ଉତ୍ପତ୍ତି ପ୍ରସଙ୍ଗ ବର୍ଣ୍ଣିତ ହୋଇଛି ।

ପୌରାଣିକ ଆଖ୍ୟାନ ଅନୁଯାୟୀ ତାରାକାସୁରର ଉତ୍ପୀଡନରେ ବ୍ୟତିବ୍ୟସ୍ତ ଦେବତାମାନେ ବ୍ରହ୍ମାଙ୍କୁ ପ୍ରାର୍ଥନା କରିଥିଲେ ତାରକାସୁର ନିକଟରୁ ବଞ୍ଚାଇବା ପାଇଁ । ବ୍ରହ୍ମା କହିଥିଲେ ମୋ ବଳରେ ବଳୀୟାନ ତାରକାକୁ ବଧ କରିବାର କ୍ଷମତା କାହାରି ପାଖରେ ନାହିଁ କେବଳ ମହାଯୋଗୀ ଶିବବୀର୍ଯ୍ୟ ସମ୍ଭୁତ ସନ୍ତାନ ହିଁ ବଧ କରିପାରିବ ଯାହାକି ସହଜ କାର୍ଯ୍ୟ ନୁହେଁ । ଦେବତାମାନେ ସେହି ମହାନ ମିଳନ ନିମନ୍ତେ ପ୍ରସ୍ତୁତି ଆରମ୍ଭ କରିଦେଲେ । ସତୀ ମୃତ୍ୟୁପରେ ତପସ୍ୟାରତ ଶିବଙ୍କ ସହ ହିମାଳୟ ନନ୍ଦିନୀ ପାର୍ବତୀଙ୍କର ମିଳନ ପାଇଁ ସମସ୍ତ ପ୍ରକାର ବ୍ୟବସ୍ଥାକରି ଶୁଭ ମୁହୂର୍ତ୍ତର ଅପେକ୍ଷାରେ ରହିଲେ । ପୂର୍ବକଳ୍ପିତ ତାରକାରିପୁ ଶିବଙ୍କ ଅମୋଘ ରେତରେ ଆଶ୍ରୟ ନେଲେ । ପର୍ବତ ନନ୍ଦିନୀ ସେହି ରେତ ଧାରଣରେ ଅସମର୍ଥା ଥିବାରୁ ଶିବଙ୍କ ନିର୍ଦ୍ଦେଶରେ ବାୟୁ ଦେବତା ତାର ଦାୟିତ୍ୱ ନେଲେ । ସମସ୍ତଙ୍କ ଶ୍ରଦ୍ଧା ଓ ଆଗ୍ରହପୂର୍ଣ୍ଣ ଚକ୍ଷୁ ସେହି ମହାନ ଘଟଣାର ସାକ୍ଷୀ ହେବା ପାଇଁ ଅପେକ୍ଷାରେ ରହିଲା । ସେହି ମହାର୍ଘ୍ୟ ମୁହୂର୍ତ୍ତ ଆସି ପହଞ୍ଚିଲା । ଶରତ ସୁନ୍ଦରୀର ଆଗମନୀରେ ମେଘମୁକ୍ତ ଆକାଶରେ ଧଳାବାଦଲର ସଞ୍ଚାର, ଗନ୍ଧବହ ଉତ୍ତଳା, ଚତୁର୍ଦ୍ଦିଗରେ ମଧୁମହୋତ୍ସବର ଅଫୁରନ୍ତ ଆସର । ଛ'ଜଣ କଅଁଳ ବୟସୀ, ଅବିବାହିତା, କୁମାରୀ ଦେବକନ୍ୟା, - ବରୁଣକନ୍ୟା ଜେମା ଓ ରତିରେଖା, ଇନ୍ଦ୍ରଙ୍କ କନ୍ୟା ଅର୍ବିନ୍ଦଲୋଚନୀ, ଚନ୍ଦ୍ରଙ୍କ କନ୍ୟା ସୀତାଂଶୁମାଳିନୀଂ, ଆଦିତ୍ୟଙ୍କ କନ୍ୟା ଜ୍ୟୋତି ଓ ଯୋଗବତୀ ସ୍ନାନାର୍ଥିନୀ । ଶରତ ଋତୁର ଶେଷ କାଳ । ସାମାନ୍ୟ ଶୈତ୍ୟର ପରଶ ତାଙ୍କୁ ବ୍ୟତିବ୍ୟସ୍ତ କରିବାରୁ ଜ୍ୱଳନ୍ତ ଅଗ୍ନି ଚତୁଃପାର୍ଶ୍ୱରେ ବିବସନା ହୋଇ ଉପବେସନ ପୂର୍ବକ ଅଗ୍ନି ତାପର ଆନନ୍ଦ ନେଉଥିଲେ । ସେହି ସମୟ ଉପଯୁକ୍ତ ମନେକରି ବାୟୁ ଦେବତା ବ୍ରହ୍ମରେତକୁ ଅଗ୍ନିକୁ ନିକ୍ଷେପ କଲେ । ସେହି ଦିବ୍ୟରେତ କନ୍ୟାମାନଙ୍କର ଗର୍ଭକମଳରେ ସ୍ଥାନ ପାଇଲା । ଅବିବାହିତ ଅବସ୍ଥାରେ ସମସ୍ତେ ଗର୍ଭବତୀ ହୋଇଥିବାରୁ ସଂନ୍ତସ୍ତା ହୋଇ ନଳ ଭରି ଉଦଗାର କରିବାକୁ ଲାଗିଲେ । ତଳେ କ୍ଷୀନବସ୍ତ ପାରି ପଦ୍ମପତ୍ର ବିଛାଇ ଛ'ଟି ବାଳକକୁ ପୋଟଳାରେ ରଖିଲେ ଓ ପରେ ପଦ୍ମପତ୍ର ଗୁଡାଇ ସରୋବର ମଧକୁ ନିକ୍ଷେପ କଲେ । ମାତ୍ର ଦୈବବଶରେ ସେହି ଷଡଅଙ୍ଗ ଏକତ୍ର ରୂପଧାରଣ କରି ଛଅମୁଣ୍ଡ ଓ ଦ୍ୱାଦଶ ହାତ ବିଶିଷ୍ଟ ଅମିତ ବଳଶାଳୀ ପୁତ୍ରରେ ରୂପାନ୍ତର ହୋଇ ଏକା ଗୋଇଠାକେ ପୋଟଳାକୁ ଭାଙ୍ଗିଦେଲା । ଦେବ ସେନାପତି ଆବିର୍ଭୂତ ହେଲେ । ଚାରିଆଡେ ଶୁଭଶଙ୍ଖ ବାଜି ଉଠିଲା । ସମସ୍ତଙ୍କ ମନ ଅଜଣା ପୁଲକରେ ପୁଲକିତ ହେବାକୁ ଲାଗିଲା । ସ୍ୱର୍ଗରୁ ପୁଷ୍ପ ବୃଷ୍ଟି ହେବା ସହ ଜୟଜୟ ଧ୍ୱନି ମଧରେ ଦେବତାଗଣ ନାମ କରଣ କଲେ କୁମାର । ପରବର୍ତ୍ତୀ ସମୟରେ ସେହି କୁମାରଙ୍କ ଦ୍ୱାରା ତାରକାସୁରର ବଧ ହୋଇଥିଲା ।

ମହାଲକ୍ଷ୍ମୀ ଓ ଚନ୍ଦ୍ର ଭାଇଭଉଣୀ, ଚିରକୁମାର କାର୍ତ୍ତିକେୟ, ଜଳ, ଆକାଶ, ପଦ୍ମ, ଗଜ, ବନସ୍ପତି, ଚନ୍ଦ୍ରମା ଏସବୁ ଶୋଭା ସମ୍ପଦର ଆଧାର । ଏଣୁ ନବଯୌବନରେ ଉପନୀତ କୁମାର କୁମାରୀଙ୍କ ଲାଗି ଏ ବ୍ରତ ଉଦ୍ଦିଷ୍ଟ । କୁମାରୀମାନେ ଉଦୟକାଳୀନ ସୂର୍ଯ୍ୟଙ୍କୁ ପ୍ରଥମେ ନୈବେଦ୍ୟ ଅର୍ପଣ କରିଥାନ୍ତି ଓ ସଂଧ୍ୟାହେଲେ ଚନ୍ଦ୍ରମାଙ୍କୁ ଅବଲୋକନ ପୂର୍ବକ ନୂତନ ବସ୍ତ୍ର ପରିଧାନ କରି ଚଉରା ମୂଳରେ ନିଷ୍ଠାର ସହ ଉଦିତଚନ୍ଦ୍ରକୁ ପୂଜାକରି ସୁନ୍ଦର ସ୍ୱାମୀ ପାଇବାକୁ ବରମାଗନ୍ତି । ତିକେ ଉଚ୍ଛୁରରେ ପୂଜାକଲେ ଝିଅଟି ବୁଢାବର ପାଇବ ବୋଲି ଲୋକବିଶ୍ୱାସ ପ୍ରଚଳିତ । ଖଇ, ଉଖୁଡ଼ା, ନଡିଆ, କଦଳୀ, ତାଳଗଜା ଇତ୍ୟାଦି ଏକାଠି ଚକଟା ହୋଇ ଚାନ୍ଦ ଆକାରରେ ରଖାଯାଇ ଭୋଗ କରାଯାଏ । ଝିଅମାନେ ଚାନ୍ଦଚକଟାକୁ କବାଟକୋଣରେ ଲୁଚେଇ ଖା'ନ୍ତି । ସାରାରାତି ଝିଅମାନେ ପୁଚିଖେଳନ୍ତି । ପାହାନ୍ତା ପହରକୁ ସେମାନେ ସଦଳବଳ ଗୀତା ଗାଇଗାଇ କାନୀରେ ଶୀତ ପୁରେଇ ଘର ଘର ବୁଲି ଶୀତ ବାଣ୍ଟନ୍ତି । ସେହିଦିନଠାରୁ ପ୍ରକୃତରେ ଶୀତର ଆରମ୍ଭ ହେଲା ବୋଲି ଧରାଯାଏ । ମହାଲକ୍ଷ୍ମୀ, ଚନ୍ଦ୍ର ଓ କୁମାର କାର୍ତ୍ତିକେୟଙ୍କୁ ଭକ୍ତିପୁତ ଭାବେ ଅର୍ଚ୍ଚନାକରି ପୁଚିଖେଳରେ ଦିନ ଅତିବାହିତ କରନ୍ତି । ବିଶେଷତଃ ପଶାଖେଳରେ ରାତି ଅତିବାହିତ କରନ୍ତି । ଏହାଦ୍ୱାରା ଚନ୍ଦ୍ର ଏବଂ ଲକ୍ଷ୍ମୀ ସନ୍ତୁଷ୍ଟ ହୋଇ ଧନ ତଥା ସମୃଦ୍ଧି ଦାନ କରନ୍ତି ବୋଲି ପୁରାଣ ବର୍ଣ୍ଣନାରୁ ଜଣାଯାଏ ।

"ମାସିତ୍ୱଶ୍ୱୟୁଜିପ୍ରାପ୍ତେ ପୌର୍ଣ୍ଣମାସ୍ୟାଂ ୟୁଧିଷ୍ଠିର,
ଦ୍ୟୁତକ୍ରୀଡ଼ା ବିଧାନ କଥୟାମି ସମାପତଃ ।(ଭବିଷ୍ୟୋତ୍ତର, କୃତକୌମୁଦୀ,ପୃ-୧୨୦) ।

କୁମାର ପୂର୍ଣ୍ଣିମା ରାତ୍ର ଜାଗରଣ ଓ ପଶାଖେଳ ପ୍ରସଙ୍ଗକୁ ଆଧାରକରି ଏହି ବ୍ରତର ଅନ୍ୟନାମ 'କୋଜାଗର ବ୍ରତ' ଭାବେ ବିଖ୍ୟାତ ହୋଇଛି । କିଏ ରାତ୍ରିରେ ଉଜାଗର ଅଛି ଏହା ସ୍ୱୟଂ ଲକ୍ଷ୍ମୀ ନିରୀକ୍ଷଣ କରନ୍ତି -

"ନିଶୀଥେ ବରଦା ଲକ୍ଷ୍ମୀ କୋଜାଗର୍ତୀତିଭାଷିଣୀ
ଜଗତାଂ ଭ୍ରମତେ ତସ୍ୟାଂ ଲୋକଚେଷ୍ଟା ବଲୋକିନୀ ।
ତସ୍ମୈବରଂ ପ୍ରୟଛାମି ଯୋଜାଗର୍ତ୍ତୀ ମହୀତଳେ ॥"

ଏହିଦିନ ମାସକଯାକ ପାଳନ କରାଯାଇଥିବା 'ଜହ୍ନି ଓଷା'ର ପରିସମାପ୍ତି ଘଟେ । ଭାଦ୍ରବ ପୂର୍ଣ୍ଣିମାଠାରୁ ଆରମ୍ଭ ହୋଇଥିବା ଜହ୍ନି ଓଷା ଆଜିର ଦିବସରେ ପରିସମାପ୍ତି ଘଟେ । ଧନପ୍ରାପ୍ତି ଓ ନୀରୋଗ ରହିବା ପାଇଁ ଏହି ଓଷା କରିବା ସହିତ କୁମାରୀମାନେ ମାସକ ଯାକ ଜହ୍ନି ଖାଇନଥା'ନ୍ତି । ସଞ୍ଜ ହୋଇ ଆସୁଥିବା ଚଉଁରା ମୂଳରେ କୁଆଁରୀମାନେ ଜହ୍ନିଫୁଲରେ ଘରକରି ସେଥିରେ ଅରୁଆ ଚାଉଳ କିମ୍ବା ପିଠଉ ଦେହରେ ଜହ୍ନ ତିଆରି କରି ସମସ୍ତେ ଏକାଠି ହୋଇ ଜହ୍ନି ଫୁଲରେ ଜହ୍ନକୁ ବନ୍ଦାପନା କରନ୍ତି । ଶେଷରେ ତିନି ଅଞ୍ଜୁଳା ଜହ୍ନିଫୁଲ ଧରି ତୁଳସୀ ଚଉରାକୁ ଫିଙ୍ଗନ୍ତି । ଏହାପରେ ଗୀତ ଏବଂ ଖେଳରେ ସେମାନେ ମାତିଯାଆନ୍ତି । 'ଜହ୍ନିଫୁଲ ଠୋ ଠା,କାକୁଡ଼ି ଫୁଲ ଠୋ ଠା,ଗୁଣ୍ଡୁଚି ମୂଷା କହି ଯାଇଛି ଚାଉଳ ମୁଠେ ରଖିଥା' ଇତ୍ୟାଦି । କୁମାରୀମାନଙ୍କ କଣ୍ଠଉଚ୍ଛୁଳା ଗୀତରେ ଗାଁଦାଣ୍ଡ ଫାଟିପଡେ । ଜହ୍ନ କୋଠରୀ ମଧରେ ଥିବା ଚାଉଳରେ ଗଇଁଠା ଓ ଖେଚୁଡ଼ି ପ୍ରସ୍ତୁତ କରି ମହାନନ୍ଦରେ ପାଉଥା'ନ୍ତି । ଏହାରି ମଧରେ ପରସ୍ପର ସହ ଚାନ୍ଦ ବସନ୍ତି ।

ସନ୍ଧ୍ୟା ସମୟରେ ନବୋଦିତ ଚନ୍ଦ୍ରଙ୍କର ଉପାସନା କରିବା ପୂର୍ବରୁ ଭୋର ସକାଳ ଯେତେବେଳେ କି ଆକାଶରେ କଅଁଳ ସୂର୍ଯ୍ୟଙ୍କର ଅରୁଣ ଦୀପ୍ତି ଓ ମଳାଜହ୍ନର ନିଷ୍ପ୍ରଭ ଜ୍ୟୋତି ଉଭୟର ସମାବେଶ ଘଟିଥାଏ ସେତିକିବେଳେ ଲିଆ, ନଡିଆ ଓ ବିଭିନ୍ନ ଫଳମୂଳର ଅଞ୍ଜଳି ଟେକି ଚନ୍ଦ୍ର ଓ ସୂର୍ଯ୍ୟଙ୍କର ଅର୍ଘ୍ୟ ପ୍ରଦାନ କରନ୍ତି । ଠିକ ସେହିପରି ସନ୍ଧ୍ୟା ସମୟରେ ଗୋଧୂଳିର ଲାଲିମା ଲିଭିନଥାଏ କି ଚନ୍ଦ୍ର ନିଜର କାନ୍ତି ପ୍ରକାଶ କରିନଥାନ୍ତି । ଏହି ଭଳି ଏକ ମଧୁର ଲଗ୍ନରେ ଚନ୍ଦ୍ର, ସୂର୍ଯ୍ୟ, ଲକ୍ଷ୍ମୀ, କର୍ତ୍ତିକଙ୍କର ଆରାଧନା କରି ସୁଖ, ଯଶ, ସୌଭାଗ୍ୟ, ଧନ , ଶକ୍ତି, ସାମର୍ଥ୍ୟ ଓ ପୌରୁଷ କାମନା କରିଥାନ୍ତି ।

॥ ଜୟ ଜଗନ୍ନାଥ ॥

+ ଗୌଡ଼ଗାଁ, କପ୍ତିପଦା,
ମୟୂରଭଞ୍ଜ
ମୋ.୯୮୫୩୯୪୮୪୫୮




### ଦଶାବତାର...

ସୁନିତା ନାଏକ

ସତ୍ୟ ଯୁଗେ ପ୍ରଭୁ ତୁମେ
ମତ୍ସ୍ୟ ରୂପ ନେଲ
ଶଙ୍ଖାସୁର ଠାରୁ ବ୍ରହ୍ମାଙ୍କ
ବେଦ ଉଦ୍ଧରିଲା ।

ପ୍ରଳୟ ଜଳରୁ ଭକ୍ତଜନଙ୍କୁ ତାରିଲ
ଭକ୍ତବତ୍ସଳ ରୂପେ ବାନା ଉଡାଇଲା ।

କୂର୍ମ ରୂପ ହୋଇ ପ୍ରଭୁ ମନ୍ଦର ଧଇଲ
ଶୂକର ରୂପେ ସାଗର ଜଳୁ
ଧରାକୁ ରଖିଲ ।

ଭକ୍ତପାଇଁ ପ୍ରଭୁ ନରସିଂହ ରୂପ ନେଲ
ହିରଣ୍ୟକଶିପୁ ହୃଦ ନଖେ ବିଦାରିଲା ।

ବାମନ ରୂପରେ ତୁମେ
ବଳି ଦ୍ୱାରେ ଗଲ
ତିନି ପାଦ ଭୂମି ମାଗି ତ୍ରିପୁର ଜିଣିଲ ।

ତ୍ରେତୟା ଯୁଗରେ ଭୃଗପତି ରୂପେ ଥିଲ
ଏକୋଇଶ ବାର ଧରା ନିକ୍ଷତ୍ରୀୟ କଲ ।

ରାମ ରୂପେ ଦଶରଥ ଘରେ
ଜନ୍ମ ନେଲ
ପିତୃସତ୍ୟ ପାଳି ତୁମେ ବନକୁ ଗମିଲ ।

ରାବଣ ଦ୍ୱାରା ତୁମେ ସୀତା ହରାଇଲ
ବନରେ ବୁଲି କେତେ ଦୁଃଖ ନ ସହିଲ ।

ରାକ୍ଷସଙ୍କୁ ବଧ କରି ସୀତା ଉଦ୍ଧରିଲ
ପ୍ରଜବତ୍ସଳ ରାଜା ହୋଇ
ସୁଖ୍ୟାତି ଅର୍ଜିଲ ।

ଦ୍ୱାପର ଯୁଗରେ ତୁମେ
କୃଷ୍ଣ ରୂପ ନେଲ
ଦେବକୀ ଗର୍ଭେ ଜନ୍ମି ନନ୍ଦ
ଭୁବନେ ରହିଲ ।

ମୋହନ ମୂରଲୀ ବାଇ ଜଗତ ମୋହିଲ
ଭଣଜା ହୋଇ ମାମୁଁ କଂସ କୁ ମାରିଲ ।
କଳିଯୁଗେ ପ୍ରଭୁ ବୌଦ୍ଧ
ରୂପେ ନେଇଅଛ
ହଟିଆ ଠାକୁର ହୋଇ
ଶ୍ରୀକ୍ଷେତ୍ରେ ରହିଛ ।

ଅପଲକ ନୟନରେ ଅନ୍ୟାୟ ଦେଖୁଛ
ଜଗନ୍ନାଥ ହୋଇ ମଧ କିପରି ସହୁଛ ।

ଆଉ କେତେଦିନ ପ୍ରଭୁ ମଉନ ରହିବ
ତୁମ କଳକୀ ରୂପ କେବେ
ଜଗତ ଦେଖିବ ।

ଆହେ ପ୍ରଭୁ ଜଗତର ନାଥ ଜଗନ୍ନାଥ
ପ୍ରାର୍ଥନା କରେ ମଣିଷକୁ ଦିଅ ମାନବତ୍ୱ ।

+ ଡୁଡୁକାମୁଣ୍ଡା
ବଲାଙ୍ଗିର

### ଛୋଟ ହେଲେବି ଅଛି ଜୀବନ...

ଅମରନାଥ ବାରିକ୍

ଦେଖିବାକୁ କି ସୁନ୍ଦର
ଲାଗୁଥାଏ ଚମତ୍କାର,
ଶରୀରଟା ସାରା କାତି ତା ଅଛି
ଗାଲି ଦ୍ୱାରା ଅମ୍ଳଜାନ ନେଉଛି,
ଶୁଣ ମୁଁ ତାହାର ନାମ କହୁଛି ।

ଜଳଚର ପ୍ରାଣୀ ଅଟେ
ସେହି ତ ନୀରିହ ଗୋଟେ,
ମଣିଷ ତାହାକୁ ଖାଉଛି ଆଣି
ରକତ ବାହାଇ ଜିଅନ୍ତା ଆଣି,
ଗରମ କଡ଼ାଇ ତେଲରେ ଛାଣି ।

ତା'ର ନାମ ମାଛ ବୋଲି
ଦେଖିଲି ପୁରାଣ ଖୋଲି
ତା' ମନ କଥାକୁ ଜାଣିଲେ ପ୍ରଭୁ
ସେ ରୂପ ଧାରଣ କରିଲେ ବିଭୁ,
ଜାଣିଛନ୍ତି ପରା ଏହାକୁ ସବୁ ।

ମାଛ ଯେ ଜଳର ରାଣୀ
ଜୀବନ ତାହାର ପାଣି,
ହାତ ଲଗାଇଲେ ଡରି ସେ ଯାଏ
ପଦାକୁ ଆଣିଲେ ମରି ସେ ଯାଏ,
ପାଣିରେ ଛାଡ଼ିଲେ ପହଁରି ଥାଏ ।

ହୁଅ ଟିକେ ଦୟାବାନ
ବୁଝି ସେ ପ୍ରାଣୀର ମନ,
କରିଯାଅ ପୁଣି ଆଦର ତାଙ୍କୁ
ଗଢ଼ିଛନ୍ତି ଦାତା ଜଗତେ ଯା'ଙ୍କୁ,
ସମସ୍ତ ପ୍ରାଣୀ ଓ ଜୀବ ଜନ୍ତୁଙ୍କୁ ।

+ କୟାଁ, ମଙ୍ଗଳପୁର ଯାଜପୁର
ଦୂରଭାଷା: ୯୫୪୦୩୦୮୦୯୫

# ଝଲସୁଥିବା ସବୁ ଧାତୁ କ'ଣ ସୁନା !

ଇଂ. ବିଦ୍ୟାଧର ପଣ୍ଡା



ଝଲସୁଥିବା ସବୁଧାତୁ କ'ଣ ସୁନା ! ଆଦୌ ନୁହେଁ। ସେମିତି ମୁଣ୍ଡରେ ଜଟାର ଖୁଗେରୁଆ। କୌପିନି ମାରି ମଥାରେ ଚିତାଚୈତନ କାଟି କମଣ୍ଡଳୁ ଧରିଥିଲେ ଯେ ସିଏ ମହର୍ଷି ବିଶ୍ୱାମିତ୍ର କି କପଟି ରାବଣ ଜାଣିବା କଷ୍ଟକର କଥା। ଆଜିକାଲିର ପୂଜାବଜାରରେ ବହୁତ ନକଲି ବାବାଙ୍କର ଜନ୍ମହେବା ସ୍ୱଭାବିକ୍ କଥା। ଦୁର୍ଗାପୂଜା ପରେ ଲକ୍ଷ୍ମୀପୂଜା ଏବଂ ଶେଷରେ କାଳୀପୂଜା। ଏହି ମାସକ ଭିତରେ ବାବାମାନେ ବିଭିନ୍ନ ବହୁରୂପୀ ବେଶରେ ଆବିର୍ଭାବ ହୋଇ ସରଳ ଜନସାଧାରଣଙ୍କୁ ଭଲଭାବରେ ଚୁନା ଲଗାଇବାର ଉଦାହରଣ ଦେଖିବାକୁ ମିଳିଥାଏ। ତେଣୁ ବେଶଭୂଷାରୁ ଦେଖି ଜଣଙ୍କୁ ସିଦ୍ଧପୁରୁଷ ଭାବିବା କଦାପି ଠିକ୍ ନୁହେଁ। ରୋଲଗୋଲ୍ କି ସୁନାପାଣିଦିଆ ସିଲଭର୍‌ରେ ତିଆରି ଗହଣାଗୁଡା ମଧ୍ୟ ସୁନାପରି ଚିକିମିକି କରେ ବୋଲି ସେଗୁଡାକୁ ସୁନା ଦାମରେ କିଣିବା ! ବଣିଆ ପାଖକୁ ନେଲେ କଷଟିପଥରରେ ଦୁଇତିନିଟା ଗାରଟାଣି ସେଗୁଡାକୁ ନାଳକୁ ଫୋପାଡି ଦେବ। ବାବାମାନଙ୍କର ଚେହେରା ଦେଖି ସେମିତି ତାଙ୍କର ଶରଣ ଯିବା ବୋକାମିର ପରିଚୟ ଦେବା ସହ ସମାନ। ଏସବୁ ବାବାମାନେ ସରଳିଆ ଗାଉଁଲି ଗରିବ ଲୋକମାନଙ୍କୁ ସହଜରେ ନିଜ କପଟଜାଲରେ ଛନ୍ଦି ପାରନ୍ତି। କାହାର ନ୍ୟାୟାଳୟରେ ମାଲିମକଦ୍ଦମାରେ ଜୟଯୁକ୍ତ କରିବା, ବୟସ୍କ ଝିଅଟିର ବାହାଘର ପକ୍କା କରିଦେବା ଏବଂ ସନ୍ତାନ ସନ୍ତତି ହେଉ ନଥିଲେ ସେସବୁ ପୂଜା ମାଧ୍ୟମରେ କରେଇଦେବାର ଠିକା ନିଅନ୍ତି। ଚିକ୍କଣ ଭାଷାରେ କୁହନ୍ତି ପୂଜାଟିରେ ମାତ୍ର ପଚିଶ ତିରିଶ ହଜାର ଟଙ୍କା ଖର୍ଚ୍ଚ। ମୋ ପାଇଁ କିଛି ଦରକାର ନାହିଁ, କାମ ହେଲେ ତୁମ ମନ ଶାନ୍ତିରେ ଯାହା ଦେଲେ ମୋର ଚଳିବ। ଏମିତି ସବୁ ବାଇଗଣ ବିକି ଶେଷରେ ପୂଜାଦ୍ରବ୍ୟ ଭିତରେ କିଛି ଏମିତି ଦ୍ରବ୍ୟ ଲେଖେଇବେ ଯାହା କି କେବଳ ସେହିମାନଙ୍କ ପାଖରେ ହିଁ ମିଳିବ। ତେଣୁ ବେପାର ହେଲା। ସେହି ଦ୍ରବ୍ୟ ପଇସାରେ ନିଜର ନବେ ପ୍ରତିଶତ ମୁନାଫା ଥିବାବେଳେ ଆଉ ପୂଜା ଦକ୍ଷିଣା କ'ଣ ପାଇଁ ମାଗିବେ ! ସେଥିପାଇଁ କେବଳ ସତର୍କ ରହିଲେ ହିଁ ଏମାନଙ୍କ କବଳରୁ ରକ୍ଷା ପାଇପାରିବେ। ଲୋକମାନଙ୍କର ଭୁଲିଯିବା ସ୍ୱଭାବ। ଯଦି କିଛି ଲୋକ ଭୁଲି ଯାଇଛନ୍ତି, ଆସନ୍ତୁ କିଛି ବାବାଙ୍କର କଳା କାରନାମାର ପୋଥିଖୋଲି ଏହି ଠିକ୍ ସମୟରେ ଜନ ସଚେତନତା ଜାଗ୍ରତ ହେବାରେ ଟିକେ ସାହାଯ୍ୟ କରିବା।

ପ୍ରଥମେ ଆମ ଦେଶ ଭିତରେ ପ୍ରସିଦ୍ଧବାବାଙ୍କର ପୋଥି ଖୋଲିବା। ସର୍ବ ପ୍ରଥମେ ସବୁଠାରୁ ଭାରି ପୋଥିବାଲା ଆଶାରାମ ବାପୁ। ଯାହାର ନାଁ ଥିଲା ଆଶୁମଲ୍ଲ ସିରୁମାଲାନି। ଯୁବାବସ୍ଥାରେ ମଥୁରାରୁ ବୃନ୍ଦାବନ ଘୋଡାଗାଡିରେ ଯାତ୍ରୀ ନେବାଆଣିବା କରି ପେଟ ପୋଷୁଥିଲା। ସେଇଠି ଜଣେ ବାବାଙ୍କର ଶିଷତ୍ୱ ନେଇ ହରିଦ୍ୱାର ଚାଲିଗଲା। ସେଠାରୁ ଆସି ଅହମଦାବାଦ୍‌ରେ ସାବରମତି ଆଶ୍ରମ ନାଁରେ ନିଜର ବେପାର କେନ୍ଦ୍ର ଖୋଲିଲା। ଏ ଲେଖକ ଅଧମ ମଧ୍ୟ ୧୯୯୯ରେ ସେହି ଆଶ୍ରମକୁ ବାବାଙ୍କ ଦର୍ଶନ ପାଇଁ ଯାଇ ତାଙ୍କର ଏବଂ ତାଙ୍କ ଝିଅର ସାକ୍ଷାତ ଦର୍ଶନ ପୂର୍ବକ ଅମୃତ ବଚନମାନ ଶୁଣିବାର ସୌଭାଗ୍ୟ ପାଇଛି। ଏବେ ଭାବିଲାବେଳକୁ ଲଜ୍ଜା ଲାଗୁଛି ଏବଂ ନିଜକୁ ଧିକ୍କାର କରିବାକୁ ଇଚ୍ଛା ହେଉଛି। ମୁଁ ତ ମୁଁ, ମୋର ସର୍ବୋଚ୍ଚ ଅଧିକାରୀ ଜଣେ ପ୍ରକଳ୍ପ ନିର୍ଦ୍ଦେଶକ ବାବାଙ୍କର ଫଟୋ ନିଜ ଅଫିସଗୃହର ସାମ୍ନାକାନ୍ଥରେ ରଖି ନିୟମିତ ଅଗରବତୀ ସହ ପୂଜାଅର୍ଚ୍ଚନା କରୁଥିଲେ। ଯାହାହେଉ ବାବାଙ୍କର ଚୋରି ଧରାପଡିଲା ୨୦୧୩ମସିହାରେ। ସେତେବେଳେ ବାବାଙ୍କର ବୟସ ୭୬। ଛସ୍ତରି ବୟସ୍କ ଜଣେ ବୃଦ୍ଧ ପାଚିଲା ଦାଢିରେ ଯଦି ଜଣେ ନାବାଳିକାକୁ ଧର୍ଷଣ କରିବାକୁ ଉଦ୍ୟମ କରିପାରେ, ତା'କୁ ମଣିଷ କହିବ ! ଛି। ମୁଖ୍ୟମନ୍ତ୍ରୀ କେଇଟା ଯେତେବେଳେ ବାବାଙ୍କର କଠଉ ଉଠାଉଥିଲେ ସେତେବେଳେ ତାଙ୍କ ବରୁଦ୍ଧରେ ଏପରି ଅଭିଯୋଗ କରିବାକୁ ସାହସ କରିବା ସାଧାରଣ ଲୋକ ପକ୍ଷରେ କାଠିକର ପାଠ। ଯାହାହେଉ ସେ ନାବାଳିକାଟି ସାହସ କଲା ଏବଂ ପରେପରେ ବାବାଙ୍କର ମୁଖା ପରସ୍ତପରସ୍ତ କରି ଚୋପାଛାଡି ବାହାରିଲା ପରେ ଅସଂଖ୍ୟ ମହିଳା ଧିରେ ଧିରେ ମି ଠୁ ପରି ଅଭିଯୋଗ କଲେ। ବାବା ସେବେଠାରୁ ଭିତରେ ଅଛନ୍ତି।

ତା'ଙ୍କ ପରେ ଜଣେ ସୁନ୍ଦରୀ ମାତା ହେଲେ ରାଧେ ମା। ପ୍ରକୃତ ନାଁ ହେଲା ସୁଖବିନ୍ଦର କୌର। ଘର ପାବ। ପାବରୁ ମୁମ୍ବେଇର ବୋରିୱାଲି ପହଁଚି ରାଧେ ମା ଆଶ୍ରମ ଗଢି ନିୟମିତ ପୂଜାଖଟି କଲେ। ମୁମ୍ବେଇ ଭକ୍ତମାନଙ୍କ ଭକ୍ତି ବି ନିଆରା। ମାଆଙ୍କୁ ହାତରେ ଉଠେଇ ନାଚିବାକୁ ହୁଏ। ଜଣେ ଭଦ୍ରଲୋକ ପ୍ରଥମେ ଏସବୁ ବିଷୟକୁ ଉଲ୍ଲେଖ କରି ୨୦୧୫ରେ ନ୍ୟାୟାଳୟରେ ଆମ ଚିରାଚରିତ ପୂଜାର ବ୍ୟତିକ୍ରମ ହେଉଛି ବୋଲି କେସ୍‌ଟିଏ ଦାଖଲ କଲେ। ପରେପରେ ମୁମ୍ବେଇ ନିବାସୀ ନିକି ଗୁପ୍ତା ରାଧେ ମା'ଙ୍କ ବଳପାଇ ତା'ଙ୍କ ଶଶୁରଘର ଯୌତୁକ ମାଗୁଛନ୍ତି ବୋଲି କେସ୍ ଦାୟର କଲାପରେ ପୋଲିସ୍ ରାଧେମା' ଆଶ୍ରମ ଯାଇ ସବୁ ଭିତିରି କଥା ଜାଣିଗଲେ। ଏହିପରି ଆଉଜଣେ ବାବାହେଲେ ସଚ୍ଚିଦାନନ୍ଦ ଗିରି ଓରଫ୍ ସଚ୍ଚିନ୍ ଦତ୍ତା। କେହିକେହି ଯାଙ୍କୁ ବିଲଡର୍ ବାବା ବୋଲି ମଧ୍ୟ କହୁଥିଲେ। ସବୁ ବିଲଡର୍ ମାନଙ୍କ ସାଙ୍ଗରେ ଯାଙ୍କର ବସାଉଠା କମିଶନି ବ୍ୟବସାୟ ଥିଲା। ଯାକୁ ଦିଲ୍ଲୀର ନୟଡା ଆର୍ଥୀକ ଅପରାଧ ଶାଖା ପୋଲିସ ବାନ୍ଧିଲେ। ଏ ବାବା ଗୋଟିଏ ଫ୍ଲାଟ୍‌କୁ ଦୁଇ ତିନିଜଣଙ୍କୁ ବିକି ଟଙ୍କା ଆଣିଥିଲେ ଏବଂ କୋର୍ଟପେପରରେ ମାଲିକାନା ମଧ୍ୟ ହସ୍ତାନ୍ତର କରି ଦେଉଥିଲେ। ଆଉଜଣେ ସୁପ୍ରସିଦ୍ଧ ରଙ୍ଗିଲା ବାବା ହେଲେ ରାମ ରହିମ୍। ଡେରା ସଚ୍ଚା ସୌଦା ମୁଖ୍ୟ ଗୁରୁମିତ୍ ସିଂ। ପାବୀମାନଙ୍କର ଧର୍ମଗୁରୁ ପରି ନିଜକୁ ଆପେଆପେ ଜଣେ ଧର୍ମଗୁରୁ ଘୋଷଣା କରି ସେହିଭଳି ରଙ୍ଗିନ୍ ବେଶପୋଷାକରେ ପ୍ରବଚନ ଦେଇ ଚାଲିଲେ। ବହୁତ ଦାନ ଧର୍ମ ଟଙ୍କା ଆସିବାରୁ ଆଶ୍ରମର କଳେବର ବଢିଲା। ପୁଅମାନଙ୍କ ଅପେକ୍ଷା ଝିଅ ଭକ୍ତ ବେଶୀ ଆସି ଆଶ୍ରମ ଭିତରେ ରହିଲେ। ତାଙ୍କପାଇଁ ଛାତ୍ରୀନିବାସ ପରି ମହିଳା ଭକ୍ତ ନିବାସ ଓ କନ୍ୟା ଭକ୍ତନିବାସ ମାନ ଗଢାହେଲା। ସବୁ କନ୍ୟାଶ୍ରମ ଏବଂ ମହିଳା ନିବାସର ସଭାକକ୍ଷରୁ ବାବାଙ୍କର କୋଠରୀକୁ ସୁଢଙ୍ଗ କରାଗଲା। ଭଗବାନ ଭକ୍ତଙ୍କ ମିଳନ ଇଚ୍ଛାକଲେ ସେହି ସୁଢଙ୍ଗ ଦେଇ ଯିବାଆସିବା କରି ପାରନ୍ତି। ଅନ୍ୟମାନେ ଦେଖିଲେ କଥା ଖରାପ ହେବ, ସେଥିପାଇଁ ବହୁଅର୍ଥ ଶ୍ରାଦ୍ଧ କରାଯାଇ ଏପରି ସୁଢଙ୍ଗ ତିଆରି କରାଯାଇଥିଲା। ବାବା ସିନେମା ବି କଲେ, ହୀରୋ ହେଲେ। ଦୁଇଜଣ ମହିଳା ବଳତ୍କାର ଅଭିଯୋଗ କଲାପରେ ପୋଲିସ ପହଁଚି ବାବାଙ୍କର ପାପପେଡି ଗୋଟିଗୋଟି କରି ଖୋଲିଦେଲା। ଏବେ କୋଡିଏ ବର୍ଷ ବନ୍ଦୀଗୃହରେ ରହିବା କଥା ହୋଇଛି, ଆଗକୁ ବଢିପାରେ। ରାମରହିମକୁ ଗିରଫ କରି ତାଙ୍କର ଆଶ୍ରମକୁ ଯାଂଚ୍ କଲାଦିନ ତାଙ୍କର ଭକ୍ତମାନେ ବସ୍ ଓ ରେଳ ସ୍ଥାନକ ମାନଙ୍କରେ ଭଙ୍ଗାରୁଜା ଜଳାପୋଡା ଆଦି କଲେ। ଆଶ୍ରମ ଭିତରେ ଦୁଇଟି ଅବୈଧ ବାଣ କାରଖାନା ସହିତ ଏକେ -୪୭ ବନ୍ଧୁକ ବି ମିଳିଲା। ଅନ୍ୟଏକ ବହୁରୂପୀ ବାବା ହେଲେ ସ୍ୱାମୀ ଓଁ। ପ୍ରକୃତ ନାଁ ବିନୋଦାନନ୍ଦ ଝା। ତାଙ୍କର ସାନଭାଇ ପ୍ରମୋଦ ଝା ତାଙ୍କ ନାଁରେ ଅଭିଯୋଗ କରି ତାଙ୍କୁ ଧରେଇଦେଲେ ବୋଲି ଅନେକ ଭକ୍ତ ଠକାମିରୁ ବଂଚିଗଲେ। ତାଙ୍କର କଳାକାରନାମା ଭିତରେ ସନ୍ତ୍ରାସବାଦ ଭଳି ସମ୍ବେଦନଶୀଳ ଅଭିଯୋଗ ବି ପ୍ରମାଣିତ ହେଲା। ଅନ୍ୟ ଏକ ଅଦ୍ଭୁତ ବାବା ହେଲେ ତୃତୀୟନୟନର ଅଧିକାରୀ ନିର୍ମଳ ବାବା। ସମାରୋହକୁ ହଜାରହଜାର ଲୋକଡାକି ଦୁଇଦୁଇ ହଜାରଟଙ୍କା ଆଦାୟ କରି ପ୍ରତ୍ୟେକ ସମସ୍ୟାର ସମାଧାନ ଦେଉଥିଲେ। ତ୍ରୀଛକିରେ କାଳିଆଷଣ୍ଢକୁ ଭିଜାବିରି ଖୋଇଲେ ତୁମ ପୁଅର ପାଠ ଭଲହେବ। ସାଇବାବାଙ୍କ ଦର୍ଶନ କରି ସେଠି ଜଣେ ଭିକାରିକୁ ବସ୍ତ୍ରଦାନ କଲେ ତୁମ ସ୍ତ୍ରୀର ରିଷ୍ଟ ଖଣ୍ଡନ ହେବ ଏବଂ ପକ୍ଷଘାତ ରୋଗରୁ ମଧ୍ୟ ମୁକ୍ତି ମିଳିବ। ଶନିବାର ଦିନ ଅଟାଗୁଳା ନେଇ ମାଛମାନଙ୍କୁ ଖୁଆଅ, ଶନିଦଶା କଟିଯିବ। ଏମିତି କପୋଳ କଳ୍ପିତ ମିଛ ବାହାନା କଥାକହି କିଛି ତୃତୀୟ ନୟନ ଦ୍ୱାରା ଲୋକଙ୍କୁ ଠକୁଥିଲେ। ପ୍ରାୟୋଜିତ କିଛିଭକ୍ତଙ୍କୁ ମିଛ ଅନୁଭୂତି କହିବା ପାଇଁ ଯୋଗାଡ କରି ନୂଆଭକ୍ତଙ୍କୁ ବୋକା ବନେଇ ବେଶୀ ଆକର୍ଷଣ କରୁଥିଲେ। ସେ ଝାଡଖଣ୍ଡ ନିବାସୀ ଥିଲେ ଏବଂ ଜଣେ ମହିଳା ଭକ୍ତଙ୍କର ଅଭିଯୋଗ ପରେ ବାବାଙ୍କର ବେପାରରେ ବହୁତ ଘାଟା ହେଲା। ପୋଲିସ ବି ବାନ୍ଧିଲେ। ଫେଶବୁକ୍‌ରେ ବାବା ଲାଇଭ୍ ଦର୍ଶନ ଦେଇ ବି ପିଡା ହରଣ କରିନେଉଥିଲେ ବୋଲି ବହୁଳ ପ୍ରଚାର ହୋଇଥିଲା। କିନ୍ତୁ ସବୁ ଏବେ ଫସର ଫାଟିଗଲା, ଶେଷରେ ସମସ୍ତଙ୍କ ସମସ୍ୟା ସମାଧାନ କରୁଥିବା ବାବାଙ୍କର ନିଜି ସମସ୍ୟା ବାବାଙ୍କୁ ବହୁତ ପିଡା ଦେଉଛି। ଆଉଜଣେ ହେଲେ ଇଚ୍ଛାଧାରୀ ଭିମାନନ୍ଦ। ଯା'ଙ୍କର ପ୍ରକୃତ ନାଁ ଶିବମୁକ୍ତି ଦ୍ୱିବେଦୀ। ୨୦୧୦ରେ ଯୌନ ବ୍ୟବାସାୟ କାର୍ଯ୍ୟକଳାପରେ ଅଭିଯୁକ୍ତ ହୋଇ ଗିରଫ ହେଲେ। ଭବିଷ୍ୟତରେ ବଡ ରାଜନେତା ହେବାକୁ ଅଭିଳାସ ରଖିଥିବା ମଣିଷ ଏବେ ବନ୍ଦୀ ଗୃହର ଚାରିକାନ୍ଥ ଭିତରେ ନିଜର ଦିନ ଗଣୁଛି।

ସେମିତି ଆଉ ଜଣେ ସ୍ୱାମୀ ଅସୀମାନନ୍ଦ। ସେ ଦକ୍ଷିଣପନ୍ଥି ଧାର୍ମୀକ ବ୍ୟକ୍ତି ଜଣେ। ୨୦୦୭ମସିହାର ଆଜମେର ବିଷ୍ଫୋରଣରେ ସ୍ୱତନ୍ତ୍ର କଚେରୀ ଦୋଷୀ ସାବ୍ୟସ୍ତ କଲାପରେ ଗିରଫ ହୋଇଥିଲେ। କିନ୍ତୁ ତା'ଙ୍କ ବିରୁଦ୍ଧରେ ଯଥେଷ୍ଟ ପ୍ରମାଣ ଅଭାବରୁ ସେ ଯଦିଓ ନିର୍ଦ୍ଦୋଷରେ ଖଲାସ ହୋଇଛନ୍ତି ତଥାପି ଦାଗ ଛାଡିନି। ଆଶାରାମ ବାପୁର ପୁଅ ନାରାୟଣ ସାଇ ବି କିଛି କମ କଳାକାର ନୁହଁନ୍ତି। ତାଙ୍କ ବାପାଙ୍କ ପଛେପଛେ ଦୁଇଜଣ ମହିଳା ତା'ଙ୍କ ବିରୁଦ୍ଧରେ ବଳତ୍କାର ଅଭିଯୋଗ ଆଣିବା ପରେପରେ କନ୍ୟା ଏବଂ ମହିଳାମାନଙ୍କ ଅଭିଯୋଗ ଫର୍ଦ୍ଦ ଦିନକୁ ଦିନ ବଢିବାରେ ଲାଗିଲା। ଆଶ୍ରମରେ ରହୁଥିବା ଅନେକ ମହିଳାଭକ୍ତଙ୍କୁ ନାରାୟଣ ସାଇ ବଳତ୍କାର କରିଥିବା ସ୍ୱୀକାର କଲାପରେ ସିଏ ବି ମାମୁଁଘରକୁ ଚାଲିଗଲେ। ହରିୟାଣା ହିସାରରେ ୨୦୧୪ମସିହାରେ ଅନ୍ୟ ଏକ ବାବା ରାମପାଲ ଆଶ୍ରମରୁ ପାଂଚଟି ଶବ ଗଳିତ ଅବସ୍ଥାରେ ଠାବ କରାଗଲା। କୋର୍ଟ କଚେରୀକୁ ଅବମାନନା କରି ବାବା ଗାୟେବ ହୋଇଗଲେ। ଆଶ୍ରମର ଅନ୍ତେବାସୀ ଓ ପୋଲିସ ଦଳଙ୍କ ଭିତରେ ଖଣ୍ଡଯୁଦ୍ଧ ହେଲା। ଜଣେ ଭକ୍ତ ଏହି ଲଢେଇରେ ପ୍ରାଣତ୍ୟାଗ କଲେ। ରାମପାଲ ନିଜକୁ ପଂଚଦଶ ଶତାବ୍ଦୀର ବିଶ୍ୱ ପ୍ରସିଦ୍ଧ କବି କବିରଙ୍କର ପୂର୍ନଜନ୍ମ ବୋଲି କହୁଥିଲା। ଏହିପରି ବାବାଙ୍କ ସଂଖ୍ୟା ଆମ ଦେଶରେ ବହୁତ। କିନ୍ତୁ ଦୁଃଖର ବିଷୟ ଏ ସମସ୍ତ ଦାଗି ବାବାଙ୍କର ଏବେ ବି ହଜାରହଜାର ଭକ୍ତ ତା'ଙ୍କ ନାଁରେ ମାଳା ଜପ କରୁଛନ୍ତି। ସେପରି ଆଉ କେତେକ ବାବାଙ୍କ ଭିତରେ ପ୍ରମୁଖ ହେଲେ ବୃହସ୍ପତି ଗିରି ଓରଫ ଓଁ ନମ ଶିବାୟ ବାବା, ଆଚାର୍ଯ୍ୟ କୁଶମୁନି ସ୍ୱରୂପ, ମାଲଖନ୍ ସିଂ ଇତ୍ୟାଦି।

ଆମଦେଶ ଭାରତ ପରି ଓଡିଶାରେ ମଧ୍ୟ ଏହାର ନମୁନା କିଛି କମ ନାହିଁ। ସର୍ବ ପ୍ରଥମେ ଆମ କୃଷ୍ଣାବତାରୀ ଆଣ୍ଠୁଆ ଗୋପାଳ ପ୍ରିୟ ସାରଥୀ ବାବା ଓରଫ ସନ୍ତୋଷ ରାଉଳ। ମାନ୍ୟବର ! ମାନ୍ୟବର ! ମାନ୍ୟବର ! ମାନ୍ୟବର ! ଈଶ୍ୱର ଦେଖ୍, ସଂସାର ଦେଖ୍, ଶରୀର ଦେଖ୍। ତା'ଙ୍କ ବାବା ଗାମ ଜିଲ୍ଲାରୁ କେନ୍ଦ୍ରାପଡା ମିହିପାଳରେ ଆସି ମିଟରରିଡିଂ କାମ କରୁଥିବାରୁ ସେହିଠାରେ ସ୍ଥାୟୀ ଭାବରେ ସେମାନେ ରହିଗଲେ। ଗୁଲନଗର ହାଇସ୍କୁଲ୍ ଏବଂ କେନ୍ଦ୍ରାପଡା ମହାବିଦ୍ୟାଳୟର ଛାତ୍ରଜୀବନ କାଳରେ ସେମିତି କିଛି ଚମତ୍କାର କେହି ତା'ଙ୍କଠାରେ କେବେ ଦେଖି ନଥିଲେ। ୧୯୮୫ମସିହାରୁ ୧୯୯୨ମସିହା ଯାଏ ଅଦୃଶ୍ୟ ରହି ହଠାତ୍ ଦିନେ ବାରିମୂଳା ଉପକଣ୍ଠରେ ପଦାର୍ପଣ କରି ପ୍ରବଚନ ଆରମ୍ଭ କଲେ। ପରେ ଭକ୍ତଙ୍କ ସହାୟତାରେ ଚାଳ ନଡାଛପର ଛୋଟ କୁଡିଆ ଆଶ୍ରମଟିଏ ନିର୍ମାଣ କଲେ। ତାପରେ ଭବ୍ୟ ମନ୍ଦିର। ସାରଥୀ ପାଦରୁ ମହୁ ଏବଂ ହାତରୁ ବିଭୁତି ବାହାରିବା କଥା ଅଗଣିତ ଭକ୍ତ ନିଜ ଆଖିରେ ଦେଖିଛନ୍ତି ବୋଲି ନିୟମ କରି ଗାଁ ଗଣ୍ଡା ବୁଲି କହିଲେ। ତୁଣ୍ଡ ବାଇଦ ସହସ୍ର କୋଷ। ବାବାଙ୍କର ଆଶୀର୍ବାଦ ପାଇଁ ବଡବଡ ରାଜନେତା ଓ ଅଭିନେତାଙ୍କର ସୁଅ ଛୁଟିବା ଦେଖି ଓଡିଶାର କୋଟିଏ ପାଖାପାଖି ସରଳ ବିଶ୍ୱାସୀ ଲୋକ ବାବାଙ୍କ ପାଦୁକା ବେକରେ ବାନ୍ଧିକି ବୁଲିଲେ। ଏତେ ମହିମା ବଢିଗଲା ପରେ ବାବା ତୁଳସୀପତ୍ର ପାଦରେ ଚଢେଇଲେ ଓ ପୁରୀ ବଡଦାଣ୍ଡରେ ରଥଯାତ୍ରା କଲେ। ଶଙ୍କରାଚାର୍ଯ୍ୟଙ୍କର କଥା ମାନିଲେନି। ଗର୍ବ ଅହଂକାର ସୀମା ଟପିଲାବେଳକୁ ବକ୍ରକୀଳା ପଛରେ ଲାଗିଗଲା। ଶତପଥୀ ପୁଅ ପ୍ରମେୟକୁ ଧରି ବାବାଙ୍କୁ ଖିଅର କରିଦେଲା ଯେ ସେ ହାଇଦ୍ରାବାଦ୍ ଗୋଲ୍କୁଣ୍ଡା ହୋଟେଲ ଭିତରେ ନାରୀସୁରା ପ୍ରିୟ କାଣ୍ଡକାରଖାନା ଯୋଗୁଁ ସନ୍ତୋଷ ରାଉଳ ସିଧା ଚୌଦ୍ୱାର ଜେଲ୍ ଯାଇ ରହିଲେ। ଏବେ ଅବଶ୍ୟ କଲିକତା ସହରରେ ଏକାନ୍ତ ବାସରେ ଦିନ କାଟୁଛନ୍ତି, ହେଲେ ସେ ଅବତାର ରୂପ ଓ ଆଣ୍ଠୁଆଗୋପାଳ ସେବାରୁ ବଂଚିତ ହେବାକୁ ବାଧ ହେଉଛନ୍ତି। ତାପରେ ନେମାଳ ପୋଥି ହାତେଇ ପ୍ରସିଦ୍ଧି ଲାଭ କରିଥିବା ବାଳକାଟି ଝିଂଟି ଶାସନ ମୁଖ୍ୟ ସୁର ବାବା। ଓଡିଶା ସାରା ଶାଖା ଓ ଏଜେଂଟ ନିଯୁକ୍ତି ସାରି ରାଜ୍ୟ ବାହାରକୁ ଯିବାକୁ ଯୋଜନା କଲାବେଳକୁ ପୋଲିସ ବାନ୍ଧି ଭିତରେ ପୁରେଇ ବଦନାମ କରିଦେଲା। ହତ୍ୟା ମାମଲାରେ ଦୋଷୀ ସାବ୍ୟସ୍ତ ହୋଇ ବାପ ସୁର ଏବଂ ଦୁଇପୁଅ ସମସ୍ତେ ବନ୍ଧା ହେଲେ। ତାପରେ କୋଣାର୍କର ଦର୍ଶନିବନ୍ତ କଟକର ଭଗବାନ ବାନାବାବା ବନ୍ୟ ଜୀବଜଗତ ପାଇଁ ସୁରକ୍ଷିତ ଥିବା ଅଭୟାରଣ୍ୟର ୧୯.୬ମାଣ ଜମିକୁ ଜବର ଦଖଲ କରି ଆଶ୍ରମ କରିଥିବା କଥା ଲୋକଲୋଚନକୁ ଆସିବା ପରେ ସିଏ ବି ଭଙ୍ଗା ହେଲା। ସେହି ସମୟରେ ଶହେ ଉପରେ ଏପରି ଅନୈତିକ ଉପାୟରେ ଅବୈଧ କବଜା କରି ଅନେକ ଭଣ୍ଡବାବାଙ୍କୁ ପୋଲିସ ଧରି ତା'ଙ୍କର ବେପାର ବନ୍ଦ କରିଦେଲା। ହେଲେ ଏମାନଙ୍କର ସମ୍ପୂର୍ଣ୍ଣ ବିନାଶ ଅସମ୍ଭବ। ଯା'ଙ୍କର ଏହି ପୂଜାପର୍ବଣ ଦିନଗୁଡାରେ ବେଶୀ ଭଲ ସଂଖ୍ୟାରେ ଗରାଖ ମିଳନ୍ତି। ସରଳିଆ ଲୋକଗୁଡାଙ୍କୁ ଏମାନଙ୍କୁ ବିଭିନ୍ନ ପୂଜାପୂଜି ନାଁରେ ଠକିବାକୁ ସୁବିଧା ହୁଏ। ତେଣୁ ଏସବୁ ପାଖଣ୍ଡି ବାବାଙ୍କୁ ଭଲରେ ଚିହ୍ନିନେଲେ ନିଜର ମଙ୍ଗଳ ହେବା ସଙ୍ଗେସଙ୍ଗେ ସମାଜର ବି ମଙ୍ଗଳ ହେବ।

ଏଲ୍-୧୭/୧୫, ପଂଚଶଖା ନଗର,
ଡୁମୁଡୁମା, ଖଣ୍ଡଗିରି, ଭୁବନେଶ୍ୱର-
୭୫୧୦୧୯,
ମୋ- ୯୪୩୯୧୨୮୦୫୦ /
୭୯୭୮୦୧୯୦୮୧,

## ଶିଶୁର ପେଟରେ ଥିଲା ୧୧ ଛୁଞ୍ଚି



ତେଲେଙ୍ଗାନାର ବାନାପର୍ଥୀ ଜିଲା ବିପିନଗଣ୍ଡାଲାରେ ରହୁଥିବା ଏକ ତିନି ବର୍ଷର ଶିଶୁ ପେଟରୁ ଡାକ୍ତରମାନେ ୯ଟି ଛୁଞ୍ଚି ଅପରେସନ କରି କାଢିଛନ୍ତି । ପରେ ଆଉ ଦୁଇଟି ଛୁଞ୍ଚି କଢ଼ା ଯିବ ବୋଲି ଡାକ୍ତରମାନେ ସୂଚନା ଦେଇଛନ୍ତି । ଦୀର୍ଘ ମାସ ଧରି ଶିଶୁଟି ପେଟ ଯନ୍ତ୍ରଣାରେ ଛଟପଟ ହେଉଥିଲା । ବାଧ୍ୟରେ ପରିବାର ଲୋକେ ଡାକ୍ତରଖାନାକୁ ଆଣିଥିଲେ । ଏକ୍ସରେ ପରେ ଜଣାପଡିଥିଲା ଯେ, ଶିଶୁର ଶରୀର ଭିତରେ ୧୧ଟି ଛୁଞ୍ଚି ରହିଛି । ତେବେ ଛୁଞ୍ଚିଟି ଶରୀର ଭିତରକୁ କିପରି କଲା ତାହା ଜଣାପଡିନାହିଁ । ଅପରେସନ ପରେ ୯ଟି ଛୁଞ୍ଚିକୁ ଡାକ୍ତରମାନେ କାଢ଼ିଛନ୍ତି । ଶିଶୁଟି ଏବେ ସୁସ୍ଥ ଅଛି । ଏହି ଘଟଣାକୁ ନେଇ ଶିଶୁଟିର ବାପା ମା' ଥାନାରେ ଅଭିଯୋଗ କରିଛନ୍ତି ଯେ, ତାଙ୍କର କେହି ସମ୍ପର୍କୀୟ ଜାଣିଶୁଣି ପିଲାଟି ମୁହଁରେ ଛୁଞ୍ଚି ଦେଇଛି, ଯାହାକୁ ସେ ଗିଳି ଦେଇଛି । ଏହି ଘଟଣାର ଯାଞ୍ଚ ଆରମ୍ଭ କରିଛି ପୁଲିସ ।

## ସ୍ୱାସ୍ଥ୍ୟ ମନ୍ତ୍ର

- ହଳଦୀ ଜୀବଣୁ ଓ କୀଟାଣୁ ବିରୋଧୀ । କ୍ଷତ ସ୍ଥାନରେ ହଳଦୀ ଲଗାଇଦିଅନ୍ତୁ । ଏହା ଦ୍ୱାରା ସଂକ୍ରମଣ ଆଶଙ୍କା ରହେ ନାହିଁ ଏବଂ ରକ୍ତସ୍ରାବ ବନ୍ଦ ହୁଏ ।
- ହଳଦୀ ଓ ହିଙ୍ଗୁ ପାଣିରେ ବଟୁରାଇ ଦାନ୍ତ ବିନ୍ଧୁଥିବା ସ୍ଥାନରେ ଲଗାଇ ରଖନ୍ତୁ ।
- ବାୟୁଦୋଷ ଦୂର ପାଇଁ ଉଷୁମ ପାଣିରେ ଚିମୁଟାଏ ହଳଦୀ ଓ ଲୁଣ ଘା[ ପିଅନ୍ତୁ ।
- ଗରମ କ୍ଷୀରରେ ହଳଦୀ ଫେ[ ପିଇବା ଦ୍ୱାରା ଥଣ୍ଡା ଦୋଷ ଦୂର ହୁଏ ।

## ନାମ ବଦଳାଇବା ଲାଗି ମିଳିଥିଲା ପରାମର୍ଶ



ବଲିଉଡ୍ ଅଭିନେତ୍ରୀ ତଥା ସିଂହଳ ସୁନ୍ଦରୀ ଜ୍ୟାକ୍‌ଲିନ୍ ଫର୍ଣ୍ଣାଣ୍ଡିଜ୍ ଏଇ ନିକଟରେ ନିଜ ସମ୍ପର୍କରେ ଏକ ଖୁଲାସା କରିଛନ୍ତି । ୨୦୦୯ରେ ମୁକ୍ତିଲାଭ କରିଥିବା ଫିଲ୍ମ 'ଅଲାଦିନ୍'ରୁ ଡେବ୍ୟୁ କରିଥିଲେ ଏହି ଅଭିନେତ୍ରୀ ଜଣକ । ନୂଆ ନୂଆ ଇଣ୍ଡଷ୍ଟ୍ରିରେ ପାଦ ରଖିଥିବା ଜ୍ୟାକ୍‌ଲିନ୍‌ଙ୍କୁ ସେତେବେଳେ ବହୁ ଅସୁବିଧାର ସମ୍ମୁଖୀନ ହେବାକୁ ପଡିଥିଲା । ହିନ୍ଦୀ ଫିଲ୍ମ ଇଣ୍ଡଷ୍ଟ୍ରିରେ ପ୍ରବେଶ କରିବା ଲାଗି ତାଙ୍କୁ ଅନେକ ଲୋକ ବହୁ ପରାମର୍ଶ ଦେଇଥିଲେ । ଏଇ ନିକଟରେ ଗଣମାଧ୍ୟମକୁ ଦେଇଥିବା ଇଣ୍ଟରଭ୍ୟୁରେ ସେ ଏସମ୍ପର୍କରେ ବହୁ ଖୁଲାସା କରିଛନ୍ତି । ଜ୍ୟାକ୍‌ଲିନ୍ ୨୦୦୬ ରେ ମିସ୍ ଶ୍ରୀଲଙ୍କାରେ ବିଜୟିନୀ ହେବା ପରେ ସେ ବଲିଉଡ୍‌ରେ କ୍ୟାରିୟର ବନାଇବା ଲାଗି ମୁମ୍ବାଇ ଚାଲି ଆସିଥିଲେ । ଇଣ୍ଟରଭ୍ୟୁରେ ସେ କହିଛନ୍ତି ଯେ, ବଲିଉଡରେ ପ୍ରବେଶ କରିବା ସମୟରେ ଲୋକେ ତାଙ୍କୁ ଭାରତୀୟ ହୋଇନଥିବାରୁ ବହୁ ଆକ୍ଷେପ ରକିଥିଲେ । କେହି ତାଙ୍କୁ ନାକର ସର୍ଜରୀ କରିବା ଲାଗି କହୁଥିବା ବେଳେ କେହି ଆଇବ୍ରୋ ଡାର୍କ କରିବା ଲାଗି ପରାମର୍ଶ ଦେଇଥିଲେ । ଏପରିକି ଗୋଟିଏ ଏଜେନ୍ସୀ ତାଙ୍କୁ ତାଙ୍କ ନାମ ପରିବର୍ତ୍ତନ କରି ମୁସ୍କାନ ରଖିବା ଲାଗି କହିଥିଲେ । କେବଳ ଏତିକି ନୁହେଁ, ଜ୍ୟାକ୍‌ଲିନ୍ ଏକ ସ୍ମୃତିକୁ ମନେ ପକାଇ କହିଛନ୍ତି ଯେ, ଦିପାବଳୀର ଏକ ଉତ୍ସବରେ ଯୋଗ ଦେବା ସମୟରେ ସେ ଭାରତୀୟ ପାରମ୍ପରିକ ପୋଷାକ ପରିଧାନ କରିଥିଲେ । କିନ୍ତୁ ତାଙ୍କର କଳାକାର ବନ୍ଧୁମାନେ ତାଙ୍କୁ ନେଇ ଥଟ୍ଟାମଜା କରିଥିଲେ । ଯେତେ ଚେଷ୍ଟା କଲେ ମଧ୍ୟ ତୁମେ ଭାରତୀୟ ହୋଇପାରିବ ନାହିଁ ବୋଲି ଜ୍ୟାକ୍‌ଲିନ୍‌ଙ୍କୁ ଶୁଣିବାକୁ ପଡିଥିଲା । ଏହା ତାଙ୍କ ମନରେ ଗଭୀର ଆଘାତ ଦେଇଥିଲା ।

## ପେଟରେ ଅଜଗର

କିଛିମାସ ତଳେ ଅଷ୍ଟ୍ରେଲିଆର ପୂର୍ବ କିମ୍ବର୍ଲୀ ଅଞ୍ଚଳରେ ଏକ ଘଟଣା ସମସ୍ତଙ୍କୁ ଆଶ୍ଚର୍ଯ୍ୟ ଚକିତ କରିଦେଇଥିଲା । ସେଠାକାର ଜଣେ ବ୍ୟକ୍ତିଙ୍କ ଘରଆଡକୁ ଏକ ଅଜଗର ମୁହାଁଇଥିବା ଦେଖି ସେ ତାକୁ ଘଉଡାଇ ଦେଇଥିଲେ । କିଛି ବାଟ ଯିବାପରେ ଅଜଗରଟି ବାନ୍ତି କରିବା ଆରମ୍ଭ କରିଥିଲା । ଧୀରେଧୀରେ ତା' ପାଟିରୁ ବାହାରି ଆସିଥିଲା ଆଉ ଏକ ଅଜଗରର । ସବୁଠୁ ବଡ କଥା ହେଲା ପାଟିରୁ ବାହାରିଥିବା ଅଜଗରଟି ଥିଲା ତା'ଠାରୁ ସାମାନ୍ୟ ବଡ । ଏତେବଡ ସାପଟିକୁ ସେ କିଭଳି ଗିଳିଲା ତାହା ସମସ୍ତଙ୍କୁ ଆଶ୍ଚର୍ଯ୍ୟ କରିଦେଇଥିଲା । ଶିକାରୀ ଅଜଗରଟିର ଲମ୍ବ ଥିଲା ୧୩ ଫୁଟ ବା ୪ ମିଟର ପାଖାପାଖି । କିନ୍ତୁ ସେ ଗିଳିଥିବା ଅଜଗରଟି ତା'ଠାରୁ ସାମାନ୍ୟ ବଡ ଥିଲା । ଆମେ ଯେପରି ଲୁଗାପଟାକୁ ମୋଡିମୋଡି ଛୋଟ ସୁଟ୍‌କେଶ ଭିତରେ ଭରି ଦେଉଥାଉ, ଠିକ୍ ସେହିଭଳି ଅଜଗରଟି ତା' ଶିକାରର ମେରୁଦଣ୍ଡକୁ ମୋଡିମୋଡି ପାଟିରେ ଗିଳି ଦେଇଥିଲା ।



## ଚୁମ୍ବକ ମ୍ୟାନ୍



ଆଜି ଆପଣଙ୍କୁ ଆମେ ଏମିତି ଏକ ମଣିଷ ବିଷୟରେ କହିବାକୁ ଯାଉଛନ୍ତି ଯାହାଙ୍କ ଶରୀରରେ ସବୁ ଜିନିଷ ଚୁମ୍ବକ ଭଳି ଲାଗିଯାଉଛି । ଏହା ଆଶ୍ଚର୍ଯ୍ୟ ଲାଗିଲେ ବି ସତ । ଚିକାଗୋରେ ରହୁଥିବା ୪୨ ବର୍ଷ ଜ୍ୟାମେ କୋଟନ୍ ନିଜରେ ଏକ ରହସ୍ୟ । ତାଙ୍କୁ ଲୋକେ 'କ୍ୟାନ୍ ହେଡ୍' ନାମରେ ମଧ୍ୟ ଡାକନ୍ତି । କାରଣ ବୋତଲ, କ୍ୟାନ୍, ଫୋନ୍, ପେପର୍‌ର ପ୍ୟାଡ୍ ଭଳି ଅନ୍ୟାନ୍ୟ ଜିନିଷ ତାଙ୍କ ମୁହଁରେ ଲାଗିଯାଏ । ଯେତେବେଳେ ଜ୍ୟାମେ ୭ ବର୍ଷର ଥିଲେ, ତାଙ୍କର ଏପରି ବିଶ୍ୱଷତ୍ୱ ବିଷୟରେ ଜଣାପଡିଲା । ଖେଳିବା ସମୟରେ ଖେଳନା ତାଙ୍କ ଶରୀରରେ ଲାଗିଯାଏ । ତାଙ୍କର ଏହି ଉପଲବ୍ଧ ଗିନିଜ୍ ୱାର୍ଲ୍ଡ ରେକର୍ଡରେ ସ୍ଥାନିତ ହୋଇଛି । କୋଟନ୍‌ଙ୍କ ଠାରେ ଆଉ ଏକ ଭିନ୍ନ ପରିବର୍ତ୍ତନ ମଧ୍ୟ ଦେଖିବାକୁ ମିଳେ । ତାଙ୍କ ଶରୀରର ତାପମାତ୍ରା ସବୁବେଳେ ୧୦୦ ଡିଗ୍ରୀ ସେଲସିୟସ୍ ରହିଥାଏ । ମାତ୍ରାଧିକ ତାପମାତ୍ରା ଯୋଗୁ ତାଙ୍କର ଦେହ ଖରାପ ଥିବା କଥା ଅନେକ କୁହନ୍ତି । ମାତ୍ର ଡାକ୍ତର କହିଛନ୍ତି ଯେ କୋଡନ୍ ସମ୍ପୂର୍ଣ୍ଣ ସୁସ୍ଥ ଅଛନ୍ତି । ତାଙ୍କୁ କୌଣସି ରୋଗ ହୋଇନାହିଁ ।

## ଅର୍ଶ ରୋଗୀଙ୍କ ପାଇଁ ଖାଦ୍ୟ

ଅର୍ଶର ମୂଳ କାରଣ ହେଉଛି କୋଷ୍ଠକାଠିନ୍ୟ । ଡାକ୍ତରଙ୍କ ମତରେ ଅର୍ଶ ରୋଗୀମାନେ ପ୍ରଚୁର ପରିମାଣରେ ତନ୍ତୁ ଯୁକ୍ତ ଖାଦ୍ୟ ଖାଇବା ଆବଶ୍ୟକ । କୋଷ୍ଠକାଠିନ୍ୟଠାରୁ ଦୂରେଇ ରହିବା ପାଇଁ ବିଶେଷ ଖାଦ୍ୟ ସବୁ ରହିଛି । ଏହି ଖାଦ୍ୟ ବାବଦରେ ସଚେତନ ହେବା ଆବଶ୍ୟକ ।

**କ'ଣ ଖାଇବେ:-** ଦିନରେ ଦୁଇଥର ଫଳ, ପ୍ରବଳ ପରିମାଣରେ ପନି-ପରିବା ତରକାରୀ ଖାଆନ୍ତୁ । ସେଓ, କଦଳୀ, ପିଜୁଳି, କମଳା, ନାସପାତି ଓ ଡାଳିମ୍ବରୁ ଯଥେଷ୍ଟ ତନ୍ତୁ ମିଳେ । ଚୋପା ନ ଛଡ଼ାଇ ପୂରା ଫଳ ଖାଆନ୍ତୁ । ଡିମିରି ଓ କିସମିସ ମଧ୍ୟ ଉପକାରୀ । ଶାଗ ମଧ୍ୟରେ ପାଳଙ୍ଗ ବଥୁଆ, କୋଶଳା, ଖଡ଼ା, ମେଥି ଉତ୍ତମ । ବିନ୍ସ, ମଟର ଛଇଁ, କୋବି, ଆଉ ଖାଆନ୍ତୁ । ତାହା ଛଡ଼ା ଅକାଣ୍ଡିଆ ଚାଉଳର ଭାତ, ଅଟା ରୁଟି, ଦଲିୟା, ସୁଜି ଆଦି ଉପକାରୀ । କ'ଣ ଖାଇବେନାହିଁ: ଫଳରସ, ମଇଦା ରୁଟି-ପରଟା ବିସ୍କୁଟ, ପାସ୍ତା, ନୁଡୁଲ୍ସ, ନାନ ।

# ଚିଲିକା ପର୍ଯ୍ୟଟନ ବିକାଶ ପାଇଁ ସମୀକ୍ଷା ବୈଠକ

ପୁରୀ,୩୦ା୧୦ (ନି.ପ୍ର): ଚିଲିକା ପର୍ଯ୍ୟଟନର ବିକାଶ ନିମନ୍ତେ ଏକ ପ୍ରସ୍ତୁତି ବୈଠକ ସର୍କିଟ ହାଉସଠାରେ ଅନୁଷ୍ଠିତ ହୋଇଯାଇଛି । ଏଥିରେ ଜିଲ୍ଲାପାଳ ବଲବନ୍ତ ସିଂ ଅଧକ୍ଷତା କରିଥିଲେ । ଏହି ବୈଠକରେ ବିଭିନ୍ନ ମୋଟର ଡଙ୍ଗା ଆସୋସିଏସନର କର୍ମକର୍ତାମାନେ ଯୋଗ ଦେଇଥିଲେ । ଡଙ୍ଗା ପଞ୍ଜିକରଣ, ନବୀକରଣ ଓ ମୋଟର ଯାଂଚ୍ ବ୍ୟବସ୍ଥାକୁ ଶୃଙ୍ଖଳିତ କରିବା ପାଇଁ ଜିଲ୍ଲାପାଳ ପରାମର୍ଶ ଦେଇଥିଲେ । ଡଙ୍ଗାରେ ଯାଉଥିବା ପ୍ରତ୍ୟେକ ଯାତ୍ରୀମାନଙ୍କୁ ଲାଇଫ ଜ୍ୟାକେଟ ପରିଧାନ କରିବା ପାଇଁ ବ୍ୟବସ୍ଥା କରାଯିବ । ପର୍ଯ୍ୟଟକମାନେ ଅନଲାଇନ୍ ବୁକିଂ କରି ଦେୟ ପୈଠ କରିବେ । ଏଥିପାଇଁ ଚିଲିକା ଉନ୍ନୟନ କର୍ତୃପକ୍ଷ (ସିଡିଏ) ଏକ ମୋବାଇଲ ଆପ୍ ପ୍ରଚଳନ କରିବେ । ସବୁ ସଂଘ ଯେପରି ସମାନ ବୁକିଂ ବ୍ୟବସ୍ଥାରେ ଉପକୃତ ହେବେ ସେଥିପ୍ରତି ଗୁରୁତ୍ୱ ଦିଆଯାଇଥିଲା । ଚିଲିକା କୂଳରେ ବିଭିନ୍ନ ସ୍ଥାନକୁ ବୁଲିବା ସଂପର୍କରେ ଏକ ଦର ତାଲିକା ସାଇନବୋର୍ଡରେ ପ୍ରଦର୍ଶିତ କରାଯିବ । ଚିଲିକାରେ ବିଭିନ୍ନ ସମୟରେ ନକଲି ମୋତି କାରବାର ଓ ଖାଦ୍ୟ ପେୟର ଅତ୍ୟଧିକ ଦର ସଂପର୍କରେ ପୁଲିସ କଡା ନଜର ରଖିବ । ଚିଲିକା ପର୍ଯ୍ୟଟନ ଶିଳ୍ପର ବିକାଶ ପାଇଁ ଅନେକ ପଦକ୍ଷେପ ନିଆଯିବ ବୋଲି ଜିଲ୍ଲାପାଳ କହିଥିଲେ । ଏହି ବୈଠକରେ ପର୍ଯ୍ୟଟନ ସହକାରୀ ନିର୍ଦ୍ଦେଶକ ଶଶାଙ୍କ ଶେଖର ରଥ, ଜିଲ୍ଲା ଜରୁରୀ କାଳୀନ ଅଧିକାରୀ ଇତିଶ୍ରୀ ନାୟକ, ସଦର ଏସଡିପିଓ କିଶୋର ଚନ୍ଦ୍ର ମୁଣ୍ଡ ପ୍ରମୁଖ ଯୋଗଦେଇ ଆଲୋଚନାରେ ଅଂଶଗ୍ରହଣ କରିଥିଲେ ।

# ନୀଳାଚଳ ଇସ୍ପାତ ବିକ୍ରି ନେଇ ସ୍ୱଷ୍ଟୀକରଣ ଲୋଡ଼ିଲା କଂଗ୍ରେସ

ଭୁବନେଶ୍ୱର,୩୦ା୧୦ (ନି.ପ୍ର): ଓଡ଼ିଶା ଶିଳ୍ପ ଜଗତର ଏକ ମାଇଲଖୁଣ୍ଟ ରୂପେ ପରିଚିତ ନୀଳାଚଳ ଇସ୍ପାତ ନିଗମକୁ ଘରୋଇ କମ୍ପାନୀକୁ ବିକ୍ରି କରିବା ପାଇଁ ବିଜେଡ଼ି ଓ ବିଜେପି କରିଥିବା ମସୁଧାକୁ ଘୋର ନିନ୍ଦା ଓ ସମାଲୋଚନା କରିଛି କଂଗ୍ରେସ । ଆଜି ପ୍ରଦେଶ କଂଗ୍ରେସ କାର୍ଯ୍ୟାଳୟରେ ଏକ ସାମ୍ବାଦିକ ସମ୍ମିଳନୀରେ ପୂର୍ବତନ ଅର୍ଥମନ୍ତ୍ରୀ ତଥା ବରିଷ୍ଠ କଂଗ୍ରେସ ନେତା ଶ୍ରୀ ପଂଚାନନ କାନୁନଗୋ, ବରିଷ୍ଠ ନେତା ଜ୍ଞାନଦେବ ବେଉରା ଓ ମୁଖପାତ୍ର ପ୍ରଶାନ୍ତ ଶତପଥିଙ୍କ ଉପସ୍ଥିତିରେ ନୀଳାଚଳ ଇସ୍ପାତ ନିଗମର ବିକ୍ରି ପାଇଁ ଉଭୟ କେନ୍ଦ୍ର ଓ ରାଜ୍ୟ ସରକାରଙ୍କ ଆଭିମୁଖ୍ୟକୁ କଡ଼ା ସମାଲୋଚନା କରିଥିଲେ। ସେ କହିଥିଲେ ଯେ ତଳସ୍ତରରେ ଯଦିଓ ଲୋକ ଦେଖାଣିଆ ଭାବରେ ବିଜେଡ଼ି-ବିଜେପି ନିଜ ନିଜ ଭିତରେ ବେଶ୍ କଳିର ନାଟକ ଦେଖାଉଛନ୍ତି, ତେବେ ରାଜ୍ୟର ଖଣି, ଜମି, ପାଣି, କଳ କାରଖାନା ବିକ୍ରିପାଇଁ ଦୁହେଁ ଏକାଠି ଓ ସହମତ। ରାଜ୍ୟ ବିଜେଡ଼ି କେନ୍ଦ୍ର ବିଜେପି ପାଖରେ କେଉଁ ଉଦ୍ଦେଶ୍ୟରେ ଆତ୍ମ ସମର୍ପଣ କରିଛି ତାହା ଆଦୌ ବୁଝା ପଡୁନାହିଁ। ରାଜ୍ୟର ସ୍ୱାର୍ଥକୁ ବଳିଦେଇ, ନିଜ ନିଜ ସ୍ୱାର୍ଥରକ୍ଷା ଉଦ୍ଦେଶ୍ୟରେ ଉଭୟ ବିଜେପି ଓ ବିଜେଡ଼ି ଲାଗିଛନ୍ତି। ରାଜ୍ୟର ଏକ ଲାଭଦାୟକ କାରଖାନା- ନୀଳାଚଳ ଇସ୍ପାତ ସଂପର୍କୀୟ ଚୁକ୍ତିପତ୍ରରୁ ଏକଥା ସ୍ପଷ୍ଟ ଅନୁମେୟ। ଗତ ଅଗଷ୍ଟ ୨୭ ତାରିଖରେ ଉଭୟ କେନ୍ଦ୍ର ଓ ରାଜ୍ୟ ସରକାରଙ୍କ ମଧ୍ୟରେ ଏକ ଉଚ୍ଚସ୍ତରୀୟ ବୈଠକ ବସି ନିଳାଚଳ ନିଗମର ଅଂଶ ବିକ୍ରି ପାଇଁ ଯେଉଁ ବିକଳିଆ ଭାବ ଦେଖାଯାଇଥିଲା, ତାହା ସେହି ଦିନର ଅଫିସ୍ ମେମୋରେଣ୍ଡମ ରୁ ସ୍ପଷ୍ଟ ଜଣାପଡ଼େ। ଏହି ବୈଠକରେ କେନ୍ଦ୍ରମନ୍ତ୍ରୀ ଭାବେ ଧର୍ମେନ୍ଦ୍ର ପ୍ରଧାନ, ପୀୟୁଷ ଗୋଏଲ ଓ ହାରଦୀପ୍ ସିଂହ ପୁରୀ ଙ୍କ ସହିତ ରାଜ୍ୟ ମନ୍ତ୍ରୀ ପ୍ରଫୁଲ୍ଲ ମଲ୍ଲିକ ଓ ମୁଖ୍ୟ ଶାସନ ସଚିବ ଅସୀତ୍ ତ୍ରିପାଠୀ ଆଦି ଅଗଷ୍ଟ ୧୩ ତାରିଖ ୨୦୨୦ରେ ଅପରାହ୍ନ ୪ଟା ବେଳେ ଯୋଗଦେଇ ନୀଳାଚଳର ଅଂଶଧନ ବିକ୍ରିପାଇଁ ପ୍ରସ୍ତାବ ଅନୁମୋଦନ କରିଛନ୍ତି। ଏ ମଧ୍ୟରେ ଆଉ ଏକ ପାଦ ଆଗେଇ ଯାଇ ବିକ୍ରିପାଇଁ କ୍ଷେତ୍ର ପ୍ରସ୍ତୁତ ହୋଇ ସାରିଲାଣି। ମୁଖ୍ୟ ଶାସନ ସଚୀବଙ୍କ ଏ ସଂପର୍କରେ ଅତ୍ୟଧିକ ବ୍ୟଗ୍ରତା ମଧ୍ୟ ସ୍ପଷ୍ଟ ବାରି ହୋଇଯାଉଛି। ଯେଉଁଥିରେ ସେ କହିଛନ୍ତି ଯେ ଏହି କାରଖାନାର ମୂଲ୍ୟବାନ ଖଣି, ଜଳ ଯୋଗାଣ, ମୂଲ୍ୟବାନ ଜମି ଓ ଉତମ ଯୋଗାଯୋଗ ବ୍ୟବସ୍ଥା ପ୍ରସ୍ତୁତ ହୋଇସାରିଛି। ଏହାକୁ ବିକ୍ରି କରି ଦେବା ନିମନ୍ତେ ଏହାହିଁ ପ୍ରକୃତ ସମୟ। ଏହାକୁ ମିଳିଥିବା ଖଣି କାର୍ଯ୍ୟ ଗତ ଫେବୃୟାରୀ ଓ ମାର୍ଚ୍ଚ ମାସରେ ଆରମ୍ଭ ହୋଇଥିଲା। ଏହି କାରଖାନାର ସବୁଠାରୁ ବଡ଼ ସଂପଦ ହେଉଛି ୮୭୪.୨୯ ହେକ୍ଟର ପରିମିତ ଖଣି ଯେଉଁଥିରେ ୧୧୦ ମିଲିଅନ ଟନ୍ ଲୁହାପଥର ଗଚ୍ଛିତ ଅଛି ଏବଂ ଏହି ପଥରରେ ଲୌହ ଅଂଶ ୬୫% ରୁ ଅଧିକ। ଏହି ଖଣି ଲିଜ୍‌ର ଅବଧି ୫୦ ବର୍ଷ ଥିଲେ ମଧ୍ୟ ଅଳ୍ପ କିଛି ଦିନ ତଳେ ଏହାକୁ ଫରେଷ୍ଟ କ୍ଲିୟରାନ୍ସ ମିଳିଛି। ଏହି ଖଣିରୁ ୧୦.୮.୨୦୧୯ ରେ ପ୍ରଥମ ଉତୋଳନ କାର୍ଯ୍ୟ ଆରମ୍ଭ ହୋଇଥିଲା। ଏହାହିଁ ଘରୋଇ କମ୍ପାନୀମାନଙ୍କ ପାଇଁ ସର୍ବୋତମ ଲୋଭନୀୟ ଆକର୍ଷଣ ସାଜିଛି। ରାଜ୍ୟକୁ ଉପଯୁକ୍ତ ମୂଲ୍ୟ ମିଳୁ ବା ନମିଳୁ, ବିଜେଡ଼ି ଓ ବିଜେପି ନେତାଙ୍କୁ ବେଶ୍ ଭଲ କମିଶନି ନିଶ୍ଚୟ ମିଳିବ। ଏହି କମିଶନି ବଂଟାବଂଟିରେ ବିଜେଡ଼ି ଓ ବିଜେପି ଏକାଠି କାରଖାନା ନାମରେ ଖଣି ହାତେଇବେ ଓ କାରଖାନା ବନ୍ଦ ହେବ। ନୀଳାଚଳ ଇସ୍ପାତ ନିଗମରେ ବର୍ତମାନ କାର୍ଯ୍ୟକରୁଥିବା ୫ହଜାରରୁ ଉର୍ଦ୍ଧ କର୍ମ□ରୀ ଛଟେଇ ହେବାର ଆଶଙ୍କା ଦେଖାଦେଇଛି। ଜାଣିଶୁଣି ସରକାର ନୀଳାଚଳ ଇସ୍ପାତ ନିଗମର ଉତ୍ପାଦନକୁ ବିଗତ କିଛି ମାସ ହେଲାଣି ବନ୍ଦକରି ଦେଇଛନ୍ତି। ସେଠାରେ କାର୍ଯ୍ୟକରୁଥିବା ହଜାର ହଜାର କର୍ମ□ରୀ ମାସ ମାସ ଧରି ଦରମା ନପାଇ କରୋନା ମହାବିପତି ସମୟରେ ହନ୍ତସନ୍ତ ହେଉଛନ୍ତି। ଏମାନଙ୍କ ବିଷୟରେ ଉଭୟ କେନ୍ଦ୍ର ବିଜେପି ଓ ରାଜ୍ୟ ବିଜେଡ଼ି ସରକାର ଜାଣିଶୁଣି ନୀରବ ରହିବା ଅତ୍ୟନ୍ତ ଦୁର୍ଭାଗ୍ୟଜନକ। ପ୍ରଧାନମନ୍ତ୍ରୀଙ୍କ ଲୋକାଲରୁ ଭୋକାଲ ହୋଇ ଗ୍ଲୋବାଲ ହେବାର ଆହ୍ୱାନ ଯେ ଏକ ତୁଚ୍ଛା ନିରୋଳା ଧୂଆଁବାଣ ଏକଥା ନୀଳାଚଳ ଇସ୍ପାତ ନିଗମର ବିକ୍ରିପାଇଁ ନିଆଯାଇଥିବା ନିଷ୍ପତିରୁ ସ୍ପଷ୍ଟ ହୋଇଅଛି।.।

# ଉତର ଓଡିଶା ବିଶ୍ୱ ବିଦ୍ୟାଳୟର ଯୁକ୍ତ ୩ ଫାଇନାଲ ସେମିଷ୍ଟାର ପରୀକ୍ଷା ଫଳ ପ୍ରକାଶିତ

ବାରିପଦା,୩୦ା୧୦ (ନି.ପ୍ର): ବାରିପଦା ତଖତପୁରସ୍ଥିତ ଉତର ଓଡିଶା ବିଶ୍ୱ ବିଦ୍ୟାଳୟର କୁଳପତିଙ୍କ ଅନୁମୋଦନ କ୍ରମେ ଯୁକ୍ତ ୩ ଫାଇନାଲ ସେମିଷ୍ଟାର ସିବିଏସଇ-୨୦୨୦ର ପରୀକ୍ଷା ଫଳ ଆଜି ପ୍ରକାଶିତ ହୋଇଯାଇଛି । ଚଳିତ ବର୍ଷ ଉତର ଓଡ଼ିଶା ବିଶ୍ୱବିଦ୍ୟାଳୟ ଆନୁକୁଲ୍ୟରେ ୮୪ ଟି ମହାବିଦ୍ୟାଳୟର ମୋଟ ୧୨୭୪୭ ଜଣ ପରୀକ୍ଷାର୍ଥୀ ପରୀକ୍ଷା ଦେଇଥିଲେ । ସେମାନଙ୍କ ମଧ୍ୟରୁ ୮୯୦୫ ଜଣ ପରୀକ୍ଷାର୍ଥୀ ପରୀକ୍ଷାରେ କୃତକାର୍ଯ୍ୟ ହୋଇଥିବା ବେଳେ ୨୭୩୪ ଜଣ ଛାତ୍ରଛାତ୍ରୀ ଫେଲ ହୋଇଛନ୍ତି ଏବଂ ପାସ ହାର କଳାରେ ଶତକଡା ୭୯.୪୩ , ବିଜ୍ଞାନରେ ୭୦.୪୧ଶତକଡା ଏବଂ ବାଣିଜ୍ୟରେ ୭୧.୩୦ ଶତକଡା ରହିଥିବାର ଜଣାଯାଇଛି । କଳାରେ ବେତନଟୀ ମହାବିଦ୍ୟାଳୟର ମନସ୍ତତ୍ୱ ସମ୍ମାନର ଛାତ୍ରୀ କ୍ରିତିକା ଖଣ୍ଡେଲୱାଲ ୧୩୧୪ ନମ୍ବର ରଖି ପ୍ରଥମ, ବିଜ୍ଞାନରେ ଉଦଳା ମହାବିଦ୍ୟାଳୟର ପଦାର୍ଥ ବିଜ୍ଞାନ ସମ୍ମାନର ଛାତ୍ର ରଶ୍ମୀ ରଞ୍ଜନ ବାରିକ ୧୨୮୨ ନମ୍ବର ରଖି ପ୍ରଥମ ସ୍ଥାନ ଅଧିକାର କରିଛନ୍ତି । ସେହିପରି କେନ୍ଦୁଝର ଡିଗ୍ରୀ କମର୍ସ କଲେଜର ବାଣିଜ୍ୟ ସମ୍ମାନର ଛାତ୍ରୀ କବିତା ପଲେଇ ୧୨୭୭ ନମ୍ବର ରଖି ପ୍ରଥମ ସ୍ଥାନ ଅଧିକାର କରିଥିବାର ଜଣାଯାଇଛି । ବେତନଟୀ ମହାବିଦ୍ୟାଳୟର ଛାତ୍ରୀ କ୍ରିତିକା ସର୍ବାଧିକ ୧୩୧୪ ନମ୍ବର ରଖି ଶ୍ରେଷ୍ଠ ସ୍ନାତକ ବିବେଚିତ ହୋଇଛନ୍ତି । ସମସ୍ତ ଛାତ୍ରଛାତ୍ରୀମାନେ ଆସନ୍ତା ଅକ୍ଟୋବର ୩୦ ତାରିଖ ଅପରାହ୍ନ ୩ଟା ପରେ ୱେବସାଇଟରୁ ରେଜଲ୍ଟ ଡାଉନ ଲୋଡ କରିପାରିବେ ଉତର ଓଡ଼ିଶା ବିଶ୍ୱବିଦ୍ୟାଳୟର ପରୀକ୍ଷା ନିୟନ୍ତ୍ରକଙ୍କ ସୂତ୍ରରୁ ଜଣାପଡ଼ିଛି ।

# ବିପର୍ଯ୍ୟସ୍ତ ଅବସ୍ଥାରେ ଖଡିଆଳ-ନୂଆପଡା ଜାତୀୟ ରାଜପଥ

ନୂଆପଡା,୩୦ା୧୦ (ନି.ପ୍ର): ରାଜ୍ୟ ଏବଂ କେନ୍ଦ୍ର ସରକାର ଗମନା ଗମନର ସୁବ୍ୟବସ୍ଥାକୁ ଗୁରୁତ୍ୱ ଦେଇ କୋଟି କୋଟି ଟଙ୍କା ଖର୍ଚ୍ଚ କରୁଛନ୍ତି। ହେଲେ ବିଭାଗୀୟ ଅଧିକାରୀ ମାନଙ୍କ ଅବହେଳା ଯୋଗୁ ଏହି ଯୋଜନା ସବୁର ସଠିକ ରୂପାୟନ ହୋଇପାରୁ ନାହିଁ। ଫଳରେ ଅବହେଳିତ ନୂଆପଡା ଜିଲ୍ଲାବାସୀ ବିପର୍ଯ୍ୟସ୍ତ ରାସ୍ତାରେ ଯାତାୟତ କରିବାକୁ ବାଧ୍ୟ ହେଉଛନ୍ତି । ତଥାପି ପ୍ରଶାସନିକ ସ୍ତରରେ କୌଣସି ବିହିତ ପଦକ୍ଷେପ ଗ୍ରହଣ କରାଯାଉନାହିଁ। ଜିଲ୍ଲାର ଖଡିଆଳ ଠାରୁ ଜିଲ୍ଲା ସଦର ମହକୁମା ନୂଆପଡାକୁ ସଂଯୋଗ କରୁଥିବା ୩୫୩ ନଂ ଜାତୀୟ ରାଜପଥ ବିପର୍ଯ୍ୟସ୍ତ ଅବସ୍ଥାରେ ପଡିରହିଛି । ଏହି ରାସ୍ତାକୁ ନିର୍ମାଣ କରୁଥିବା କମ୍ପାନୀର ମନମୁଖି ଏବଂ ମନ୍ଥରଗତୀରେ ନିର୍ମାଣ କାମ ଯୋଗୁଁ ଜିଲ୍ଲାବାସୀ ନାହିଁ ନଥିବା ସମସ୍ୟା ଭୋଗ କରୁଛନ୍ତି। ଦିର୍ଘ ୭ ବର୍ଷରୁ ବିଭିନ୍ନ କମ୍ପାନୀ ଏହି ରାସ୍ତା ନିର୍ମାଣ କରୁଥିଲେ ମଧ୍ୟ ଜାତୀୟ ରାଜପଥ କାମ ସମ୍ପୂର୍ଣ୍ଣ ହୋଇପାରୁନାହିଁ । ଫଳରେ ଏହି ରାସ୍ତାରେ ଯାତାୟତ କରୁଥିବା ଯାତ୍ରୀ ନାହିନଥିବା ଅସୁବିଧା ଭୋଗ କରୁଛନ୍ତି। ଖଡିଆଳ ଠାରୁ ନୂଆପଡାର ଦୂରତା ୭୦ କିଲୋମିଟର ହେଲେ ମଧ୍ୟ ଯାନବାହାନକୁ ୩ ଘ ।ରୁ ଅଧିକ ସମୟ ଲାଗିଯାଉଛି । ଏହା ସହ ବାଇକ ଓ ସାଇକେଲ ଆରୋହୀ ମାନେ ପ୍ରବଳ ଧୂଳିଗୁଣ୍ଡ ମାଡ ଖାଉଛନ୍ତି। ଜିଲ୍ଲା ପ୍ରଶାସନ ତୁରନ୍ତ ଦୃଷ୍ଟିଦେଇ ଜାତୀୟ ରାଜପଥ ରାସ୍ତା ନିର୍ମାଣ କାର୍ଯ୍ୟ ଶିଘ୍ର ଶେଷ କରିବାକୁ ସାଧାରଣରେ ଦାବୀ ହେଉଛି ।

# କାଲିମେଳାରେ ଅପମିଶ୍ରିତ ମାଛ ବିକ୍ରୀ ଅଭିଯୋଗ

ମାଲକାନଗିରି,୩୦ା୧୦ (ନି.ପ୍ର):-ମାଲକାନଗିରି ଜିଲ୍ଲା କାଲିମେଳା ବ୍ଲକ ସଦର ମହକୁମା ଠାରେ ଥିବା ବଜାର ରେ ଅପମିଶ୍ରିତ ଏବଂ ଗ୍ୟାସ ମିଶ୍ରିତ ମାଛ ବିକ୍ରି ହେଉଥିବା ନେଇ ଅଭିଯୋଗ ହେବା ପରେ ଆଜି କାଲିମେଳା ତହସିଲଦାର ଙ୍କ ନିର୍ଦ୍ଦେଶ କ୍ରମେ ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ମାର୍କେଟ୍ ରେ ଚଢାଉ କରାଯାଇ ମାଛ ଗୁଡିକ ଯାଂଚ କରାଯାଇଥିବା ଦେଖିବାକୁ ମିଳିଛି। ତହସିଲଦାର ଆଲୋକ କୁମାର ଅନୁଗୁଳିଆ ସ୍ୱାସ୍ଥ୍ୟ କେନ୍ଦ୍ର ଅଧିକାରୀ ଡା ଅବିଦ ହୁସେନ୍ ଖାନ ସମେତ ଅନ୍ୟାନ୍ୟ ମେଡିକାଲ କର୍ମଚାରୀ ମାନେ ଉପସ୍ଥିତ ରହି ବିକ୍ରି ହେଉଥିବା ମାଛ ଗୁଡିକ ଖାଇବା ଉପଯୋଗୀ କି ନାହିଁ କିମ୍ବା ଏହି ମାଛ ଗୁଡିକରେ କିଛି କେମିକାଲ କିମ୍ବା ଗ୍ୟାସ୍ ବ୍ୟବହୃତ ହେଉଛି କି ନାହିଁ ତାହାକୁ ପରୀକ୍ଷା କରିବା ପାଇଁ ନମୁନାସଂଗ୍ରହ କରାଯାଇଥିଲା । ଏ ବିଷୟରେ ତହସିଲଦାର ଶ୍ରୀ ଅନୁଗୁଳିଆଙ୍କୁ ପଚାରିବାରୁ ସେ କହିଛନ୍ତି ଯେ ମାଛ ବେପାରୀ ମାନେ ପଡିଶା ରାଜ୍ୟ ଆନ୍ଧ୍ର ପ୍ରଦେଶ ରୁ ମାଛ ଆଣି ଅତି କମ ଦାମରେ ବିକ୍ରି କରୁଛନ୍ତି ଏବଂ ମାଛ କୁ ତାଜା ରଖିବା ପାଇଁ ସେଥିରେ କେମିକାଲ ମିଶ୍ରଣ କରୁଥିବା ଅଭିଯୋଗ ହୋଇଥିଲା ।ଏହି ଅପମିଶ୍ରିତ ମାଛ ଗୁଡିକ ପ୍ରାୟ ଦୁଇ ଦିନ ପଯ୍ୟନ୍ତ ରଖି ତାକୁ ବିକ୍ରି କରୁଛନ୍ତି । ଯାହାଦ୍ୱାରା ଏହି ମାଛ ଖାଇ ଲୋକ ମାନେ ନାନାଦି ରୋଗରେ ଆକ୍ରାନ୍ତ ହେଉଥିବା ଅଭିଯୋଗ ହେଉଥିଲା । ତେଣୁ ଆଜି ବିକ୍ରି ହେଉଥିବା ବିଭିନ୍ନ ପ୍ରକରର ମାଛ ନମୁନା ଆମେ ସଂଗ୍ରହ କରି ପରୀକ୍ଷା ପାଇଁ ପଠାଇଛୁ ଏହାର ରିପୋର୍ଟ ଆସିବା ପରେ ଯାହା କିଛି ପଦକ୍ଷେପ ନିଆଯିବ ବୁଲି ସେ ସୂଚନା ଦେଇଛନ୍ତି ।

# ଗୋଛାପଡାରେ ବିଶ୍ୱ ମସ୍ତିଷ୍କାଘାତ ଦିବସ ପାଳନ ଓ ସଚେତନତା କାର୍ଯ୍ୟକ୍ରମ

କନ୍ଧମାଳ,୩୦ା୧୦ (ନି.ପ୍ର): ଆଜି କନ୍ଧମାଳ ଜିଲ୍ଲା ଫିରିଙ୍ଗିଆ ବ୍ଲକର ଗୋଛାପଡା ପ୍ରାଥମିକ ସ୍ୱାସ୍ଥ୍ୟ କେନ୍ଦ୍ରଠାରେ ବିଶ୍ୱ ମସ୍ତିଷ୍କାଘାତ ଦିବସ ପାଳିତ ହୋଇଯାଇଛି । ଏହି ଅବସରରେ ସେହି ଅଂଚଳର ଲୋକଙ୍କୁ ନେଇ ମସ୍ତିଷ୍କାଘାତ ସମ୍ପର୍କୀତ ଏକ ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି । ଗୋଛାପଡା ସ୍ୱାସ୍ଥ୍ୟ କେନ୍ଦ୍ର ଅଧିକାରୀ ଡା.ନିଶିତ ନିଶାନ୍ତ ମାଲୁଙ୍କ ପରିଚାଳନାରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ଫାର୍ମାଶିଷ୍ଟ ପ୍ରଶାନ୍ତ କୁମାର ସାହୁଙ୍କ ସମେତ ସମସ୍ତ ଷ୍ଟାଫନର୍ସ,ଏ.ଏନ.ଏମ ଏବଂ ଅଂଚଳର ସମସ୍ତ ଆଶା କର୍ମୀମାନେ ଏଥିରେ ଯୋଗ ଦେଇଥିଲେ । ପ୍ରଥମେ ଗୋଟିଏ ସଚେତନତା ଶୋଭାଯାତ୍ରା ବାହାରି ଗୋଛାପଡାର ସମସ୍ତ ଅଂଚଳରେ ଲୋକଙ୍କ ସଚେତନତା ପାଇଁ ବିଭିନ୍ନ ନାରା ଦେବାସହିତ ନଗର ପରିକ୍ରମା କରିଥିଲା । ପରେ ସ୍ୱାସ୍ଥ୍ୟ କେନ୍ଦ୍ରରେ କୋଭିଡ ନିୟମ ଅନୁସାରେ ସାମାଜିକ ଦୁରତା ବଜାୟ ରଖି ଏକ ସଭା ଆୟୋଜିତ ହୋଇଥିଲା । ଏଥିରେ ଡାକ୍ତର ଏବଂ ଅନ୍ୟାନ୍ୟ ସ୍ୱାସ୍ଥ୍ୟ କର୍ମଚାରୀମାନେ ମସ୍ତିଷ୍କାଘାତ ହେବାର କାରଣ ଏବଂ ଏହାର ନିରାକରଣ ବାବଦରେ ଉପସ୍ଥିତ ଲୋକଙ୍କୁ ବୁଝାଇଥିଲେ । ଏହି ସଭାରେ ଅଂଚଳର ଅନେକ ପୁରୁଷ ଓ ମହିଳା ମାନେ ଯୋଗ ଦେଇଥିଲେ ।

# ୭ ଜୁଆଡ଼ି ଗିରଫ, ୬୨୨୦ ଟଙ୍କା ଜବତ

ଗଞ୍ଜାମ,୩୦ା୧୦ (ନି.ପ୍ର): ଆସିକା ଥାନା ଅନ୍ତର୍ଗତ କାଳଷଣ୍ଢ ପୁର ଗ୍ରାମରେ ଚାଲି ଥିବା ଜୁଆ ଖେଳ ଉପରେ ବୁଧବାର ଦିନ ଆସିକା ପୋଲସ ଚଢ଼ାଉ କରିଛି । ଗ୍ରାମରେ ଜୁଆ ଖେଳ ଚାଲିଥିବା ନେଇ ବିଶେଷ ସୂତ୍ରରୁ ଖବର ପାଇଥିଲେ । ପୋଲିସ ଚଢ଼ାଉ କରି ଜୁଆ ଖେଳୁଥିବା ୭ ଜୁଆଡ଼ିଙ୍କୁ ଗିରଫ କରିବା ସହ ସେମାନଙ୍କ ନିକଟରୁ ୬୨୨୦ ଟଙ୍କା ସହ ୨ ଟି ମୋବାଇଲ ଫୋନ୍ ଜବତ କରିଛି । ଏ ସମ୍ପର୍କରେ ଥାନାରେ କେସ୍ ନଂ. ୫୬୫/୨୦ ମାମଲା ରୁଜୁ ହୋଇଛି ବୋଲି ଭାରପ୍ରାପ୍ତ ଥାନା ଅଧିକାରୀ ପ୍ରଶାନ୍ତ କୁମାର ସାହୁ କହିଛନ୍ତି ।

# ସାବରକରଙ୍କୁ ଭାରତ ରତ୍ନ ପ୍ରଦାନ ନିମନ୍ତେ କେସରୀୟା ହିନ୍ଦୁ ବାହିନୀ ପକ୍ଷରୁ ଦାବି

ବାରିପଦା,୩୦ା୧୦ (ନି.ପ୍ର): ବୀର ସାବରକରଙ୍କୁ ଭାରତ ରତ୍ନ ଉପାଧୀ ପ୍ରଦାନ ନିମନ୍ତେ ଦାବି କରିଛନ୍ତି ମୟୂରଭଞ୍ଜ ଜିଲ୍ଲା କେସରୀୟା ହିନ୍ଦୁ ବାହିନୀ । ଏଥି ନିମନ୍ତେ ଆଜି ବାହିନୀର ସଭାପତି ଦିଲ୍ଲୀପ ଦାସଙ୍କ ଅଧକ୍ଷତାରେ ଏକ ପ୍ରତିନିଧି ମଣ୍ଡଳୀ ମୟୂରଭଞ୍ଜ ଜିଲ୍ଲାପାଳ ବିନୀତ ଭରଦ୍ୱାଜଙ୍କୁ କାର୍ଯ୍ୟାଳୟ ପ୍ରକୋଷ୍ଠରେ ସାକ୍ଷାତ କରି ପ୍ରଧାନମନ୍ତ୍ରୀ ଉଦ୍ଦେଶ୍ୟରେ ଏକ ଦାବିପତ୍ର ପ୍ରଦାନ କରିଛନ୍ତି । ଏହି ସମୟରେ ସେଠାରେ କେସରୀୟା ହିନ୍ଦୁ ବାହିନୀର ସଦସ୍ୟ ଶୋଭାବତୀ ଓତା, ମମତା ମଣ୍ଡଳ, ଲିଳୀମା ଦାଶ, ବିଜୟଲକ୍ଷ୍ମୀ ଜେନା, ଶାନ୍ତନୁ କୁମାର ଦାସ ପ୍ରମୁଖ ଉପସ୍ଥିତ ରହିଥିଲେ ।

# ଅତିରିକ୍ତ ଏସ୍‌ପିଙ୍କୁ ବିଦାୟକାଳୀନ ସମ୍ବର୍ଦ୍ଧନା



ଭଦ୍ରକ,୩୦ା୧୦(ହି.ସ): ଭଦ୍ରକର ଅତିରିକ୍ତ ଏସ୍‌ପି କୈଳାସ ଚନ୍ଦ୍ର ପରିଡାଙ୍କୁ ଭଦ୍ରକର ଅଗ୍ରଣୀ ସାମାଜିକ ସଂଗଠନ ଫେଲୋସିପ୍ ପରିବାର ପକ୍ଷରୁ ବିଦାୟକାଳୀନ ସମ୍ବର୍ଦ୍ଧନା ଦିଆ ଯାଇଛି। ଭଦ୍ରକ ଓ୍ୱାନ୍ ଷ୍ଟପ୍ ସେଣ୍ଟର ପରିସରରେ ଅନୁଷ୍ଠିତ ଏକ ସଭାରେ ଫେଲୋସିପ୍‌ର ନିର୍ଦ୍ଦେଶକ ଲଲାଟେନ୍ଦୁ ମହାନ୍ତି ଅଧକ୍ଷତା କରିଥିଲେ। ଏଥିରେ ଅତିଥି ଭାବେ ଯୋଗ ଦେଇ ଅନ୍ୟତମ ଅତିରିକ୍ତ ଏସ୍‌ପି ବିକାଶ ଦାଶ କହିଥିଲେ କି ସେ ଜଣେ ଉତ୍ତମ ସହଯୋଗୀଙ୍କ ସହଯୋଗ ପାଇବାରୁ ବଞ୍ଚିତ ହେବେ। ଭଦ୍ରକର ଆଇନ ଶୃଙ୍ଖଳା ପରିସ୍ଥିତିକୁ ମୁକାବିଲା କରିବାରେ ବନ୍ଧୁ ଅନ୍ୟତମ ଅତିରିକ୍ତ ଏସପି ଶ୍ରୀଯୁକ୍ତ ପରିଡାଙ୍କ ସହଯୋଗ ଅବର୍ଣ୍ଣନୀୟ। ଶ୍ରୀଯୁକ୍ତ ପରିଡା ଜଣେ ଦକ୍ଷ ପୁଲିସ ଅଧିକାରୀ ଭାବେ କର୍ତ୍ତବ୍ୟ ପ୍ରତି ସଦା ସର୍ବଦା ଯତ୍ନଶୀଳ ଥିଲେ ବୋଲି କହିଥିଲେ। ଅନ୍ୟତମ ଅତିଥି ଟାଉନ ଥାନା ଆଇ ଆଇଆଇସି ଚନ୍ଦନ ଘଡେଇ ତାଙ୍କ ବକ୍ତବ୍ୟରେ ଶ୍ରୀଯୁକ୍ତ ପରିଡାଙ୍କ ଭଳି ଜଣେ ଜ୍ଞାନୀଗୁଣୀ ଅଫିସରଙ୍କ ଅଧିନରେ କାର୍ଯ୍ୟ କରିବା ଖୁବ୍ କମ୍ ଲୋକଙ୍କ ଭାଗ୍ୟରେ ମିଳିଥାଏ। ପୁଲିସ ଆଇନ କାନୁନ ସମ୍ପର୍କରେ ଶ୍ରୀଯୁକ୍ତ ପରିଡାଙ୍କର ଅଗାଧ ଜ୍ଞାନ ତଳିଆ ଅଧିକାରୀଙ୍କ ପାଇଁ ମାର୍ଗଦର୍ଶନ କରାଇଥାଏ ବୋଲି କହିଥିଲେ। ଫେଲୋସିପ୍‌ର ସମ୍ପାଦକ ଫାରୁକ୍ ଭାଇ ଶ୍ରୀଯୁକ୍ତ ପରିଡାଙ୍କ ଫେଲୋସିପ୍ ପ୍ରତି ରହିଥିବା ଭଲ ପାଇବା ଅବସର ପରେ ମଧ ଜାରି ରହିବ ବୋଲି ଆଶାବ୍ୟକ୍ତ କରିଥିଲେ। ସମ୍ବର୍ଦ୍ଧନାର ପ୍ରତ୍ୟୁତ୍ତରରେ ଶ୍ରୀଯୁକ୍ତ ପରିଡା ଭଦ୍ରକବାସୀଙ୍କ ଭଲପାଇବା, ଫେଲୋସିପ୍ ସହିତ ସମ୍ପର୍କ ତାଙ୍କ ପାଇଁ ଅଭୁଲା ହୋଇ ରହିବ। ଫେଲୋସିପ୍ ପକ୍ଷରୁ ବିଭିନ୍ନ ସମୟରେ କର୍ମଶାଳା ଆୟୋଜନ କରି ଅନ୍ୟମାନଙ୍କ ଦିଗ୍‌ଦର୍ଶନ ଦେବାରେ ସେ ପୂର୍ଣ୍ଣ ସହଯୋଗ ରଖିବେ ବୋଲି ପ୍ରତିଶ୍ରୁତି ଦେଇଥିଲେ। ଶେଷରେ ଅଧକ୍ଷ ଶ୍ରୀ ମହାନ୍ତି ସମସ୍ତଙ୍କୁ ଧନ୍ୟବାଦ ଅର୍ପଣ କରିଥିଲେ।

# ମାନସିକ ଚାପରୁ ମହିଳାଙ୍କ ଆତ୍ମହତ୍ୟା

ବାରିପଦା,୩୦ା୧୦ (ନି.ପ୍ର): ଅତ୍ୟଧିକ ମାନସିକ ଚାପ ମଣିଷକୁ ଭୂଲ ନିଷ୍ପତି ନେବାର ରାସ୍ତା କଢ଼େଇ ନେଇଥାଏ । ଏହାର ଏକ ଉଦାହରଣ ଦେଖିବାକୁ ମିଳିଛି ବାରିପଦା ଟାଉନ ଥାନା ଅନ୍ତର୍ଗତ ତକତପୁର ଅଂଚଳରେ ନିଜ ନଣନ୍ଦଙ୍କ ଘରେ ରହୁଥିବା ଚାନ୍ଦୁଆ ଥାନା ଅନ୍ତର୍ଗତ କୁନି ସିଂ(୩୬)ଙ୍କ କ୍ଷେତ୍ରରେ । କୁନି ସିଂ ଗତକାଲି ବିଳମ୍ବିତ ରାତିରେ ନିକଟରେ ଥିବା ଏକ ଛତୁ ଫାର୍ମରେ ରଶୀ ଲଗାଇ ଆତ୍ମହତ୍ୟା କରିଥିବାବିଷୟ ପୁଲିସ ସୂତ୍ରରୁ ଜଣାପଡ଼ିଛି। ଚାନ୍ଦୁଆ ଥାନା ସାନସରାସପୋଷି ଅଂଚଳର ଶ୍ୟାମ ସୁନ୍ଦର ସିଂଙ୍କ ପତ୍ନୀ ତଥା ମୃତକ ମହିଳା ତକତପୁରରେ ରହି ନିଜ ଅସୁସ୍ଥ ପୁଅର ଚିକିତ୍ସା କରାଉଥିଲେ। ମାତ୍ର ଗତ କିଛିଦିନ ହେବ ସେ ଅତ୍ୟଧିକ ମାନସିକ ଚାପରେ ରହିଆସୁଥିଲେ। ଏପରିକି କାହା ସହିତ କଥା ମଧ୍ୟ ହେଉନଥିବା ଜଣାପଡିଛି। ଗତକାଲି ରାତିରେ ସମସ୍ତେ ଖାଇପିଇ ବିଶ୍ରାମ ନେବାକୁ ଯାଇଥିବା ବେଳେ କୁନି ନିଜ ପୁଅ ପାଖରେ ଶୋଇଥିଲେ। ମାତ୍ର ରାତି ପ୍ରାୟ ସାଢେ ୩ରୁ ୪ଘଟିକା ଭିତରେ କୁନିର ପୁଅ ଦିର୍ଘ ସମୟ ଧରି କାନ୍ଦିବାରୁ ପରିବାର ଲୋକ ଆସି କୋଠରୀରେ କୁନିକୁ ଦେଖିବାକୁ ନ ପାଇ ଖୋଜାଖୋଜି କରିବା ପରେ ନିକଟସ୍ଥ ଛତୁ ଫାର୍ମରେ ଝୁଲନ୍ତା ଅବସ୍ଥାରେ ଦେଖିବାକୁ ପାଇଥିଲେ। ଖବର ପାଇ ବାରିପଦା ଟାଉନ ଥାନା ପୁଲିସ ପହଁଞ୍ଚି ଶବକୁ ଜବତ କରି ବ୍ୟବଚ୍ଛେଦ ନିମନ୍ତେ ପଠାଇବା ସହ ଥାନାରେ ଏକ ଅପମୃତ୍ୟୁ ମାମଲା ରୁଜୁ କରି ତଦନ୍ତ ଆରମ୍ଭ କରିଥିଲେ। ପ୍ରାଥମିକ ତଦନ୍ତରୁ ଅତ୍ୟଧିକ ମାନସିକ ଚାପରୁ ଏଭଳି ଘଟଣା ଘଟିଥିବାର ପୁଲିସ ସୂଚନା ପାଇଥିବା ବେଳେ ଶବ ବ୍ୟବଚ୍ଛେଦ ରିପୋର୍ଟ ମିଳିବା ପରେ ତଦନ୍ତ ପ୍ରକ୍ରିୟା ସହଜ ହେବ ବୋଲି ଥାନା ଅଧିକାରୀ ବୀରେନ୍ଦ୍ର କୁମାର ସେନାପତି ପ୍ରକାଶ କରିଛନ୍ତି ।

# ବିଶିଷ୍ଟ ସମାଜସେବୀ ଅଜିତ୍ ଚାନ୍ଦଙ୍କ ସ୍ମୃତି ସମାରୋହ : ବିଶିଷ୍ଟ ବ୍ୟକ୍ତିଙ୍କ ଦ୍ୱାରା 'ସ୍ମୃତିରେ ଅଜିତ୍' ପୁସ୍ତକ ଲୋକାର୍ପିତ

ଭଦ୍ରକ,୩୦ା୧୦(ହି.ସ) - ଜଣେ ଭଲମଣିଷର ପରିଚୟ ତାର ମୃତ୍ୟୁ ପରେ ସ୍ପଷ୍ଟ ଭାବେ ବାରି ହୋଇପଡିଥାଏ। କାହିଁକି ନା ତାର ସୁକର୍ମ ହିଁ ସାମାଜିକ ସ୍ତରରେ ପ୍ରସ୍ଫୁଟିତ ମଲ୍ଲୀ ଫୁଲର ବାସ୍ନା ବିଞ୍ଚି ଦେଇଥାଏ। ସମାଜସେବୀ ସ୍ୱର୍ଗତଃ ଅଜିତ୍ ଚାନ୍ଦ ଥିଲେ ସେହିଭଳି ଜଣେ ସୁପୁରୁଷ। ମୋଟ ଉପରେ କର୍ମ ହିଁ ଥିଲା ତାଙ୍କର ମୂଳ ମନ୍ତ୍ର। ଏକାଧାରାରେ ଛାତ୍ର, ଯୁବକ ଅବସ୍ଥା ସହ ଜୀବନର ଶେଷ ସମୟ ପର୍ଯ୍ୟନ୍ତ ସେ ଚାକିରୀ, ସାମାଜିକ ଓ ଧର୍ମ କ୍ଷେତ୍ରରେ ନିଜକୁ ଉତ୍ସର୍ଗ କରି ଜଣେ କୀର୍ତ୍ତିମାନ ବ୍ୟକ୍ତିତ୍ୱର ଅଧିକାରୀ ହୋଇପାରିଥିଲେ ବୋଲି ତାଙ୍କର ଏକାଦଶାହ ସ୍ମୃତିସଭାରେ ପୂର୍ବତନ ପୌରପାଳ ମାନସ ମହାନ୍ତିଙ୍କ ରଚିତ 'ସ୍ମୃତିରେ ଅଜିତ୍' ଲୋକାର୍ପଣ କରି ବିଶିଷ୍ଟ ବ୍ୟକ୍ତିମାନେ ମତବ୍ୟକ୍ତ କରିଛନ୍ତି। ୰ ଚାନ୍ଦଙ୍କର ଜନ୍ମ ୧୯୫୨ ମସିହା ଜାନୁଆରୀ ମାସ ୧୧ ତାରିଖରେ ଭଦ୍ରକର ବଙ୍କସାହି ଠାରେ ହୋଇଥିଲା। ତାଙ୍କର ପିତା ୰ ବାବୁନି କିଶୋର ଚାନ୍ଦ ଜଣେ କୁଶଳୀ ଗାଡି ଚାଳକ ଥାଇ ପୂର୍ବରୁ



ଓଏମ୍‌ପି ରିଜର୍ଭ ପୁଲିସ୍‌ର ହାବିଲଦାର ଥିଲେ। ତେବେ ପିଲାବେଳୁ ଅର୍ଥାଭାବ ମଧ୍ୟରେ ପାଠପଢା ଜୀବନ ଆରମ୍ଭ କରିଥିବା ୰ ଚାନ୍ଦ ଭଦ୍ରକ ବଙ୍କସ୍କୁଲ ଓ ଜିଲାସ୍କୁଲରୁ ପାଠପଢା ସାହି ଭଦ୍ରକ କଲେଜରେ ପଢିବା ପରେ ଟାଟା କଂପାନୀ ଓ ପରବର୍ତ୍ତୀ ସମୟରେ ଭଦ୍ରକ ଏନ୍‌ଏସି ଅଂଚଳ କାର୍ଯ୍ୟାଳୟରେ କିରାଣୀ ରହି ଫେକର କଂପାନୀର ଠିକାଦାରୀ କରି ନିଜ ଗୋଡରେ ଠିଆ ହୋଇପାରିଥିଲେ। ପରେ ସେ ଚାରିଘରିଆରେ ଘର କରି ସପରିବାର ରହିବା ମଧ୍ୟରେ ଦୀର୍ଘ ୪୦ ବର୍ଷ ଧରି ଷୋହଳ ପୂଜା ଓ ଅଷ୍ଟପ୍ରହରୀ କୀର୍ତ୍ତନ ଅନୁଷ୍ଠିତ କରି ପ୍ରାୟ ୫ ହଜାରରୁ ଉର୍ଦ୍ଧ୍ୱ ଲୋକଙ୍କୁ ପ୍ରସାଦ ସେବନରେ ଆପ୍ୟାୟିତ କରିଆସୁଥିଲେ। ପୂର୍ବତନ ମନ୍ତ୍ରୀ ଯୁଗଳ କିଶୋର ପଟ୍ଟନାୟକ, ପ୍ରଫୁଲ୍ଲ ସାମଲ ଓ ପୂର୍ବତନ ପୌରପାଳ ମାନସ ମହାନ୍ତିଙ୍କ ସହ ସୁସଂପର୍କ ରକ୍ଷା କରି ସେ ବନ୍ୟା, ବାତ୍ୟା ସମୟରେ ନିଜ ଜୀବନକୁ ବିପନ୍ନ କରି ଖରସ୍ରୋତା ଗେଙ୍ଗୁଟି ନଦୀରେ ପହଁରି ଚୁନିଦା ଅଂଚଳର ଲୋକଙ୍କୁ ରିଲିଫ୍ ଯୋଗାଇଥିଲେ। ଯେଉଁଥିପାଇଁ ତତ୍‌କାଳୀନ ବାଲେଶ୍ୱର ଏସ୍‌ପି ଶ୍ରୀ ନନ୍ଦି ତାଙ୍କୁ ପୁରସ୍କାର ଓ ପ୍ରମାଣପତ୍ର ପ୍ରଦାନ କରିଥିଲେ। କେବଳ ନିଜ ଅଂଚଳ ନୁହେଁ ଚାନ୍ଦବାଲି, ଧାମନଗର, ବାରିକପୁର ଭଳି ଅଂଚଳରେ ବନ୍ୟା ସମୟରେ ଚୁଡା, ଚାଉଳ ବାଣ୍ଟି ପୂର୍ବତନ ପୌରପାଳ ମାନସ ମହାନ୍ତିଙ୍କ ସହ ୧୯୭୦ ମସିହାରୁ ଅଦ୍ୟାବଧି କାଙ୍ଗାଳି ଭୋଜନ, ଦରିଦ୍ର ସେବା କରିବା ସହ ନବଜ୍ୟୋତି କ୍ଲବ୍ ଗଠନ କରି ଦୀର୍ଘ ୨୫ ବର୍ଷ ଧରି ଓଡ଼ିଶାର ପ୍ରଧାନତମ ସାଂସ୍କୃତିକ କାର୍ଯ୍ୟକ୍ରମ ରଜ ପର୍ବ ଜିଲାସ୍କୁଲ ପଡିଆରେ ପାଳନ କରିଆସୁଥିଲେ। ସେ ଜଣେ ପ୍ରତିଷ୍ଠିତ କ୍ରୀଡାବିତ୍ ଭାବେ ମଧ ନିଜର ସ୍ୱତନ୍ତ୍ର ପରିଚୟ ସୃଷ୍ଟି କରିଆସିଥିବାବେଳେ ତାଙ୍କ ଆବର୍ତ୍ତମାନରେ ଭଦ୍ରକ ଜିଲା ଜଣେ ସୁପୁତ୍ରକୁ ହରାଇଲା ବୋଲି ବକ୍ତାମାନେ କହିଥିଲେ। ଏହି ସ୍ମୃତିସଭାରେ ଭଦ୍ରକର ବହୁ ବିଶିଷ୍ଟ ବ୍ୟକ୍ତିଙ୍କ ସମେତ ତାଙ୍କର ପୁତ୍ର ତଥା ପୂର୍ବତନ କାଉନ୍‌ସିଲର ଅମ୍ବର ଚାନ୍ଦଙ୍କ ପ୍ରତ୍ୟେକ୍ଷ ତତ୍ତ୍ୱାବଧାନରେ ଆୟୋଜିତ ଏହି ସଭାରେ ବହୁ ବିଶିଷ୍ଟ ବ୍ୟକ୍ତିଙ୍କ ସହ ଅନ୍ୟ ପୁତ୍ର, ପୁତ୍ରବଧୂ, ଝିଅ-ଜ୍ୱାଇଁମାନେ ଉପସ୍ଥିତ ଥିଲେ।

# ସମ୍ବଲପୁର ରେଳମଣ୍ଡଳରେ ରାଷ୍ଟ୍ରୀୟ ଏକତା ଦିବସ ପାଳିତ

ସମ୍ବଲପୁର,୩୦ା୧୦ (ନି.ପ୍ର): ସ୍ୱର୍ଗତ ସର୍ଦ୍ଦାର ବଲ୍ଲଭ ଭାଇ ପଟେଲଙ୍କ ଜନ୍ମ ବାର୍ଷିକୀ ଅବସରରେ ରାଷ୍ଟ୍ରୀୟ ଏକତା ଦିବସରେ ରେଳମନ୍ତ୍ରୀ ପିୟୁଷ ଗୋୟାଲଙ୍କ ଦ୍ୱାରା ଭର୍ଚୁଆଲ ମୋଡ଼ ମାଧ୍ୟମରେ ଭାରତୀୟ ରେଳବାଇର ସମସ୍ତ ଅଧିକାରୀଙ୍କୁ ୨୯ ଅକ୍ଟୋବର ୨୦୨୦ରେ ରାଷ୍ଟ୍ରୀୟ ଏକତାର ଶପଥ ପାଠ କରାଇଥିଲେ । ଏହି କାର୍ଯ୍ୟକ୍ରମରେ ମଣ୍ଡଳ ରେଳ ପ୍ରବନ୍ଧକ, ସମ୍ବଲପୁର ପ୍ରଦୀପ କୁମାରଙ୍କ ସହିତ ସମସ୍ତ ଅଧିକାରୀ ଅଂଶଗ୍ରହଣ କରିଥିଲେ । ଦେଶର ଏକତା, ଅଖଣ୍ଡତା ଓ ସୁରକ୍ଷା ବଜାୟ ରଖିବା ଏବଂ ସମସ୍ତ ଭାରତୀୟଙ୍କ ମଧ୍ୟରେ ଏହି ସନ୍ଦେଶ ପ୍ରଚାର ପାଇଁ ଯଥା ସମ୍ଭବ ପ୍ରୟାସ କରିବା ପାଇଁ ରାଷ୍ଟ୍ରୀୟ ଏକତାର ଶପଥପାଠ କରିଥିଲେ ।

# ୨୪୯ ଏ ଏନ୍ ଏମ୍ ମାନଙ୍କୁ ପୁନଃନିଯୁକ୍ତି ପାଇଁ ଦାବି

କେନ୍ଦ୍ରାପଡ଼ା,୩୦ା୧୦ (ନି.ପ୍ର): କୋଭିଡ-୧୯ ବିଶ୍ୱ ମହାମାରୀ ରୁ ସୁରକ୍ଷା ପାଇଁ ତଥା ସ୍ୱାସ୍ଥ୍ୟସେବା କୁ ବ୍ୟାପକ କରିବା ସହ ଏଥିରେ ଅସ୍ଥାୟୀ ଭାବେ ମହିଳା ସ୍ୱାସ୍ଥ୍ୟକର୍ମୀ ମାନଙ୍କୁ ନିଯୁକ୍ତି ଦିଆ ଯାଇଥିଲା । ବିଭିନ୍ନ ପଂଚାୟତ ରେ ଥିବା ଟିଏମ୍ ସି , ସଂଗରୋଧ ଶିବିର ଓ ଜିଲ୍ଲା ମୁଖ୍ୟ ଚିକିତ୍ସାଳ, ବ୍ଲକ ସ୍ତରରେ ଥିବା ଚିକିତ୍ସାଳୟ ମାନଙ୍କରେ ଏମାନଙ୍କୁ ନିଯୁକ୍ତି ଦିଆଯାଇ କରୋନା ସଂକ୍ରମଣର ମୁକାବିଲା ପାଇଁ ଯୁଦ୍ଧ କାଳୀନ ଭିତିରେ କାର୍ଯ୍ୟ କରାଯାଉ ଥିଲା । ଜିଲ୍ଲାରେ ମୋଟ ୨୪୯ଜଣ ମହିଳା ସ୍ୱାସ୍ଥ୍ୟକର୍ମୀ ୩ ମାସିଆ (୮୯ଦିନ) ପାଇଁ ନିଯୁକ୍ତି ପାଇଥିଲେ । ତେବେ ଏହି ଅବଧି ପୁରଣ ହେବାକୁ ଯାଉଥିବା ବେଳେ କୋଭିଡ-୧୯ ନିଯୁକ୍ତି ପ୍ରାପ୍ତ ମହିଳା ସ୍ୱାସ୍ଥ୍ୟକର୍ମୀ ସଂଘ କେନ୍ଦ୍ରାପଡା ଜିଲ୍ଲା ପକ୍ଷରୁ ଜିଲ୍ଲାପାଳଙ୍କୁ ଏକ ଦାବିପତ୍ର ପ୍ରଦାନ କରାଯାଇଛି । ଏହି ଦାବିପତ୍ର ପ୍ରଦାନ ବେଳେ ପ୍ରଣତି ପରିଡା, ମୋନାଲି ରାଉତ, କଲ୍ୟାଣୀ ଲେଙ୍କା, ସସ୍ମିତା ଦାସ, ଲୋପାମୁଦ୍ରା ନାୟକ, ଜ୍ୟୋର୍ତିମୟୀ ବେହେରା ଉପସ୍ଥିତ ଥିଲେ ।

# ଶ୍ରମ ଆଇନ୍ ସଂଶୋଧନ କରିବାକୁ ଭାରତୀୟ ମଜୁଦର ସଂଘର ଦାବି

ଭୁବନେଶ୍ୱର,୩୦ା୧୦ (ନି.ପ୍ର): ଶ୍ରମ କୋଡରେ ଥିବା ସମସ୍ତ ଶ୍ରମିକ ବିରୋଧି ନିୟମ ପ୍ରତ୍ୟାହାର ସମେତ ୬ ଦଫା ଦାବି ନେଇ ଭାରତୀୟ ମଜୁଦର ସଂଘ ପକ୍ଷରୁ ଖୋର୍ଦ୍ଧା ଅତିରିକ୍ତ ଜିଲ୍ଲାପାଳଙ୍କ ଜରିଆରେ ପ୍ରଧାନମନ୍ତ୍ରୀଙ୍କୁ ଏକ ଦାବି ପତ୍ର ପ୍ରଦାନ କରାଯାଇଛି। ଭାରତୀୟ ମଜଦୁର ସଂଘର ଜିଲ୍ଲା ସଭାପତି ଗଣେଶ୍ୱର ଦାସଙ୍କ ଅଧକ୍ଷତାରେ ରାଷ୍ଟ୍ରୀୟ କାର୍ଯ୍ୟକାରିଣୀ ସଦସ୍ୟ ଶ୍ରୀ ଗିରିଶ ଚନ୍ଦ୍ର ମହନ୍ତ, ପୁରୀ ବିଭାଗ ପ୍ରଭାରୀ ଶ୍ରୀ ବିଜୟ କୁମାର ପାତ୍ର ପ୍ରମୁଖ ସଭାକୁ ସମ୍ବୋଧନ କରିଥିବା ବେଳେ ଖୋର୍ଦ୍ଧା ଜିଲ୍ଲାର ପ୍ରମୁଖ କାର୍ଯ୍ୟକର୍ତା ଉପସ୍ଥିତ ଥିଲେ । ଶେଷରେ ଜିଲ୍ଲା ସମ୍ପାଦିକା ଶ୍ରୀମତୀ ଶାନ୍ତିଲତା ସେଠୀଙ୍କ ନେତୃତ୍ୱରେ ଏକ ମଣ୍ଡଳୀ ଅତିରିକ୍ତ ଜିଲ୍ଲାପାଳଙ୍କୁ ସ୍ମାରକପତ୍ର ପ୍ରଦାନ କରିଥିଲେ। ଗୁଜୁରାଟ ମଡେଲ୍ ଶ୍ରମ ନିୟମରେ ସୁଧାର ପ୍ରକ୍ରିୟାକୁ ରଦ୍ଧ କରିବା ,ସମସ୍ତ ପେନ୍‌ସନ୍ ସ୍କିମ୍‌ର ପୁନଃବିଚାର କରାଯାଇ ସର୍ବନିମ୍ନ ୩୦୦୦ ଟଙ୍କା ପେନ୍‌ସନ୍ ପ୍ରଦାନ କରିବା ,ଭାରତ ଭଳି ଜନବହୁଳ ଦେଶରେ ନୂତନ ନିଯୁକ୍ତି ସୃଷ୍ଟି ପାଇଁ ସ୍ୱତନ୍ତ୍ର ନିଯୁକ୍ତି ନିୟମ ପ୍ରଣୟନ କରିବା, ପ୍ରବାସୀ ଶ୍ରମିକମାନଙ୍କ ସ୍ୱାର୍ଥରକ୍ଷାକୁ ଦୃଷ୍ଟିରେ ରଖି ପ୍ରବାସୀ ଶ୍ରମିକ ଆଇନ୍‌କୁ ସଂଶୋଧନ କରିବା ,ଏହାକୁ କଡ଼ାକଡ଼ି ଭାବେ ଲାଗୁ କରିବା ଏବଂ ଦେଶରେ ପ୍ରଚଳିତ ଜି.ଡି.ପି. ଆଧାରିତ ବିକାଶର ମାପଦଣ୍ଡକୁ ପ୍ରତ୍ୟାଖାନ କରି ଭାରତୀୟ ନୀତି ଆଧାରରେ ବିକାଶକୁ ପରିଭାଷିତ କରିବାକୁ ଦାବି କରାଯାଇଛି।

# ମାନସଙ୍କ ପାଇଁ ସାଂସଦ ଅଶ୍ୱିନୀ ବୈଷ୍ଣବଙ୍କ ଭୋଟଭିକ୍ଷା



ବାଲେଶ୍ୱର,୩୦।୧୦ (ନି.ପ୍ର): ସଦର ବିଧାନସଭା ଆସନକୁ ପୁଣିଥରେ ଦଖଲକୁ ଆଣିବା ପାଇଁ ଚଳିତ ଉପ-ନିର୍ବାଚନରେ ବିଜେପି ପକ୍ଷରୁ ରୀତିମତ ପ୍ରଚେଷ୍ଟା ଚାଲିଥିବା ବେଳେ ବାଲେଶ୍ୱରବାସୀଙ୍କ ନିକଟତର ହୋଇଛନ୍ତି ଦଳର ହେଭିଓ୍ୱେଟ୍ ନେତା। ଏହି ପରିପ୍ରେକ୍ଷୀରେ ଅବସରପ୍ରାପ୍ତ ପ୍ରଶାସକ ତଥା ରାଜ୍ୟସଭା ସାଂସଦ ଅଶ୍ୱିନୀ ବୈଷ୍ଣବ ସହରର ବିଭିନ୍ନ ସ୍ଥାନରେ ଦଳୀୟ ପ୍ରାର୍ଥୀ ମାନସଙ୍କ ପାଇଁ ପ୍ରଚାର କରିଛନ୍ତି। ପୌରାଞ୍ଚଳର ୨୯ ନଂ ଓ୍ୱାର୍ଡ଼ରେ ପଦଯାତ୍ରା ଓ କ୍ୟାମ୍ପେନିଂ କରିବା ଅବସରରେ ସ୍ଥାନୀୟ ଅଞ୍ଚଳରେ ଶାସକ ଦଳର ତଥାକଥିତ ବିକାଶ ଧାରାକୁ ନେଇ ଉଦ୍‌ବେଗ ପ୍ରକାଶ କରିଛନ୍ତି। ବିଗତ ୨୦ ବର୍ଷ ପୂର୍ବରୁ ବାଲେଶ୍ୱରରେ ଜିଲ୍ଲାପାଳ ଥିବା ବେଳର ସ୍ଥିତି ଅନୁସାରେ ବିକାଶ କ୍ଷେତ୍ରରେ ସହର ବେଶ୍ ପଛରେ ଥିବା ସେ କହିଛନ୍ତି। ଲୋକାଭିମୁଖୀ ଯୋଜନା କାର୍ଯ୍ୟକାରୀରେ ସ୍ଥାନୀୟ ପ୍ରଶାସନ ସମେତ ରାଜ୍ୟ ସରକାର ବିଫଳ ହୋଇଥିବା ସେ ଆରୋପ କରିଛନ୍ତି। ଅନ୍ୟପକ୍ଷରେ ଜଣେ ଦିଂବଗତ ବିଧାୟକଙ୍କ ପ୍ରତି ଶାସକ ଦଳ ବିଜେଡିର ନେତା ଓ ମନ୍ତ୍ରୀଙ୍କ ଅମାନବୀୟ ମନ୍ତବ୍ୟକୁ ନେଇ ଶ୍ରୀ ବୈଷ୍ଣବ ତୀବ୍ର ସମାଲୋଚନା କରିଥିଲେ। ତେବେ ସଦର ନିର୍ବାଚନମଣ୍ଡଳୀୟ ସର୍ବାଙ୍ଗିନ ଉନ୍ନତି ପାଇଁ ଏକମାତ୍ର ଯୋଗ୍ୟପ୍ରାର୍ଥୀ ବିଜେପିର ମାନସ ଦତ୍ତଙ୍କୁ ଅଧିକ ସଂଖ୍ୟକ ଭୋଟରେ ଜିତାଇବା ନିମେନ୍ତ ସେ ଜନସାଧାରଣଙ୍କୁ ନିବେଦନ କରିଥିଲେ।

# ଶିବ ମୁନିଙ୍କ ଦର୍ଶନ ପିଲାଙ୍କ ପାଠ୍ୟ ପୁସ୍ତକରେ ସ୍ଥାନ ପାଉ : ଅନ୍ନପୂର୍ଣ୍ଣା ପଣ୍ଡା



ଉଦଳା ,୩୦।୧୦ (ନି.ପ୍ର): ଯୋଗ, ସ୍ୱାସ୍ଥ୍ୟ, ଆତ୍ମଜ୍ଞାନ ଓ ସ୍ୱତନ୍ତ୍ର ବିଚାରର ବାର୍ତ୍ତାବହ ଭାବେ ପରିଚିତ "ମୁନି ସମାଜ"ର ପ୍ରତିଷ୍ଠାତା ଶିବମୁନିଙ୍କ ଦର୍ଶନ ପିଲାଙ୍କ ପାଠ୍ୟପୁସ୍ତକରେ ସ୍ଥାନ ପାଇବା ଆଜି ଜରୁରୀ ହୋଇ ପଡ଼ିଛି, ବୋଲି ଉଦଳା ସହରର ବାସିନ୍ଦା ସଂସ୍କୃତ ଶିକ୍ଷୟିତ୍ରୀ ଅନ୍ନପୂର୍ଣ୍ଣା ପଣ୍ଡା ଗଣମାଧ୍ୟମକୁ ଜଣାଇଛନ୍ତି। ସେ ଆହୁରି ମଧ୍ୟ କହିଛନ୍ତି ଯେ, ଶରଦାକାଶର ଜ୍ୟୋତ୍ସ୍ନା ବିଧୌତ ରଜନୀ ଯେପରି ଧର ବକ୍ଷକୁ ତମ ରୂପକ ଦୁର୍ଦ୍ଦିନରୁ ରକ୍ଷା କରୁଥିଲା, ଠିକ୍ ସେହିପରି ଭଗବାନ ଶିବମୁନି ଜ୍ଞାନାଲୋକ ଦ୍ୱାରା ଅନ୍ଧବିଶ୍ୱାସ, କୁସଂସ୍କାର, ଶୋଷଣ ଜର୍ଜରିତ ପୃଥିବୀକୁ ସବୁମନ୍ତେ ରକ୍ଷା କରିଥିଲେ। ଶିବମୁନି ୧୮୮୪ ମସିହା ଅକ୍ଟୋବର ମାସ ୪ ତାରିଖ କୁମାର ପୂର୍ଣ୍ଣିମା ତିଥିରେ ଉତରପ୍ରଦେଶ ରାଜ୍ୟର ଗୋରଖପୁରଠାରେ ଜନ୍ମ ଗ୍ରହଣ କରିଥିଲେ। ତେବେ ପ୍ରତିବର୍ଷ କୁମାର ପୂର୍ଣ୍ଣିମା ତିଥିରେ ଶିବମୁନିଙ୍କ ଜୟନ୍ତୀ ବିଭିନ୍ନ ସ୍ଥାନରେ ପାଳିତ ହୋଇଥାଏ। ଚଳିତ ବର୍ଷ ଉକ୍ତ ଜୟନ୍ତୀ ପାଳନ ହେବା ପୂର୍ବରୁ ଶିକ୍ଷୟିତ୍ରୀ ଶ୍ରୀମତୀ ପଣ୍ଡା ଗଣମାଧ୍ୟମକୁ କହିଲେ ଯେ, ପିଲାଙ୍କ ପାଠ୍ୟ ପୁସ୍ତକରେ ଶିବମୁନିଙ୍କ ଦର୍ଶନ ସ୍ଥାନ ପାଇଲେ ଏହା ଛାତ୍ରଛାତ୍ରୀଙ୍କ ଉପରେ ଖୁବ୍ ଭଲ ପ୍ରଭାବ ପକାଇବା ସହିତ ଦେଶ ଗଠନ ପାଇଁ ସହାୟକ ହେବ। ଏପରିକି ସୁସ୍ଥ ଓ ନିରୋଗ ଜୀବନ ଯାପନ ପାଇଁ ଏହା ବର୍ତମାନ ଖୁବ୍ ଜରୁରୀ ହୋଇ ପଡ଼ିଛି।

# ବ୍ଲକସ୍ତରୀୟ ବାଲ୍ୟ ବିବାହ ପ୍ରତିରୋଧ କମିଟି ଗଠିତ

ଜଳେଶ୍ୱର,୩୦।୧୦ (ନି.ପ୍ର): ଏବେବି ନାବାଳିକାଙ୍କର ବିବାହ ହେଉଥିବା ପରିଲକ୍ଷିତ ହେଉଥିବାରୁ ବାଲେଶ୍ୱର ଜିଲାପାଳ ଏହାକୁ ବନ୍ଦ କରିବାପାଇଁ ଜଳେଶ୍ୱର ସିଡିପିଓ ଓ ଅନ୍ୟ ଅଧିକାରୀ ମାନଙ୍କୁ ନିର୍ଦ୍ଦେଶ ଦେଇଛନ୍ତି। ଏହି ପରିପ୍ରେକ୍ଷୀରେ ବ୍ଲକ ସ୍ତରୀୟ କମିଟି ଗଠିତ ହୋଇଛି। ଏହି କମିଟିର ଅଧ୍ୟକ୍ଷ ଭାବେ ଜଳେଶ୍ୱର ତହସିଲଦାର କ୍ଷିରୋଦ କୁମାର ପଣ୍ଡା, ଆବାହକ ତଥା ସିଡିପିଓ ଦିପ୍ତୀମୟୀ ପୋଥାଳ, କାର୍ଯ୍ୟକାରୀ ସଦସ୍ୟଭାବେ ସିଏସ୍ ଅଧିକାରୀ ଦେବବ୍ରତ ମିଶ୍ର, ଚାଇଲ୍ଡ ଲାଇନ୍‌ରୁ ପ୍ରଶାନ୍ତ କୁମାର ରାଉତ, ବିଇଓ ସୁଧାଂଶୁ ଶେଖର ଜେନା, ବ୍ଲକ ମଂଗଳ ଅଧିକାରୀ ସୁଜୟ କୁମାର ଚାନ୍ଦ, ବିଆର୍‌ସିସି ଲଲାଟେନ୍ଦୁ ଜେନା ଓ ସୁକୁମାର ରଣା ପ୍ରମୁଖ ଏହି କମିଟିରେ ରହିଛନ୍ତି। କମିଟିର ସଂପ୍ରସାରଣ ଓ ପ୍ରତ୍ୟେକ ପଂଚାୟତରେ ଏହାର ଶାଖା କାର୍ଯ୍ୟ ଲାଗି ଟାକ୍ସଫୋର୍ସ କମିଟି ସରପଂଚ ମାନଙ୍କ ଅଧ୍ୟକ୍ଷତାରେ ଗଠିତ ହେବାର ସିଦ୍ଧାନ୍ତ ହୋଇଛି। ଗ୍ରାମାଞ୍ଚଳ ସ୍ତରରୁ ଏଭଳି ଏକ କାର୍ଯ୍ୟକ୍ରମକୁ ବିରୋଧ କରିବାଲାଗି ଜିଲାପାଳଙ୍କ ନିର୍ଦ୍ଦେଶକୁ ପାଳନ କରାଯିବାର ସିଦ୍ଧାନ୍ତ ହୋଇଛି।

# ଦିବଂଗତ ବିଧାୟକଙ୍କ ପ୍ରତି କଟୁ ମନ୍ତବ୍ୟରେ ଜୁଏଲଙ୍କ କ୍ଷୋଭ




ବାଲେଶ୍ୱର,୩୦।୧୦ (ନି.ପ୍ର): ମଙ୍ଗୁଭାଇଙ୍କ ଭଳି ଜଣେ ଲୋକପ୍ରିୟ ଦିବଂଗତ ବିଧାୟକଙ୍କ ପ୍ରତି ବିଜେଡି ନେତା ଓ ମନ୍ତ୍ରୀଙ୍କ କଟୁ ମନ୍ତବ୍ୟକୁ ମୁଖ୍ୟମନ୍ତ୍ରୀ ସମର୍ଥନ କରିବା ମାନବିକତାର ପରିପନ୍ଥୀ ବୋଲି ସୁନ୍ଦରଗଡ଼ ସାଂସଦ ଜୁଏଲ ଓରାମ ଏକ ସାମ୍ବାଦିକ ସମ୍ମିଳନୀରେ ଆଜି ପ୍ରକାଶ କରିଛନ୍ତି। ଗତ ସାଧାରଣ ନିର୍ବାଚନରେ ଲୋକପ୍ରିୟ ନେତା ଭାବେ ସଦର ନିର୍ବାଚନମଣ୍ଡଳୀର ଲୋକେ ମଦନ ମୋହନ ଦତ୍ତଙ୍କୁ ଅଧିକ ସଂଖ୍ୟାରେ ଭୋଟ ଦେଇ ନିର୍ବାଚିତ କରିଥିଲେ। ମାତ୍ର ତାଙ୍କର ଅକାଳ ବିୟୋଗରେ ପରିବାର ସମେତ ଏହି ନିର୍ବାଚନ ମଣ୍ଡଳୀବାସୀ ଅତ୍ୟନ୍ତ ମ୍ରିୟମାଣ ହୋଇପଡ଼ିଥିଲେ। ମାତ୍ର ନବୀନ ପଟ୍ଟନାୟକଙ୍କ ସରକାରର ମନ୍ତ୍ରୀ ଓ ନେତା ସ୍ୱର୍ଗତ ଦତ୍ତଙ୍କ ସମ୍ପର୍କରେ ନାନାଦି ଅପମାନବୋଧକ ଶବ୍ଦ ଉଚ୍ଚାରଣ ଆଦୌ ଗ୍ରହଣୀୟ ନୁହେଁ। ପୂର୍ବରୁ ତାଙ୍କର ମୃତ୍ୟୁ ବିଜେଡି ପାଇଁ ସୁଯୋଗ ଓ ଏବେ ତାଙ୍କୁ ପୋଡ଼ା ବିଦ୍ୟୁତ୍ ଟ୍ରାନ୍ସଫର୍ମାର ବୋଲି ସମ୍ବୋଧନ କରିବା ଅମାନବିକତାର ସୀମା ଟପିଛି। ସବୁଠାରୁ ବଡ଼କଥା ହେଲା ଖୋଦ୍ ମୁଖ୍ୟମନ୍ତ୍ରୀ ଏ ସବୁ ଜାଣି ମଧ୍ୟ ଚୁପ୍ ରହିବା। ସେ ଇଚ୍ଛା କରିଥିଲେ ଗତକାଲିର ଭର୍ଚୁଆଲ ର୍‍ୟାଲିରେ ଦିବଂଗତ ବିଧାୟକଙ୍କ ପରିବାରକୁ ସମବେଦନା ଜଣାଇ ପାରିଥାନ୍ତେ କିମ୍ବା ବିବାଦୀୟ ନେତା ଓ ମନ୍ତ୍ରୀଙ୍କୁ ତାଗିଦ୍ କରିପାରିଥାନ୍ତେ। ମାତ୍ର ମୁଖ୍ୟମନ୍ତ୍ରୀ ଏ ସମ୍ପର୍କରେ ପଦୁଟିଏ ବି କିଛି ନ କହିବା ବାଲେଶ୍ୱରବାସୀଙ୍କ ଭାବନାକୁ ଘୋର ଉପେକ୍ଷା ବୋଲି ସାଂସଦ ଶ୍ରୀ ଓରାମ ଆରୋପ କରିଛନ୍ତି। ଆଗାମୀ ଦିନରେ ଏହାର ଫଳ ବିଜେଡିକୁ ଭୋଗିବାକୁ ପଡ଼ିବ ବୋଲି ସେ କହିଛନ୍ତି। ରାଜନୀତି ପାଇଁ ମାନବିକତା ଓ ସମ୍ବେଦନଶୀଳତା ଭୁଲି ଯାଉଥିବା ଦଳର ନେତା ଓ ମନ୍ତ୍ରୀଙ୍କୁ ବାଲେଶ୍ୱରବାସୀ କେବେ କ୍ଷମା କରିବେ ନାହିଁ ବୋଲି ସାଂସଦ ଶ୍ରୀ ଦତ୍ତ ଚେତାବନୀ ଦେଇଛନ୍ତି।

# ରାୟଗଡ଼ା ଜିଲ୍ଲାରେ ବିଜୁ ଜନତା ଦଳ ପକ୍ଷରୁ ଜନ ସଚେତନତା କାର୍ଯ୍ୟକ୍ରମ



ଗୁଣୁପୁର ,୩୦।୧୦ (ନି.ପ୍ର): ରାୟଗଡ଼ା ଜିଲ୍ଲାରେ ବିଭିନ୍ନ ବ୍ଲକ ସ୍ତରରେ ମୁଖ୍ୟମନ୍ତ୍ରୀଙ୍କ ନିର୍ଦ୍ଦେଶ କ୍ରମେ ବିଭିନ୍ନ ବ୍ଲକ ଓ ଗାଁ ଗାଁରେ ବିଜୁ ଜନତା ଦଳ ପକ୍ଷରୁ ଜନ ସଚେତନତା କାର୍ଯ୍ୟକ୍ରମ ଚାଲୁ ରହିଛି । ଦଳର ସୁପ୍ରିମୋ ନବୀନ ପଟ୍ଟନାୟକଙ୍କ ଲକ୍ଷ ଯେମିତି ସରକାର ଲୋକାଭିମୁଖୀ ହେବା ଦରକାର ଓ ଲୋକଙ୍କ ପାଖରେ ସମସ୍ତ ସୁବିଧା ସୁଯୋଗ କିପରି ପାଇପାରିବେ ସେ ନେଇ ତଳ ସ୍ତରରୁ ଉପର ପର୍ଯ୍ୟନ୍ତ ଯେମିତି ସମସ୍ତେ ସଚେତନ ହୋଇପାରିବେ ସେଥିପାଇଁ ଏହି ଅଭିଯାନ। ଶୁକ୍ରବାର ଗୁଣୁପୁର ବ୍ଲକ କୁଲୁସିଂ ଗ୍ରାମପଞ୍ଚାୟତର ଗାଇଲୁଙ୍ଗ ଅବାରସିଂ ଅଞ୍ଚଳର ବିଭିନ୍ନ ଗ୍ରାମରେ ଜନସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହେଇଥିଲା ଏଥିରେ ବିଧାୟକ ରଘୁନାଥ ଗମାଙ୍ଗ, ଇସମାଇଲ ଶବର, ମାର୍କ ଦଳବେହେରା ଛାତ୍ର ଜନତା ସଭାପତି ବିଷ୍ଣୁ ପଣ୍ଡା (ପିଙ୍କୁ), କୁଲସିଙ୍ଗର ପୂର୍ବତନ ସରପଞ୍ଚ ପାଉଲ ଶବର, ପୁଟାସିଂର ପୂର୍ବତନ ସରପଞ୍ଚ ତ୍ରିନାଥ ଶବର, ପଦ୍ମପୁର ବ୍ଲକ ଅଧକ୍ଷ ରମାକାନ୍ତ ମାଝୀ ପ୍ରମୁଖ ମାସ୍କ ବାଣ୍ଟିବା ସହ ଲୋକଙ୍କୁ କରୋନା ବିଷୟରେ ସଚେତନତା କରିଥିଲେ। ସେହିପରି ଗୁଡାରୀ ବ୍ଲକର ପେଣ୍ଡିଲି ଏବଂ ମଧୁବନ ଗ୍ରାମ ପଞ୍ଚାୟତରେ, ମାନ୍ୟବର ମୁଖ୍ୟମନ୍ତ୍ରୀ ଶ୍ରୀ ନବୀନ ପଟ୍ଟନାୟକଙ୍କ ନିର୍ଦ୍ଦେଶକ୍ରମେ ବିଜୁ ଜନତା ଦଳ ଗୁଡାରୀ ତରଫରୁ ଜନ ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଏହି କାର୍ଯ୍ୟକ୍ରମରେ ଜିଲ୍ଲା ସଭାପତି ତଥା ରାଜ୍ୟ ବିଜୁ ସ୍ୱାସ୍ଥ୍ୟ କଲ୍ୟାଣ ଯୋଜନା ଉପଦେଷ୍ଟା ଶ୍ରୀ ସୁଧୀର ଦାସ, ଗୁଣପୁର ବିଧାୟକ ଶ୍ରୀ ରଘୁନାଥ ଗମାଙ୍ଗ, ଜିଲ୍ଲା ସାଧାରଣ ସମ୍ପାଦକ ଶ୍ରୀ ଗଗନ ଆଚାର୍ଯ୍ୟ, ପଦ୍ମପୁର ବ୍ଲକ ଅଧକ୍ଷ ଶ୍ରୀ ରମାକାନ୍ତ ମାଝୀ, ଜିଲ୍ଲା ଛାତ୍ର ସଭାପତି ଶ୍ରୀ ବିଷ୍ଣୁ ପ୍ରାସାଦ ପଣ୍ଡା ଏବଂ ଗୁଡାରୀ, ପଦ୍ମପୁର ଅଞ୍ଚଳର ବହୁ ବିଜୁ ଜନତା ଦଳର କର୍ମୀମାନେ ଯୋଗଦେଇ ମାସ୍କ ବଣ୍ଟନ ଓ କରୋନା ପରି ମାହାମାରିରେ କିପରି ସତର୍କ ରହିବେ ଲୋକଙ୍କ ସହିତ ଆଲୋଚନା କରିଥିଲେ।

# ନିକିତା ତୋମାର ହତ୍ୟା ପ୍ରତିବାଦରେ ଏବିଭିପିର ବିକ୍ଷୋଭ

ବାଲେଶ୍ୱର,୩୦।୧୦ (ନି.ପ୍ର): ହରିୟାଣାର ବଲ୍ଲଭପୁରଠାରେ ନିକିତା ତୋମାରଙ୍କୁ କରାଯାଇଥିବା ନିର୍ମମ ହତ୍ୟାକୁ ନେଇ ଅଖିଳ ଭାରତୀୟ ବିଦ୍ୟାର୍ଥୀ ପରିଷଦ (ଏବିଭିପି) ପକ୍ଷରୁ ବାଲେଶ୍ୱର ସହରର ସିନେମାଛକଠାରେ ବିକ୍ଷୋଭ ପ୍ରଦର୍ଶିତ ହୋଇଯାଇଛି। ଏବିଭିପି ଜିଲ୍ଲା ସଂଯୋଜକ ରଜତ କୁମାର ପାତ୍ରଙ୍କ ନେତୃତ୍ୱରେ ଆୟୋଜିତ କାର୍ଯ୍ୟକ୍ରମରେ ଜିଲ୍ଲା ପ୍ରମୁଖ ପ୍ରତ୍ୟୁଷ କୁମାର ବେହେରା, ବିଭାଗ ସହ-ପ୍ରମୁଖ ସୁବ୍ରତ କୁମାର ଧଳ, ରାଜ୍ୟ କ୍ରୀଡ଼ା ସଂଯୋଜକ ସାଇପ୍ରତିମ ସେନାପତି, ରାଜ୍ୟ ସହ-ସମ୍ପାଦକ ଲକ୍ଷ୍ମୀନାରାୟଣ ନାୟକ, ନଗର ଉପ-ସଭାପତି ସ୍ମୃତିରଂଜନ ବେହେରା ପ୍ରମୁଖ ଯୋଗଦେଇ ହରିୟାଣାର ଏହି ବର୍ବରକାଣ୍ଡକୁ ତୀବ୍ର ସମାଲୋଚନା କରିଥିଲେ। ସାମ୍ପ୍ରତିକ ସ୍ଥିତିରେ ନାରୀ ସୁରକ୍ଷା ପାଇଁ ସରକାର ତୁରନ୍ତ ନୂତନ ଆଇନ ପ୍ରଣୟନ କରିବା ଉଚିତ ବୋଲି ସେମାନେ କହିଥିଲେ। ତେବେ ଏହି ଘଟଣାରେ ଅଭିଯୁକ୍ତଙ୍କୁ ତୁରନ୍ତ ଗିରଫ ସହ ଦଣ୍ଡ ପ୍ରଦାନ ପାଇଁ ଏବିଭିପିର କାର୍ଯ୍ୟକର୍ତ୍ତାମାନେ ଦାବି କରିଛନ୍ତି।

# ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ....

## କରୋନା ସର୍ତକତା...

ଲୁଚାଇ ରଖିବା ନାହିଁ। ଶୀତଦିନ ଆସିଯାଇଥିବାରୁ ସୁସ୍ଥ ରହିବା ପାଇଁ ସାମାନ୍ୟ କାଶ ଓ ଥଣ୍ଡାରୁ ମୁକ୍ତ ରହିବା ଲାଗି ନିଜର ଯତ୍ନ ନେବା। କୋଭିଡରୁ ସୁସ୍ଥ ହେବା ପରେ ୪ରୁ ୬ ସପ୍ତାହ ମଧ୍ୟରେ ଡାକ୍ତରଙ୍କ ପାଖକୁ ଯାଇ ଡାକ୍ତରଙ୍କ ପରାମର୍ଶ ଅନୁସାରେ କାମ କରିବେ।ଟିକା କେବେ ଆସିବ ତାହା ଜଣା ନାହିଁ। ତେଣୁ ପ୍ରତିଷେଧ ନୁହେଁ ପ୍ରତିରୋଧକୁ ଏକମାତ୍ର ଅସ୍ତ୍ର କରିବେ। ସାମାନ୍ୟ ଲକ୍ଷଣକୁ ଅଣଦେଖା କରିବେ ନାହିଁ।ପରୀକ୍ଷାକୁ ନିଃଶୁଳ୍କ ରଖାଯାଇଛି। ତେଣୁ ପରୀକ୍ଷା ପାଇଁ ଲୋକେ ଆଗେଇ ଆସନ୍ତୁ । ଭୁବନେଶ୍ୱରରେ କରୋନା ମୁକାବିଲା ସମ୍ପର୍କରେ ବାଗଚୀ କହିଛନ୍ତି ଯେ ଭୁବନେଶ୍ୱରବାସୀ ଗତ ୮ ମାସ ମଧ୍ୟରେ ଅନେକ ତ୍ୟାଗ କରିଛନ୍ତି ଓ ଧୈର୍ଯ୍ୟ ରଖିଛନ୍ତି। ଏଠାରେ ୧୧ ଲକ୍ଷ ବାସିନ୍ଦା ଥିବା ବେଳେ ସାଢ଼େ ୩ ଲକ୍ଷ ନମୁନା ପରୀକ୍ଷା ହୋଇଛି। ଭୁବନେଶ୍ୱରରେ ୩ଟି କୋଭିଡ କେୟାର ସେଂଟର, ୭ଟି ହସ୍ପିଟାଲ, ୧୭୩୮ ବେଡ, ୫୦୯ଟି ଆଇସିୟୁ , ୨୧୬ ଭେଂଟିଲେଟର ବ୍ୟବସ୍ଥା ହୋଇଛି। କୋଭିଡ ମୁକାବିଲା ଲାଗି ଭୁବନେଶ୍ୱରରେ ୫୦୦୦ କୋଭିଡ ଯୋଦ୍ଧା ସମର୍ପିତ ଅଛନ୍ତି ବୋଲି ସେ କହିଛନ୍ତି।

## କଂଗ୍ରେସ ଷ୍ଟାର ପ୍ରଚାରକ...

ବାରମ୍ୱାର ଆଚରଣ ବିଧି ଉଲ୍ଲଂଘନ ଅଭିଯୋଗ ଆସୁଛି। ବିଜେପି ନେତା ଇମର୍ତୀ ଦେବୀଙ୍କ ଉଦ୍ଦେଶ୍ୟରେ ସେ ଆପତିଜନକ ମନ୍ତବ୍ୟ ଦେଇଥିବା ବେଳେ କମଳ ନାଥ ଅନ୍ୟ ଏକ ସମାବେଶରେ ଶିବରାଜ ସିଂଙ୍କୁ ଡ୍ରାମାବାଜ୍ କଳାକାର ବୋଲି କହିଥିଲେ। ମଧ୍ୟପ୍ରଦେଶ ସିଇଓଙ୍କ ରିପୋର୍ଟ ଆଧାରରେ କମିଶନ କମଳ ନାଥଙ୍କୁ ଦୋଷୀ ବୋଲି ମାନିଥିଲେ। ନିର୍ବାଚନ ଆୟୋଗ କମଲ ନାଥଙ୍କୁ ପରାମର୍ଶ ଦେଇ କହିଛନ୍ତି ଯେ ନିର୍ବାଚନ ପାଇଁ ଆଚରଣ ବିଧି ବଳବତର ଥିବାବେଳେ ଏପରି ଶବ୍ଦ ସର୍ବସାଧାରଣରେ ବ୍ୟବହାର କରାଯିବା ଉଚିତ ନୁହେଁ।

## ତିର୍ତୋଲ ଉପନିର୍ବାଚନ...

ତିର୍ତୋଲବାସୀ ନିଶ୍ଚୟ ଜିତାଇବେ ଏବଂ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ହାତମୁଠାକୁ ଟାଣ କରିବେ । ଅପରପକ୍ଷରେ ଶାସକ ଦଳ ବିଜେଡ଼ି ନେତୃତ୍ୱରେ ତିର୍ତୋଲର ବିକାଶ ହୋଇନାହିଁ । କରୋନା ସମୟରେ ପ୍ରଧାନମନ୍ତ୍ରୀ ଗରିବ କଲ୍ୟାଣ ଯୋଜନାରେ ମାଗଣାରେ ଚାଉଳ, ଡ଼ାଲି ଦେବାର ବ୍ୟବସ୍ଥା କରିଥିଲେ ମଧ ବିଜେଡ଼ି ସରକାର ଏଠାରେ ଠିକ୍‌ରେ ବାଂଟି ପାରିନାହାନ୍ତି । କରୋନା କାଳରେ ଅବ୍ୟବସ୍ଥା ଚରମ ସୀମାରେ ପହଂଚିଛି। ଚଳିତ ଉପନିର୍ବାଚନରେ ବିଜେପି ନୁହେଁ ତିର୍ତୋଲବାସୀ ନିର୍ବାଚନ ଲଢୁଛନ୍ତି । ଶାସକ ଦଳର ଲୋକମାନେ ଅହଂକାରୀ ହୋଇଛନ୍ତି । ମାତ୍ର ଏଥିରେ ଲୋକମାନେ ପ୍ରଭାବିତ ହେବେ ନାହିଁ । ଭୋଟରଙ୍କୁ ଅପମାନିତ କରିବାର ଅଧିକାର କାହାର ନାହିଁ । ଓଡ଼ିଶାରେ ଦୀର୍ଘ ୨୨ ବର୍ଷ ଧରି ଗୋଟିଏ ଅପାରଗ, ଦୁର୍ନୀତିଗସ୍ତ, ସମ୍ବେଦନହୀନ ସରକାର ଦାୟିତ୍ୱରେ ଅଛି । ଏପ୍ରକାର ସରକାରକୁ ପରାଜୟ କରିବା ପାଇଁ ତିର୍ତୋଲବାସୀ ଏହି ନିର୍ବାଚନରେ ମନବଳାଇଛନ୍ତି ବୋଲି କେନ୍ଦ୍ରମନ୍ତ୍ରୀ କହିଛନ୍ତି । ସେ କହିଛନ୍ତି ଜଗତସିଂହପୁର ଜିଲ୍ଲା ପାଇଁ ମୋଦି ସରକାର କୋରନା ସମୟରେ ପ୍ରଧାନମନ୍ତ୍ରୀ ଗରିବ କଲ୍ୟାଣ ଓ ଅନ୍ୟାନ୍ୟ ଯୋଜନାରେ ୫୭୪.୩୪ କୋଟିର ଆର୍ଥିକ ସହାୟତା ଦିଆଯାଇଛି । ପିଏମ ଗରିବ କଲ୍ୟାଣ ଯୋଜନାରେ ଜିଲ୍ଲାର ୮.୫୭ ଲକ୍ଷ ହିତାଧିକାରୀଙ୍କୁ ୫ କେଜି ଲେଖାଏଁ ଚାଉଳ ହିସାବରେ ୮୯.୯୮ କୋଟି ମୂଲ୍ୟର ୨୯,୯୯୫ ଟନ ଚାଉଳ ପ୍ରଦାନ କରାଯାଇଛି । ୨.୩୦ ଲକ୍ଷ ପରିବାରକୁ ୧ କେଜି ଲେଖାଁଏ ଡ଼ାଲି ହିସାବରେ ୧୯.୩୨ କୋଟି ମୂଲ୍ୟର ୧୬୧୦ ଟନ୍ ଡ଼ାଲି ଏବଂ ୧.୨୧ ଲକ୍ଷ ଉଜ୍ଜଳା ହିତାଧିକାରୀଙ୍କୁ ୧୯.୩୨ କୋଟି ମୂଲ୍ୟର ୩.୬୩ ଲକ୍ଷ ଏଲପିଜି ସିଲିଣ୍ଡର କୋଭିଡ୍-୧୯ ପ୍ରୋତ୍ସାହନ ଏବଂ ସହାୟତା ପ୍ୟାକେଜ୍ ସ୍ୱରୂପ ଦିଆଯାଇଛି । ଜଗତସିଂହପୁର ଜିଲ୍ଲାର ୨.୮୪ ଲକ୍ଷ ଜନଧନ ଆକାଉଂଟଧାରୀ ମହିଳାଙ୍କୁ ୧୫୦୦ ଟଙ୍କା ଲେଖାଏଁ ହିସାବରେ ମୋଟ ୪୨.୬୦ କୋଟି ଟଙ୍କା ବ୍ୟାଙ୍କ୍ ଆକାଉଣ୍ଟକୁ ଟ୍ରାନ୍ସଫର କରାଯାଇଛି। ଜାତୀୟ ସାମାଜିକ ସୁରକ୍ଷା ଭତା ଯୋଜନାରେ ବରିଷ୍ଠ ନାଗରିକ, ଦିବ୍ୟାଙ୍ଗ, ବିଧବାଙ୍କ ପାଇଁ ୧ ହଜାର ଟଙ୍କା ହିସାବରେ ଜଗତିସଂହପୁରର ୧.୭୧ ଲକ୍ଷ ହିତାଧିକାରୀଙ୍କୁ ମୋଟ ୧୭.୧୦ କୋଟି ଟଙ୍କା ଦିଆଯାଇଛି । ପ୍ରଧାନମନ୍ତ୍ରୀ କିଷାନ ସମ୍ମାନ ନିଧିଯୋଜନା ଅଧୀନରେ ଥିବା ୬୭ ହଜାର ହିତାଧିକାରୀଙ୍କୁ ୨ ହଜାର ଟଙ୍କା ଲେଖାଏଁ ପ୍ରଦାନ କରାଯାଇଛି । ଏହି ଯୋଜନାରେ ଜଗତସିଂହପୁରର ଚାଷୀଙ୍କୁ ମୋଟ ୧୩.୪୦ କୋଟି ଟଙ୍କା ପ୍ରଦାନ କରାଯାଇଛି । କରୋନା ସମୟରେ ଜଗତସିଂହପୁରର ୫୭ ହଜାର ୪୬୭ ନିର୍ମାଣ ଶ୍ରମିକଙ୍କୁ କୋଠା ଏବଂ ନିର୍ମାଣ ଶ୍ରମିକ କଲ୍ୟାଣ ପାଣ୍ଠିରୁ ମୁଣ୍ଡ ପିଛା ୧୫୦୦ ଟଙ୍କା ଲେଖାଏଁ ପ୍ରଦାନ କରାଯାଇଥିବା ବେଳେ ମୋଟ ୮.୬୨ କୋଟି ଟଙ୍କା ପ୍ରଦାନ କରାଯାଇଛି । କୋଭିଡ୍ -୧୯ ପରିଚାଳନା ପାଇଁ ଜଗତସିଂହପୁରକୁ ୪ କୋଟି ଟଙ୍କା ଓ ମଇ ୨୦୨୦-୨୧ରେ ହୋଇଥିବା ଅମ୍ଫନ ବାତ୍ୟା ପାଇଁ ଜଗତସିଂହପୁର ଜିଲ୍ଲାକୁ ୧୨୫ କୋଟି ଟଙ୍କାର ସହାୟତା ପ୍ରଦାନ କରାଯାଇଛି । ଅପରପକ୍ଷରେ ଜଗତସିଂହପୁର ଜିଲ୍ଲାରେ ବିଭିନ୍ନ ପ୍ରକଳ୍ପ ପାଇଁ ଭାରତ ସରକାର ୫୭,୭୬୭.୪୩ କୋଟି ଟଙ୍କା ଖର୍ଚ୍ଚ କରିଛନ୍ତି ।

## ରସଲପୁରରେ...

ହୋଇ ରସଲପୁର ସରପଞ୍ଚ ଶୁଭେଶ ନାୟକ ଓରଫ୍ ପିଣ୍ଟୁଭାଇଙ୍କ ନେତୃତ୍ୱରେ ବହୁ କର୍ମୀ ଓ ଛାମୁଆ ଆନୁଷ୍ଠାନିକ ଭାବେ ବିଜେପିରେ ଯୋଗଦାନ କରିଥିଲେ। କେନ୍ଦ୍ରମନ୍ତ୍ରୀ ଶ୍ରୀ ଷଡ଼ଙ୍ଗୀ ନବାଗତ କର୍ମୀ ଓ ଛାମୁଆଙ୍କୁ ଦଳରେ ସ୍ୱାଗତ କରିବା ସହିତ ରାଜ୍ୟ ସରକାରଙ୍କ ଅହଙ୍କାର କ୍ଷୁର୍ଣ୍ଣ କରିବାର ବେଳ ଉପନୀତ ହୋଇଥିବା କହିଥିଲେ। ଚଳିତ ଉପ-ନିର୍ବାଚନରେ ବିଜେପି ପ୍ରତି ବଢୁଥିବା ଜନସମର୍ଥନରେ ବିଚଳିତ ବିଜେଡିର ମନ୍ତ୍ରୀ ଓ ନେତା ଶେଷରେ ଦିବଂଗତ ବିଧାୟକ ମଦନ ମୋହନ ଦତ୍ତଙ୍କ ପ୍ରତି ଆକ୍ଷେପମୂଳକ ଶବ୍ଦ ଉଚ୍ଚାରଣ କରି ଚାଲିଛନ୍ତି ବୋଲି ସେ ପ୍ରକାଶ କରିଥିଲେ। ଏହା କେବଳ ଦୁର୍ବଳତାର ଲକ୍ଷଣ ବୋଲି ଶ୍ରୀ ଷଡ଼ଙ୍ଗୀ କହିଥିଲେ। ଏହି ଅବସରରେ ଆୟୋଜିତ ରୋଡ଼ ସୋ ଓ ପଦଯାତ୍ରରେ କେନ୍ଦ୍ରମନ୍ତ୍ରୀଙ୍କ ସମେତ ବଜେପିର ପୁରୁଣା ଓ ନୂଆ କର୍ମୀମାନେ ଯୋଗଦେଇ ପ୍ରାର୍ଥୀ ମାନସ ଦତ୍ତଙ୍କ ପାଇଁ ଭୋଟଭିକ୍ଷା କରିଥିଲେ। ବିଜେଡିର ମିଥ୍ୟା ପ୍ରତିଶ୍ରୁତିରେ ନ ଭୁଲି ଆଞ୍ଚଳିକ ବିକାଶ ପାଇଁ ଅଧିକ ସଂଖ୍ୟାରେ ଭୋଟ ଦେଇ ତାଙ୍କୁ ଜିତାଇବାକୁ ଜନସାଧାରଣଙ୍କୁ ସମସ୍ତେ ନିବେଦନ କରିଥିଲେ।

# ରାଜ୍ୟରେ ବିଭିନ୍ନ ଜିଲ୍ଲାରେ କରୋନା ସ୍ଥିତି

ଭୁବନେଶ୍ୱର,୩୦।୧୦ (ନି.ପ୍ର): ଆଜି ଖୋର୍ଧା ଜିଲ୍ଲାରେ ୧୫୯ ଟି ନୂଆ କରୋନା ମାମଲା ସାମନାକୁ ଆସିବା ପରେ ଜିଲ୍ଲାରେ କରୋନା ସଂକ୍ରମିତଙ୍କ ସଂଖ୍ୟା ବଢି ୪୮୪୪୬ହୋଇଛି । ରାଜା ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗ ଦ୍ୱାରା ଏହି ସୂଚନା ଦିଆ ଯାଇଛି । ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ଦିଆ ଯାଇଥିବା ସୂଚନା ଅନୁସାରେ ଆଜି ସୁଦ୍ଧା ଅନୁଗୁଳ ଜିଲ୍ଲାରେ ୮,୦୧୧, ବାଲେଶ୍ୱର ଜିଲ୍ଲାରେ ୧୦,୨୦୭, ବରଗଡ ଜିଲ୍ଲାରେ ୮,୫୬୮, ଭଦ୍ରକ ଜିଲ୍ଲାରେ ୬,୬୯୮ ଜଣ କରୋନା ଆକ୍ରାନ୍ତ ଚିହ୍ନଟ ହୋଇଛନ୍ତି । ବଲାଙ୍ଗିର ଜିଲ୍ଲାରେ ୬,୬୮୬. ବୌଦ୍ଧ ଜିଲ୍ଲାରେ ୨,୫୫୫, କଟକ ଜିଲ୍ଲାରେ ୨୫,୭୭୨, ଦେବଗଡ ଜିଲ୍ଲାରେ ୧,୦୪୮, ଢେଙ୍କାନାଳ ଜିଲ୍ଲାରେ ୫,୦୭୪. ଗଜପତି ଜିଲ୍ଲାରେ ୩,୮୪୮, ଗଂଜାମ ଜିଲ୍ଲାରେ ୨୧,୧୪୭ , ଜଗତସିଂହପୁର ଜିଲ୍ଲାରେ ୭,୪୭୬ ଜଣ କରୋନା ଆକ୍ରାନ୍ତ ଚିହ୍ନଟ ହୋଇଛନ୍ତି । ଯାଜପୁର ଜିଲ୍ଲାରେ ୧୦,୮୧୨ , ଝାରସୁଗୁଡା ଜିଲ୍ଲାରେ ୬,୩୩୩, କଳାହାଣ୍ଡି ଜିଲ୍ଲାରେ ୫,୧୨୫, କନ୍ଧମାଳ ୫,୬୩୭, କେନ୍ଦ୍ରାପଡା ଜିଲ୍ଲାରେ ୭,୫୧୬, କେନ୍ଦୁଝର ଜିଲ୍ଲାରେ ୬,୨୬୯ କରୋନା ଆକ୍ରାନ୍ତ ଚିହ୍ନଟ ହୋଇଛନ୍ତି । କୋରାପୁଟ ଜିଲ୍ଲାରେ ୭,୩୪୫ , ମାଲକାନଗିରି ଜିଲ୍ଲାରେ ୪,୮୧୨, ମୟୁରଭଂଜ ଜିଲ୍ଲାରେ ୧୧,୨୮୨. ନବରଙ୍ଗପୁର ଜିଲ୍ଲାରେ ୫,୨୪୪ ଜଣ କରୋନା ଆକ୍ରାନ୍ତ ଚିହ୍ନଟ ହୋଇ ସାରିଥିବା ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ସୂଚନା ଦିଆ ଯାଇଛି ।'ନୟାଗଡ ଜିଲ୍ଲାରେ ୫,୯୬୩, ନୂଆପଡା ଜିଲ୍ଲାରେ ୫,୫୫୨ , ପୁରୀ ଜିଲ୍ଲାରେ ୧୨,୪୬୩, ରାୟଗଡା ଜିଲ୍ଲାରେ ୮,୦୬୯. ସମ୍ବଲପୁର ଜିଲ୍ଲାରେ ୭,୯୪୩ . ସୁବର୍ଣ୍ଣପୁର ଜିଲ୍ଲାରେ ୪,୪୦୩ ଓ ସୁନ୍ଦରଗଡ ଜିଲ୍ଲାରେ ୧୦,୯୦୯ ଜଣ କରୋନା ଆକ୍ରାନ୍ତ ଚିହ୍ନଟ ହୋଇଛନ୍ତି । ରାଜ୍ୟପୁଲରେ ଆକ୍ରାନ୍ତଙ୍କ ସଂଖ୍ୟା ବଢି ୭,୪୪୩ ହୋଇଛି।

# ତିର୍ତୋଲ ବିଧାନସଭା ଉପ ନିର୍ବାଚନ ପାଇଁ ସୁରକ୍ଷା ସ୍ଥିତି ସମୀକ୍ଷା କଲେ ଡିଜି

ଭୁବନେଶ୍ୱର,୩୦।୧୦ (ନି.ପ୍ର): ରାଜ୍ୟ ପୋଲିସ ମହା ନିର୍ଦ୍ଦେଶକ ଅଭୟ ଶୁକ୍ରବାର ଦିନ ଜଗତ ସିଂହପୁର ଜିଲ୍ଲାର ତିର୍ତୋଲରେ ଅନୁଷ୍ଠିତ ହେବାକୁ ଥିବା ଉପ ନିର୍ବାଚନରେ ସୁରକ୍ଷା ସ୍ଥିତିକୁ ନେଇ ସମୀକ୍ଷା କରିଛନ୍ତି । ଏହୀ ସମୀକ୍ଷା ବୈଠକରେ ଜଗତସିଂହପୁର ଜିଲ୍ଲାର ଏସପି, ଏଡିଜି, ଲ ଏଣ୍ଡ ଅର୍ଡର ତଥା ଗୁଇନ୍ଦା ବିଭାଗର ନିର୍ଦ୍ଦେଶକଙ୍କ ସହ ଅନ୍ୟ ବରିଷ୍ଠ ଅଧିକାରୀ ଉପସ୍ଥିତ ଥିଲେ ।

# ରାସ୍ତାପାର୍ଶ୍ୱ ଦୋକାନୀଙ୍କୁ ଉଚ୍ଛେଦ ପ୍ରତିବାଦରେ ବିକ୍ଷୋଭ ଓ ଦାବିପତ୍ର ପ୍ରଦାନ

ଭଦ୍ରକ,୩୦।୧୦ (ନି.ପ୍ର): ସାରା ଭଦ୍ରକ ପୌରପାଳିକା ଅଂଚଳରେ ଯେଉଁ ରାସ୍ତା ପାର୍ଶ୍ୱ ଦୋକାନୀମାନେ ଜୀବିକା ଅର୍ଜନ କରୁଥିଲେ, ପୌର କର୍ତ୍ତୃପକ୍ଷ ସହରକୁ ସୁନ୍ଦର କରିବା ଆଳରେ ସେମାନଙ୍କୁ ବେଆଇନ୍ ଭାବେ ଉଚ୍ଛେଦ କରିବା ପାଇଁ ଆଦେଶ ଦେଇଛନ୍ତି । ଏହି ବେଆଇନ୍ ଉଚ୍ଛେଦକୁ ବନ୍ଦ କରିବା ପାଇଁ ଦାବିକରି ପୌରପାଳିକା କାର୍ଯ୍ୟନିର୍ବାହୀ ଅଧିକାରୀ ଓ ଅତିରିକ୍ତ ଜିଲାପାଳଙ୍କୁ ଦାବିପତ୍ର ପ୍ରଦାନ କରାଯାଇଛି। ଏଠାରେ ସୂଚନାଯୋଗ୍ୟ କରୋନା ମହାମାରୀ ସମୟରେ ରାସ୍ତା ପାର୍ଶ୍ୱ ଦୋକାନୀମାନେ ଜୀବିକା ହରାଇ ଭୋକରେ ଦିନ କାଟୁଥିବାବେଳେ ସରକାର ୩ ହଜାର ଟଙ୍କା ଆର୍ଥିକ ସହାୟତା ଦେଇଥିଲେ। ଏବଂ ସରକାରଙ୍କ ପକ୍ଷରୁ ପଥପାର୍ଶ୍ୱ ଦୋକାନୀମାନଙ୍କୁ ଭେଣ୍ଡିଂ ଭୋନ୍ ଆକ୍ଟର ଫର୍ମ -III ପାରା ୭ ଅନୁସାରେ ଭେଣ୍ଡିଂ ସାର୍ଟିଫିକେଟ୍ ଦେଇଅଛନ୍ତି । ସେହି ସାର୍ଟିଫିକେଟ୍ ମୂଳେ ପ୍ରାୟତଃ ପଥପାର୍ଶ୍ୱ ଦୋକାନୀଙ୍କୁ ୧୦ ହଜାର ଟଙ୍କା ଲୋନ୍ ମଧ ଦେଇଛନ୍ତି। ପରିତାପର ବିଷୟ କରୋନା ମହାମାରୀ ବେଳେ ଏହି ଦୋକାନୀମାନଙ୍କୁ 'ବାଟ ନାଶ କରେ ଝିପିରି ପାଣି, କୂଳ ନାଶକରେ ତିନି ଠାୟାଣି' ପରି ସେମାନଙ୍କୁ ବିଭିନ୍ନ ସମୟରେ ଏଠୁ ନେଇ ସେଠି କରାଯାଉଥିବାର ପ୍ରତିବାଦ କରିଥିଲେ। ଏହି ପ୍ରତିବାଦ ସଭାରେରେ ସହରର ବନ୍ତଛକ ଅଂଚଳର ସମସ୍ତ ଉଠାଦୋକାନୀ, ଶ୍ରମିକ ନେତା ଦିବ୍ୟସିଂହ ନାୟକ, ବ୍ରଜ ସାହୁ, ମଙ୍ଗରାଜ ମଲିକ, ଗୋଲାମ ଖାଁ, ଧନୀ ଜେନା, ବଳଭଦ୍ର ପଣ୍ଡା, ସେକ୍ ଅସରଫ, ମଜୋହର କାଦରୀ, ଶଙ୍କର୍ଷଣ ସାହୁ, ଆଶୁତୋଷ ସାହୁ, ସୁଲତାନ ଖାଁ, ସବିର ଖାଁ, ସେକ୍ ଅଜଗର, ସଦମ ଖାନ, ଗୋପାଳ ବାରିକ, ଅବଦୁଲ ଖାଲିକ, ବିଶ୍ୱନ ପାଢୀ, ଗୋରା ଖାଁ, ଗନୀ ଖାଁ, ଗୋରା ଖାନ ପ୍ରମୁଖ ଯୋଗଦେଇ ଏହି ବେଆଇନ୍ ଉଚ୍ଛେଦ ବନ୍ଦ କରିବା ପାଇଁ ଦାବି କରିଥିଲେ। ଏହି ବେଆଇନ୍ ଉଚ୍ଛେଦ ବନ୍ଦ କରାନଗଲେ ଆଗାମୀ ଦିନରେ ଆନ୍ଦୋଳନ ଜୋରଦାର କରିବାକୁ ସିଟୁ ନେତା ଦିବ୍ୟସିଂହ ନାୟକ ଆହ୍ୱାନ ଦେଇଛନ୍ତି।

# ପାରାଦ୍ୱୀପ ଜାହାଜ ମନ୍ତ୍ରଣାଳୟ ଦ୍ୱାରା ସାର୍ବଜନୀନ ପରାମର୍ଶ ନିମନ୍ତେ ଉପକୂଳ ନୌବାହନ ବିଧେୟକ-୨୦୨୦ ଚିଠା ଜାରି

ପାରାଦ୍ୱୀପ,୩୦।୧୦ (ନି.ପ୍ର): ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ବ୍ୟାପକ ଦୃଷ୍ଟିକୋଣ ଅନୁଯାୟୀ ଶାସନ ବ୍ୟବସ୍ଥାରେ ଜନସାଧାରଣଙ୍କର ସହଯୋଗିତା ସୁନିଶ୍ଚିତ କରିବା ପାଇଁ ଓ ସ୍ୱଚ୍ଛତା ଆଣିବା ସକାଶେ କେନ୍ଦ୍ର ଜାହାଜ ଚଳାଚଳ ମନ୍ତ୍ରଣାଳୟ ପକ୍ଷରୁ ସମସ୍ତ ହିତାଧିକାରୀ ତଥା ଜନସାଧାରଣଙ୍କ ଅଭିମତ ଆମନ୍ତ୍ରଣ କରାଯାଇ ଉପକୂଳ ନୌବାହନ ବିଧେୟକ-୨୦୨୦ ର ଚିଠା ଜାରୀ କରାଯାଇଛି । ଏହା ବ୍ୟାପାର ନୌବହନ ଅଧିନିୟମ ୧୯୫୮ ଭାଗ ୧୪ ବଦଳରେ ଏହି ଚିଠା ପ୍ରସ୍ତୁତ ହୋଇଛି । ଏଥିରେ ମୁଖ୍ୟାଂଶରେ ଉପକୂଳ ନୌବହନ ଓ ଉପକୂଳ ଜଳସୀମାର ସଂଖ୍ୟାକୁ ଅଧିକ ବ୍ୟାପକ କରାଯାଇଛି । ଏହି ବ୍ୟବସ୍ଥାରେ ଭାରତୀୟ ପତାକା ବହନ କରୁଥିବା ଜାହାଜ ଗୁଡିକ ଲାଗି ଆବଶ୍ୟକ ବ୍ୟାପାରିକ ଲାଇସେନ୍ସ କୁ ଉଚ୍ଛେଦ କରାଯିବାର ପ୍ରସ୍ତାବ ରହିଛି । ଚିଠା ପ୍ରସ୍ତାବକ ବିଧେୟକ ରେ ଉପକୂଳ ଜାହାଜ ଗୁଡିକରେ ହେଉଥିବା ନୌବହନରେ ଭାରତୀୟ ଜାହାଜ ଗୁଡିକର ଅଂଶଗ୍ରହଣକୁ ପ୍ରୋତ୍ସାହିତ କରିବାର ପ୍ରସ୍ତାବ ରହିଛି । ଏହାଦ୍ୱାରା ପରିବହନ ଖର୍ଚ୍ଚ ଯଥେଷ୍ଟ ହ୍ରାସ ପାଇବ । ଏହି ବିଧେୟକ ରେ ଆନ୍ତର୍ଯ୍ୟାତିକ ଜଳମାର୍ଗ ସହିତ ଉପକୂଳ ସାମୁଦ୍ରିକ ନୌପରିବହନକୁ ସଂଯୁକ୍ତ କରିବାର ପ୍ରସ୍ତାବ ରହିଛି । ଜାହାଜ ମନ୍ତ୍ରଣାଳୟ ୱେବ୍‌ସାଇଟ୍‌ରେ ଏହାକୁ ଅପ୍‌ଲୋଡ କରାଯାଇଛି । ବିଧେୟକ ଚିଠା ବିଷୟରେ ନାଗରିକ ମାନେ ନିଜର ମତାମତ ଓ ରାୟ ନଭେମ୍ବର ୬ ତାରିଖ ସୁଧା କୋଷ୍ଟାଲ ସିପିଂ ୨୦୨୦ ଆଟ୍ ଦି ରେଟ୍ ଜିମେଲ୍ ଡଟ୍ କମ୍‌ରେ ଦେଇପାରିବେ ବୋଲି ପାରାଦ୍ୱୀପ ବନ୍ଦର ଜନ ସମ୍ପର୍କ ବିଭାଗ ପକ୍ଷରୁ ଏକ ପ୍ରେସ୍ ବିଜ୍ଞପ୍ତିରୁ ପ୍ରକାଶ ।

# ଶାସକଦଳ ନେତା-ମନ୍ତ୍ରୀଙ୍କ ଅମାନବୀୟ ମନ୍ତବ୍ୟକୁ ବିରୋଧ

## ବିଜେପି ମହିଳା ମୋର୍ଚ୍ଚାର ମୌନ ଧାରଣା



ବାଲେଶ୍ୱର,୩୦।୧୦ (ନି.ପ୍ର): ଦିବଂଗତ ବିଧାୟକ ମଦନ ମୋହନ ଦତ୍ତଙ୍କ ସମ୍ପର୍କରେ ଶାସକ ଦଳ ବିଜେଡିର ନେତା ଓ ମନ୍ତ୍ରୀଙ୍କ ଅମାନବୀୟ ମନ୍ତବ୍ୟ ପ୍ରଦାନ ପ୍ରତିବାଦରେ ବିଜେପି ମହିଳା ମୋର୍ଚ୍ଚା ପକ୍ଷରୁ ମୌନ ଗଣଧାରଣା ସ୍ଥାନୀୟ ଶହୀଦ ପାର୍କଠାରେ ଆଜି ଅନୁଷ୍ଠିତ ହୋଇଯାଇଛି । ରାଜ୍ୟ ମହିଳା ମୋର୍ଚ୍ଚା ସଭାପତି ସ୍ମୃତି ପଟ୍ଟନାୟକ, ରାଜ୍ୟ ସମ୍ପାଦିକା ସିପ୍ରା ବାଜପେୟୀ, ରାଜ୍ୟ କାର୍ଯ୍ୟକାରିଣୀ ସଦସ୍ୟା ଶୋଭନା ମହାନ୍ତି, ଜିଲ୍ଲା ମହିଳା ମୋର୍ଚ୍ଚା ସଭାପତି କମଳା ବିଦ୍ଧାଣୀ, ନଗର ମୋର୍ଚ୍ଚା ସଭାପତି ପିଙ୍କି ପ୍ରଧାନ ପ୍ରମୁଖ ଏଥିରେ ଯୋଗଦେଇ ଶାସକ ଦଳ ମନ୍ତ୍ରୀ ଓ ନେତାଙ୍କ ଅମାନବିକତା ଆଚରଣ ଓ ଉଚ୍ଚାରଣକୁ ତୀବ୍ର ସମାଲୋଚନା କରିଥିଲେ । ନିଜ ଦଳୀୟ ମନ୍ତ୍ରୀ ଓ ନେତାଙ୍କ ଏଭଳି ଆଚରଣକୁ ସମର୍ଥନ କରି ମୁଖ୍ୟମନ୍ତ୍ରୀ ପଦେ ହେଲେ କିଛି ନ କହିବା ଅତ୍ୟନ୍ତ ଦୁର୍ଭାଗ୍ୟର ବିଷୟ ବୋଲି ନାରୀନେତ୍ରୀମାନେ ପ୍ରକାଶ କରିଛନ୍ତି । ସ୍ୱର୍ଗତ ମଦନ ମୋହନ ଦତ୍ତଙ୍କୁ ଭଲ ପାଉଥିବା ବାଲେଶ୍ୱରବାସୀ ଏହାର ଉଚିତ ବିଚାର କରିବେ ବୋଲି ସେମାନେ ମତ ଦେଇଛନ୍ତି । ଅନ୍ୟମାନଙ୍କ ମଧ୍ୟରେ ସସ୍ମିତା ଚାନ୍ଦ, ସସ୍ମିତା ଦାସ, ଆଶାଲତା ବାଦୀ, ସୁସ୍ମିତା ପଣ୍ଡା, ତରୁଲତା ମହାନ୍ତିଙ୍କ ବହୁ ନାରୀନେତ୍ରୀ ଏଥିରେ ଉପସ୍ଥିତ ରହି ଗଣଧାରଣା କାର୍ଯ୍ୟକ୍ରମକୁ ପରିଚାଳନା କରିଥିଲେ ।

ନାମଲେଖା ଚାଲିଛି

“ସା ବିଦ୍ୟା ଯା ବିମୁକ୍ତୟେ”

ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିର

ମାତୃ ବିହାର, ମାନସିଂହବଜାର, ବାଲେଶ୍ୱର

R.T.E. Act ଅନୁସାରେ ସମାଜରେ ଆର୍ଥିକ ଅନଗ୍ରସର, ଅବହେଳିତ ଓ ଗରିବ ପିଲାମାନଙ୍କ ପାଇଁ ୨୫% ନିଃଶୁଳ୍କ ଶିକ୍ଷାଦାନ ବ୍ୟବସ୍ଥା ରହିଛି ।

ଭାରତୀୟ ସଂସ୍କୃତି ଓ ପରମ୍ପରା ଆଧାରିତ ଶିକ୍ଷାନୁଷ୍ଠାନ

ଯୋଗାଯୋଗ : ୮୨୮୦୧୫୯୬୩୫ / ୯୪୩୯୧୯୦୯୫୦

# ନଗ୍ରମ ପଞ୍ଚାୟତରେ ବିଜେଡିର ଜୋରଦାର ପ୍ରଚାର




ବାଲେଶ୍ୱର,୩୦।୧୦ (ନି.ପ୍ର): ବାଲେଶ୍ୱର ସଦର ଉପ-ନିର୍ବାଚନକୁ ଆଉ ମାତ୍ର ୩ ଦିନ ରହିଥିବା ବେଳେ ଦଳୀୟ ପ୍ରାର୍ଥୀଙ୍କ ବିଜୟ ପାଇଁ ପ୍ରତ୍ୟେକ ରାଜନୈତିକ ଦଳମାନେ ପ୍ରଚାର କାର୍ଯ୍ୟକୁ ବେଶ୍ ଜୋରଦାର କରିଥିବା ଦେଖିବାକୁ ମିଳିଛି । ଏହି ପରିପ୍ରେକ୍ଷୀରେ ସଦର ବ୍ଲକ ଅନ୍ତର୍ଗତ ନଗ୍ରମ ପଞ୍ଚାୟତରେ ନିର୍ବାଚନୀ ସଭା ଓ ଶୋଭାଯାତ୍ରା ଆଜି ଅନୁଷ୍ଠିତ ହୋଇଯାଇଛି । ରାଜ୍ୟ ଗଣଶିକ୍ଷାମନ୍ତ୍ରୀ ସମୀର ଦାସ, ଆଇନ୍ ମନ୍ତ୍ରୀ ପ୍ରତାପ ଜେନା, ପୂର୍ବତନ ସାଂସଦ ପ୍ରସନ୍ନ ପାଟ୍ଟଶାଣୀ, ଓଡ଼ିଆ ସିନେ ତାରକା ଅରିନ୍ଦମ୍ ରାୟ ଓ ଆକାଶ ଦାସନାୟକ, ବିଜେଡି ବିଧାୟକ ପ୍ରାର୍ଥୀ ସ୍ୱରୂପ ଦାସ, ନଗ୍ରମ ପଞ୍ଚାୟତ ପର୍ଯ୍ୟବେକ୍ଷକ ହରପ୍ରସାଦ ସାହୁ, ପୂର୍ବତନ ଜିଲ୍ଲା ପରିଷଦ ସଭାପତି ଗିରୀଶ ଦାଶ, ବିଜୁ ଯୁବ ଜନତା ଦଳ ଜିଲ୍ଲା ସଭାପତି ଶୁଭେନ୍ଦୁ ମଙ୍ଗରାଜ ପ୍ରମୁଖ ଏଥିରେ ଯୋଗଦେଇ ରାଜ୍ୟ ସରକାରଙ୍କ ୨୧ ବର୍ଷ ସ୍ୱଚ୍ଛ ଶାସନର ସଫଳତା ଓ ବିକାଶ ଧାରା ସମ୍ପର୍କରେ ତଥ୍ୟ ଉପସ୍ଥାପନ କରିଥିଲେ । ବିଶେଷ କରି ଜନ୍ମଠାରୁ ମୃତ୍ୟୁ ପର୍ଯ୍ୟନ୍ତ ସମାଜର ପ୍ରତ୍ୟେକ ବର୍ଗଙ୍କ ପାଇଁ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଖଞ୍ଜି ଦେଇଥିବା ମାଳ ମାଳ ଯୋଜନାର ସଫଳ ରୂପାୟନ ଉପରେ ସେମାନେ ଗୁରୁତ୍ୱାରୋପ କରିଥିଲେ । ବିକାଶ ଧାରାକୁ ଆଗକୁ ନେବା ପାଇଁ ବିଜେଡି ପ୍ରାର୍ଥୀ ସ୍ୱରୂପ ଦାସଙ୍କୁ ଅଧିକ ଭୋଟରେ ଜିତାଇବାକୁ ନେତାମାନେ ଭୋଟରଙ୍କୁ ନିବେଦନ କରିଥିଲେ । ସୁଦର୍ଶନ ବେହେରା, ବଳରାମ ସାହୁ, ପ୍ରଦୀପ ଜେନା, ଦିବ୍ୟଶଙ୍କର ଜେନା, ରମେଶ ଜେନା, ମନୋରଂଜନ ଦାସ ପ୍ରମୁଖ ଦଳୀୟ କର୍ମକର୍ତ୍ତାମାନେ ଏହି କାର୍ଯ୍ୟକ୍ରମକୁ ପରିଚାଳନା କରିଥିଲେ ।

# ୨୪ ଘଂଟାରେ ୧୮୦୦ ସୁସ୍ଥ

ଭୁବନେଶ୍ୱର,୩୦।୧୦ (ନି.ପ୍ର): ରାଜ୍ୟରେ କରୋନା ସଂକ୍ରମଣରୁ ଶୁକ୍ରବାର ୧୮୦୦ ଆକ୍ରାନ୍ତ ସୁସ୍ଥ ହୋଇଛନ୍ତି । ଏଥି ସହିତ ରାଜ୍ୟରେ କରୋନାରୁ ସୁସ୍ଥ ହୋଇଥିବା ଆକ୍ରାନ୍ତଙ୍କ ସଂଖ୍ୟା ୨ ଲକ୍ଷ ୭୩ ହଜାର ୮୩୮ରେ ପହଂଚିଛି । ରାଜ୍ୟ ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗ ପକ୍ଷରୁ ଏହି ସୂଚନା ଦିଆଯାଇଛି । ସ୍ୱାସ୍ଥ୍ୟ ବିଭାଗର ସୂଚନା ଅନୁସାରେ ଖୋର୍ଦ୍ଧା ଜିଲ୍ଲାରୁ ଆଜି ୨୩୩ ଜଣ ଆକ୍ରାନ୍ତ ସୁସ୍ଥ ହୋଇଛନ୍ତି । କଟକ ଜିଲ୍ଲାରୁ ୧୪୮ ଜଣ, ନୂଆପଡ଼ା ଜିଲ୍ଲାରୁ ୧୦୦ ଜଣ, ମୟୂରଭଂଜ ଜିଲ୍ଲାରୁ ୯୪ ଜଣ, ଅନୁଗୁଳ ଜିଲ୍ଲାରୁ ୮୧ ଜଣ, ସୁନ୍ଦରଗଡ଼ ଜିଲ୍ଲାରୁ ୭୬ ଜଣ, କେନ୍ଦୁଝର ଜିଲ୍ଲାରୁ ୭୪ ଜଣ, ବାଲେଶ୍ୱର ଜିଲ୍ଲାରୁ ୭୨ ଜଣ, ପୁରୀ ଜିଲ୍ଲାରୁ ୬୯ ଜଣ, ଯାଜପୁର ଜିଲ୍ଲାରୁ ୬୬ ଜଣ, ବରଗଡ଼ ଜିଲ୍ଲାରୁ ୬୫ ଜଣ, କେନ୍ଦ୍ରାପଡ଼ା ଜିଲ୍ଲାରୁ ୬୨ ଜଣ, ବଲାଙ୍ଗୀର ଜିଲ୍ଲାରୁ ୬୧ ଜଣ, ଭଦ୍ରକଓ ଜଗତସିଂହପୁର ଜିଲ୍ଲାରୁ ୬୦ ଜଣ ଲେଖାଏଁ ଓ ନବରଂଗପୁରରେ ୫୩ ଜଣ କରୋନାରୁ ସୁସ୍ଥ ହୋଇଛନ୍ତି । ସେହିପରି କୋରାପୁଟ ଜିଲ୍ଲାରୁ ୪୪ ଜଣ, କଳାହାଣ୍ଡି ଜିଲ୍ଲାରୁ ୪୨ ଜଣ, ଝାରସୁଗୁଡ଼ା ଜିଲ୍ଲାରୁ ୪୦ ଜଣ, ଢେଙ୍କାନାଳ, ସମ୍ବଲପୁର, ମାଲକାନଗିରି ଜିଲ୍ଲାରୁ ୩୫ ଜଣ ଲେଖାଏଁ, ଗଂଜାମ, କନ୍ଧମାଳ, ସୁବର୍ଣ୍ଣପୁର ଜିଲ୍ଲାରୁ ୨୯ ଜଣ ଲେଖାଏଁ, ନୟାଗଡ଼ ଜିଲ୍ଲାରୁ ୨୭ ଜଣ, ରାୟଗଡ଼ା ଜିଲ୍ଲାରୁ ୧୨ ଜଣ, ଦେବଗଡ଼ ଜିଲ୍ଲାରୁ ୮ ଜଣ, ଗଜପତି ଜିଲ୍ଲାରୁ ୭ ଜଣ, ବୌଦ୍ଧ ଜିଲ୍ଲାରୁ ୬ ଜଣ ଓ ରାଜ୍ୟପୁଲରୁ ୪୮ ଜଣ କରୋନାରୁ ସୁସ୍ଥ ହୋଇଛନ୍ତି ।

# ରୋଟାରୀ କ୍ଲବ ଅଫ ସୁବର୍ଣ୍ଣରେଖା ରାଇବଣିଆର ୨ୟ ଅଧିଷ୍ଠାନ ଉତ୍ସବ ପାଳିତ

ଜଳେଶ୍ୱର,୩୦।୧୦ (ନି.ପ୍ର): ଜଳେଶ୍ୱରରେ ୨ବର୍ଷ ଧରି କାର୍ଯ୍ୟ କରୁଥିବା ରୋଟାରୀ କ୍ଲବ ଅଫ ସୁବର୍ଣ୍ଣରେଖା ରାଇବଣିଆର ୨ୟ ଅଧିଷ୍ଠାନ ଦିବସ ଦିଗମ୍ବରୀ ଦେବୀ ଆଇଟିଆଇ ପରିସରରେ ଅନୁଷ୍ଠିତ ହୋଇ ଯାଇଛି । ସଭାର ପ୍ରଥମ ପର୍ଯ୍ୟାୟରେ ବିଦାୟୀ ସଭାପତି ଡ. ଲଳିତ ରଂଜନ ସେନାପତି ଅଧ୍ୟକ୍ଷତା କରିଥିବା ବେଳେ ୨ୟ ପର୍ଯ୍ୟାୟରେ ଡ. ଅଜିତ୍ କୁମାର ମହାନ୍ତି ସଭାପତି ପଦ ଅଳଙ୍କୃତ କରିଥିଲେ । ଏଥିରେ ମୁଖ୍ୟ ଅତିଥିଭାବେ ଜଳେଶ୍ୱରର ଆଇଆଇସି ମାନସ କୁମାରେ ଦେଓ ସେବାର ପ୍ରତୀକ ରୋଟାରୀ କ୍ଲବ ବିଶ୍ୱରୁ ପୋଲିଓ ରୋଗ ହଟାଇବାରେ ସକ୍ଷମ ହୋଇ ପାରିଛି ଏବଂ ଆଗାମୀ ଦିନରେ ଏପରି ଅନ୍ୟ କୌଣସି ରୋଗ କିମ୍ବା ଭୂତାଣୁ ଦୂର କରିବାରେ ପ୍ରଚେଷ୍ଟା କରିବା ଉଚିତ୍ ବୋଲି କହିଥିଲେ । ୨୦୨୧-୨୨ ପାଇଁ କାର୍ଯ୍ୟକାରୀ ପରିଷଦର ସଭ୍ୟ ମାନଙ୍କ ନାମ ଘୋଷଣା କରାଯାଇଥିଲା । ବିଦାୟୀ ସଂପାଦକ ଅଧ୍ୟାପକ ନୀଳକଣ୍ଠ ଖଣ୍ଡା ବିଗତ ଦିନରେ ମାଧବ ଚନ୍ଦ୍ର ହାଇସ୍କୁଲ ପରିସରରେ ବୃକ୍ଷ ରୋପଣ, ଜଳେଶ୍ୱର ହାଇସ୍କୁଲକୁ ଏକ ପ୍ରଜେକ୍ଟର ଯୋଗାଣ, କରୋନା ସମୟରେ ବ୍ୟାପକ ସଚେତନତା ସହିତ ମାସ୍କ ଓ ସେନିଟାଇଜର ବିତରଣ କରାଯାଇଥିବା ସଂପର୍କରେ କହିଥିଲେ । ଆସନ୍ତା ଦିନରେ ରୋଟାରୀ କ୍ଲବର ବିଭିନ୍ନ କାର୍ଯ୍ୟକ୍ରମ ହାତକୁ ନେବା ସଂପର୍କରେ ସଭାପତି ଡ. ମହାନ୍ତି ଓ ସଂପାଦକ ଶ୍ରୀ ନାୟକ ସୂଚନା ଦେଇଥିଲେ । ଅନ୍ୟ ମାନଙ୍କ ମଧ୍ୟରେ ବରିଷ୍ଠ ସଦସ୍ୟ ପ୍ରଫେସର ଶ୍ୟାମାଚରଣ ଦାସ, ସୁଧିର କର ଓ ସୁକୁମାର ରଣା ଏଥିରେ ଯୋଗ ଦେଇଥିଲେ । କୋଭିଡ୍-୧୯ ଆଇନ୍‌କୁ ଦୃଷ୍ଟିରେ ରଖି ଏହି କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା ।

# ୫୭ନଂ ରାଜ୍ୟ ରାଜପଥର ଆମ୍ବଳିଆଠାରେ ଦୁର୍ଘଟଣା

ଜଳେଶ୍ୱର, ୩୦/୧୦ (ନି.ପ୍ର) : ଆଜି ଅପରାହ୍ନରେ ଜଳେଶ୍ୱର -ଚନ୍ଦନେଶ୍ୱର ୫୭ ତମ ରାଜ୍ୟ ରାଜପଥର ଆମ୍ବଳିଆଠାରେ ଏକ ବାଇକ୍‌କୁ ଏକ ସ୍କୁଟି ଧକ୍କା ଦେବାରୁ ୩ଜଣ ଆହତ ହୋଇଥିବା ଜଣାଯାଇଛି । ର । ସ୍ତ । କ ଡ ରେ ଓଡି୦୧ଏମ୍୪୦୫୦ ବାଇକ୍‌ଟି ଛିଡା ହୋଇଥିବା ବେଳେ ଓଡି୦୧ଏଇ-୨୬୩୫ ସ୍କୁଟି ପଛପଟୁ ଧକ୍କା ଦେବାରୁ ୩ ଜଣ ଆହତ ହୋଇ ଚିକିତ୍ସାଧିନ ରହିଛି । ଆମ୍ବଳିଆଠା ଗାଁର ନାରାୟଣ କର (୩୦)ର ବାମ ଗୋଡ ଭାଂଗି ଯାଇଥିବାରୁ ତାର ଅଧିକ ଚିକିତ୍ସାଲାଗି ବାଲେଶ୍ୱର ସ୍ଥାନାନ୍ତର କରାଯାଇଛି । ଆମ୍ବଳିଆଠା ଗ୍ରାମ ନିକଟରେ ଏକ ପେଟ୍ରୋଲପମ୍ପ ଓ ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିର ଥିବାରୁ ଗ୍ରାମର ଜଗବଂଧୁ ଜେନା, ସୁବଳ କୁମାର ଜେନା, ରବିନାରାୟଣ ପାତ୍ର, ପ୍ରଣବେଶ ଜେନା, ବାସନ୍ତି ପ୍ରଧାନ, ଶୁଷମା ଜେନା ପ୍ରମୁଖ ଦାବି କରିଛନ୍ତି ।

# ସାର ଦୋକାନରୁ ନାଗ ନାଗୁଣୀ ଉଦ୍ଧାର



ବାରିପଦା,୩୦।୧୦ (ନି.ପ୍ର): ବାରିପଦା ସହର ଉପକଣ୍ଠସ୍ଥ ଶ୍ୟାମାଖୁଂଟା ବ୍ଲକର କରିଆ ଛକରେ ଥିବା ଏକ ସାର ଦୋକାନ ଭିତରୁ ଆଜି ଏକ ନାଗ ନାଗୁଣୀ ଯୋଡିକୁ ଉଦ୍ଧାର କରାଯାଇଛି । ଘଟଣାରୁ ପ୍ରକାଶ ଯେ, କରିଆ ଛକରେ ଥିବା ଜଗଦିଶ ମହାନ୍ତଙ୍କ ସାର ଦୋକାନରେ ନାଗ ନାଗୁଣି ଯୋଡି ରହିଥିବାର ଦେଖି ଦୋକାନୀ ସ୍ଥାନୀୟ ଲୋକଙ୍କୁ ଖବର ଦେଇଥିଲେ । ଦୀର୍ଘ ସମୟ ଧରି ଏହି ନାଗ ନାଗୁଣି ଯୋଡି ଦୋକାନ ଭିତରୁ ନବାହାରିବାରୁ ସାପଧରାଳି କୃଷ୍ଣ ଚନ୍ଦ୍ର ଗୋଚ୍ଛାୟତଙ୍କୁ ଖବର ଦିଆଯାଇଥିଲା । କୃଷ୍ଣଚନ୍ଦ୍ର ତୁରନ୍ତ ଘଟଣା ସ୍ଥଳରେ ପହଂଚି ନାଗ ନାଗୁଣିଙ୍କୁ ସୁରକ୍ଷିତ ଭାବରେ ଉଦ୍ଧାର କରିଥିବାର ଜଣାଯାଇଛି । ନାଗ ନାଗୁଣି ଦେଖିବାକୁ ସ୍ଥାନୀୟ ଅଂଚଳରେ ବେଶ ଭୀଡ ଜମୀଥିବାର ଦେଖାଯାଇଥିଲା ।

# ବାଲେଶ୍ୱରରେ ଏଆଇଟିୟୁସିର ଶତବାର୍ଷିକ ସମାରୋହ




ବାଲେଶ୍ୱର,୩୦।୧୦ (ନି.ପ୍ର): ଦେଶର ପ୍ରଥମ ଶ୍ରମିକ ସଂଗଠନ ଏ.ଆଇ.ଟି.ୟୁ.ସି.ର ଶତବାର୍ଷିକ ସମାରୋହର ଉଦ୍‌ଯାପନ ଉତ୍ସବ ପତ୍ତୁଆଁପଦାସ୍ଥିତ ଉଠାଜଳସେଚନ କର୍ମଚାରୀ ଭବନରେ ଆଜି ଅନୁଷ୍ଠିତ ହୋଇଯାଇଛି । ରାଜ୍ୟ କମିଟିର ଉପସଭାପତି ତଥା ପୂର୍ବତନ ବିଧାୟକ ସାଥୀ ନାରାୟଣ ରେଡ୍ଡି ଉତ୍ସବକୁ ଉଦ୍‌ଘାଟନ କରିଥିଲେ । ଜିଲ୍ଲା ସଭାପତି ଭାଗବତ ପ୍ରତିହାରୀଙ୍କ ଅଧକ୍ଷତାରେ ଆୟୋଜିତ ସାଧାରଣ ସଭାରେ ବିଭିନ୍ନ ଶ୍ରମିକ ସଂଗଠନର ପ୍ରତିନିଧିମାନେ ଓ ଭ୍ରାତୃପ୍ରତିମ ସଂଗଠନର ନେତୃତ୍ୱ ସେମାନଙ୍କ ବକ୍ତବ୍ୟରେ ପରାଧୀନ ଭାରତରେ ପ୍ରତିଷ୍ଠିତ ଏ.ଆଇ.ଟି.ୟୁ.ସି. ସ୍ୱାଧୀନତା ସଂଗ୍ରାମରେ ଓ ଶ୍ରମିକଶ୍ରେଣୀର ଦାବିହାସଲରେ ଗୌରବମୟ ସଂଗ୍ରାମୀ ଇତିହାସର ସ୍ମୃତିଚାରଣ କରିଥିଲେ । ବର୍ତ୍ତମାନର କେନ୍ଦ୍ର ଓ ରାଜ୍ୟ ସରକାର ଶ୍ରମଜୀବୀମାନଙ୍କ ଅଧିକାରକୁ ଛଡ଼ାଇ ନେବାକୁ ଯେଉଁ ଉଦ୍ୟମ ଆରମ୍ଭ କରିଛନ୍ତି, ସେଥିପାଇଁ ଆସନ୍ତା ୨୬ ତାରିଖ ଦେଶବ୍ୟାପୀ ସାଧାରଣ ଧର୍ମଘଟକୁ ସଫଳ କରିବାପାଇଁ ବକ୍ତାମାନେ ଆହ୍ୱାନ ଦେଇଥିଲେ ।ଏ.ଆଇ.ଟି.ୟୁ.ସି.ର ଚେୟାରମ୍ୟାନ୍ ପ୍ରଦୀପ୍ତ ପଣ୍ଡା, ଆଇ.ଏନ୍.ଟି.ୟୁ.ସି.ର ଯୁବ ସଭାପତି ବିକାଶ ଦାସ, ସି.ଆଇ.ଟି.ୟୁ.ର ଜିଲ୍ଲା ଆବାହକ ରାଜକିଶୋର ଲେଙ୍କା, ପ୍ରତିରକ୍ଷା କର୍ମଚାରୀ ସମନ୍ୱୟ ସମିତି ତରଫରୁ ରବିନାରାୟଣ ମିଶ୍ର ଓ ନିରଞ୍ଜନ ଦାସ, ଡାକକର୍ମଚାରୀ ନେତା ଗୋପାଳ ଚନ୍ଦ୍ର ପଡ଼ିଆରୀ, ଉଠାଜଳସେଚନର ମଧୁସୂଦନ ଜେନା, ଅଙ୍ଗନୱାଡ଼ି କର୍ମୀସଂଘର ନେତ୍ରୀ ଆରତୀ ଦାସ ମହାପାତ୍ର, ନିର୍ମାଣ ଶ୍ରମିକ ସଂଘର ଜିଲ୍ଲା ସଭାପତି ଅନାମ ପ୍ରସାଦ ବାରିକ, ବିଦ୍ୟୁତ୍ କର୍ମଚାରୀ ନେତା ଭରତ ଚନ୍ଦ୍ର ସେଠୀ, ଉତ୍କଳ ମହିଳା ସମିତିର ଜିଲ୍ଲା ସମ୍ପାଦିକା ବନ୍ଦନା ବିଶ୍ୱାସ, ଜିଲ୍ଲା କମିଟିର ଆଇନ ପରାମର୍ଶଦାତା ନିରଞ୍ଜନ ପରିଡ଼ା, ରାଜ୍ୟ ସଂପାଦକ ମାୟାଧର ନାୟକ ଓ ରିକ୍ସାଚାଳକ ସଂଘର ଉମାକାନ୍ତ ଜେନା ପ୍ରମୁଖ ବକ୍ତବ୍ୟ ପ୍ରଦାନ କରି କେନ୍ଦ୍ର ସରକାରଙ୍କ ଦ୍ୱାରା ମାଲିକ ପୁଞ୍ଜିପତି ସ୍ୱାର୍ଥରେ ଶ୍ରମଆଇନ୍ ସଂଶୋଧନକୁ ବିରୋଧ କରି ଆଗାମୀ ଆନ୍ଦୋଳନକୁ ସଫଳ କରିବାକୁ ଆହ୍ୱାନ ଦେଇଥିଲେ । ଆସନ୍ତା ୩୧ ତାରିଖ ରାଜ୍ୟସ୍ତରୀୟ ଶତବାର୍ଷିକ ଉଦ୍‌ଯାପନ ଉତ୍ସବରେ ବାଲେଶ୍ୱର ଜିଲ୍ଲାରୁ ଦଶଜଣ ପ୍ରତିନିଧି ଯୋଗଦେବାକୁ ନିଷ୍ପତ୍ତି ନିଆଯାଇଛି । ଉତ୍ସବର ପ୍ରାରମ୍ଭରେ ରାଜ୍ୟ ଉପସଭାପତି ଗୌରାଙ୍ଗ ପାଣିଗ୍ରାହୀ ଲାଲ୍ ପତାକା ଉତ୍ତୋଳନ କରିଥିଲେ ଓ ଜିଲ୍ଲା ସଂପାଦକ ଶ୍ୟାମସୁନ୍ଦର ଜେନା ପ୍ରାରମ୍ଭିକ ସୂଚନା ଦେଇଥିଲେ । ଶରତଚନ୍ଦ୍ର ଦଳାଇ ଶେଷରେ ସମସ୍ତଙ୍କୁ ଧନ୍ୟବାଦ ଦେଇଥିଲେ ।

# ବିଶ୍ୱ ମିତବ୍ୟୟୀତା ଦିବସ ପାଇଁ ଜନ ସଚେତନତା ରଥ ଉଦ୍‌ଘାଟିତ




ଭଦ୍ରକ,୩୦।୧୦ (ନି.ପ୍ର): ଭଦ୍ରକ ଜିଲ୍ଲା ସ୍ୱଳ୍ପସଂଚୟ ବିଭାଗ ପକ୍ଷରୁ ଜିଲ୍ଲାସ୍ତରୀୟ ବିଶ୍ୱ ମିତବ୍ୟୟୀତା ଦିବସ ପାଳିତ ହୋଇଯାଇଛି । ଏହି ଅବସରରେ ଏକ ଜନ ସଚେତନତା ରଥ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ପରିସରରେ ଉଦ୍‌ଘାଟିତ ହୋଇଥିଲା । ଜିଲ୍ଲାପାଳ ଡ. ଜ୍ଞାନ ଦାସ ମୁଖ୍ୟଅତିଥିଭାବରେ ଯୋଗ ଦେଇ ପତାକା ଦେଖାଇ ଏହି ରଥକୁ ଉଦ୍‌ଘାଟନ କରିଥିଲେ । ଅନ୍ୟତମ ଅତିଥି ଭାବେ ଅତିରିକ୍ତ ଜିଲ୍ଲାପାଳ (ସାଧାରଣ) ଶ୍ୟାମଭକ୍ତ ମିଶ୍ର, ଅତିରିକ୍ତ ଜିଲ୍ଲାପାଳ (ରାଜସ୍ୱ) ଅରୁଣ କୁମାର ମହାପାତ୍ର, ଜିଲ୍ଲା ସୂଚନା ଓ ଲୋକସଂପର୍କ ଅଧିକାରୀ ଗୋଲଖ ଚନ୍ଦ୍ର ବେହେରାଙ୍କ ସମେତ ସମସ୍ତ ଜିଲ୍ଲାସ୍ତରୀୟ ଅଧିକାରୀ, କର୍ମଚାରୀ, ସ୍ୱଳ୍ପ ସଂଚୟ ବିଭାଗର ଏଜେଣ୍ଟମାନେ ଯୋଗ ଦେଇଥିଲେ । ଆଜି ସଂଚନ୍ତୁ କାଲିକି ହସନ୍ତୁ, ମିତବ୍ୟୟୀ ହୋଇ ଧନ ସଞ୍ଚିବା ନିଜ ଭବିଷ୍ୟତ ନିଜେ ଗଢିବା, ପ୍ରଥମେ ସଂଚୟ ଦ୍ୱିତୀୟରେ ବ୍ୟୟ, ବ୍ୟୟ ପୂର୍ବରୁ ଯେ ସଂଚୟ କରେ ଅଭାବ ରହେନି ତାହାର ଘରେ ଭଳି ସଂଚୟର ଉପକାରିତା ବିଷୟରେ ବିଭିନ୍ନ ସ୍ଲୋଗାନ ସମ୍ବଳିତ ସଚେତନତା ବାର୍ତ୍ତା ରଥରେ ପ୍ରଚାର କରାଯାଇ ସହର ପରିକ୍ରମା କରିଥିଲା । ଏହି କାର୍ଯ୍ୟକ୍ରମକୁ ଜିଲ୍ଲା ସ୍ୱଳ୍ପସଂଚୟ ଅଧିକାରୀ ଦୀପକ ରାଉତ ପରିଚାଳନା କରିଥିଲେ ।

# କୋବିଡ ଗାଇଡଲାଇନ ଉଲ୍ଲଂଘନ ଅଭିଯୋଗରେ ରାଜ୍ୟରେ ୧୩ ଟି ମାମଲା, ୯୭ ଗିରଫ

ଭୁବନେଶ୍ୱର,୩୦।୧୦ (ନି.ପ୍ର): ଗତ ୨୪ ଘଂଟା ମଧ୍ୟରେ କୋବିଡ ଗାଇଡଲାଇନ ଉଲ୍ଲଂଘନ ଅଭିଯୋଗରେ ରାଜ୍ୟରେ ୧୩ ଟି ମାମଲା ରୁଜୁ ହୋଇଛି । ଏହି ସମୟ ମଧ୍ୟରେ ୯୭ ଜଣ ଗିରଫ ହୋଇଥିବା ବେଳେ ସେମାନଙ୍କ ଠାରୁ ୧୮, ୪୮୭୫୦ ଟଙ୍କା ଜୋରିମାନା ଆକାରରେ ଆଦାୟ କରା ଯାଇଛି । ରାଜ୍ୟ ପୋଲିସ ଦ୍ୱାରା ଟ୍ୱିଟ କରି ଏହି ସୂଚନା ଦିଆ ଯାଇଛି ।

# ଗୁଣୁପୁର ଉପଜିଲ୍ଲାପାଳଙ୍କ ଶରଧାପୁରର ଅପନ୍ତରା ଅଞ୍ଚଳ ଗସ୍ତ



ଗୁଣୁପୁର ,୩୦।୧୦ (ନି.ପ୍ର): ରାୟଗଡା ଜିଲ୍ଲା ଗୁଣୁପୁର ଉପଖଣ୍ଡ ମୁନିଗୁଡା ବ୍ଲକ ଶରଧାପୁରୁ ପଞ୍ଚାୟତର ଦୁର୍ଗମ ଅଞ୍ଚଳ ସାନକାନ୍ଦୁଲ ପଡା ଗ୍ରାମକୁ ଗୁଣୁପୁରୁ ଉପ-ଜିଲ୍ଲାପାଳ ଶ୍ରୀସୋନାଲ ଜେନା ଅପନ୍ତରା ରାସ୍ତାରେ ବାଡି ଧରି ଚାଲି ଚାଲି ଯାଇ ସେଠାରେ ପହଞ୍ଚି ଥିଲେ । ସେଠାରେ ବସବାସ କରି ରହିଥିବା ଲୋକମାନଙ୍କ ସମସ୍ୟା ବୁଝିଥିଲେ । ସରକାର ଲୋକମାନଙ୍କ ହିତ ତଥା ଉନ୍ନୟନ ପାଇଁ ଯୋଗାଉଥିବା ପ୍ରତ୍ୟେକ ବିଭାଗର ସେବା ଲୋକମାନେ ପାଇ ପାରୁଛନ୍ତି କି ନାହିଁ ସେଥିପ୍ରତି ଗୁରୁତ୍ୱ ଦେଇଥିଲେ । ଉପ ଜିଲ୍ଲାପାଳଙ୍କ ସହିତ ବିଡିଓ ଦିଲିପ୍ କୁମାର ବେହେରା, ଆରଡବ୍ଲୁଏସ୍ଏସ୍ ଯନ୍ତ୍ରୀ, ପିଇଓ, ବିଏସ୍ଏସ୍ଓ, ବ୍ଲକ ଯନ୍ତ୍ରୀ, ଜିଆର ଏସ୍ ପ୍ରମୁଖ ଉପସ୍ଥିତ ଥିଲେ ।

❒ ପରିଚାଳକ ତଥା କାର୍ଯ୍ୟନିର୍ବାହୀ ସମ୍ପାଦକ: ସୃଷ୍ଟିଧର ପରିଡ଼ା
❒ ସଂପାଦିକା : ସୈରିନ୍ଧ୍ରୀ ସାହୁ

Printed, Published & owned by Sairindhree Sahoo and Printed & Published at Sagarika press, Jail Road, Balasore-756001, Phone No- (06782) 263704,267078, Fax- (06782) 267078

❒ Managing & Executive Editor : Srustidhar Parida
❒ Editor: Sairindhree Sahoo